
ଶିଳ୍ପାଙ୍କୁ ଇଓଡବ୍ଲ୍ୟୁର ୫ ଘଣ୍ଟା ଜେରା
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 195 | ଭାଗ ୩୩ | ସଂଖ୍ୟା ୧୯୫ | Wednesday 8 October 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୮ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ଜାଲିଆତିର ଚେର ଖୋଜୁଛନ୍ତି ସରକାର




### ଓପିଆରବିକୁ ଜବାବ ତଲବ
### ଆଉଟସୋର୍ସିଂର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ
### ସରକାରୀ ନିଯୁକ୍ତିରୁ ହଟିବ ସବଲେଟ ସୁବିଧା

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ବିବାଦରେ ରାଜ୍ୟ ସରକାରଙ୍କୁ ବିରୋଧୀ ଦଳ ନିୟମିତ ଭାବେ ଘେରିଆସୁଥିବା ବେଳେ ଆଜି ରାଜ୍ୟ ସରକାର ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ଠାରୁ ଜବାବ ତଲବ କହିଛନ୍ତି। ପରୀକ୍ଷା ପରିଚାଳନାରେ ଓପିଆରବି କାହିଁକି ଘରୋଇ କମ୍ପାନୀମାନଙ୍କୁ ସମ୍ପୃକ୍ତ କରିଥିଲେ ସେ ସଂକ୍ରାନ୍ତରେ ସରକାର ଜବାବ ମାଗିଛନ୍ତି।

ସରକାରୀ ନିଷେଧାଜ୍ଞା ସତ୍ତ୍ୱେ ପରୀକ୍ଷା ଆୟୋଜନରେ ଆଉଟସୋର୍ସିଂକୁ ଦୁର୍ନୀତିର ମୂଳ କାରଣ ବୋଲି କୁହାଯାଉଛି। ସୂଚନାନୁଯାୟୀ, ଓଡ଼ିଶା ସରକାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଗତ ସେପ୍ଟେମ୍ବର ୨୨ ତାରିଖରେ ଏକ ଏସ୍ଓପି ଜାରି କରିଥିଲେ। ଯେଉଁଥିରେ ସରକାରୀ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ସରକାରୀ ସଂସ୍ଥାଗୁଡିକ ସବଲେଟିଂ ଦେବା ଉଚିତ ନୁହେଁ ବୋଲି କୁହାଯାଇଛି। ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ କରିବାକୁ ସରକାରୀ ଏଜେନ୍ସିଗୁଡ଼ିକ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷାକୁ ବାହ୍ୟ ପକ୍ଷକୁ ଆଉଟସୋର୍ସ କରିବାକୁ ବାରଣ କରାଯାଇଥିଲା। ଏସ୍ଓପିରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ଯେ ପରୀକ୍ଷା ଆୟୋଜନ ପାଇଁ ଏଜେନ୍ସି ଚୟନରେ ସର୍ବୋତ୍ତମ ସତର୍କତା ଅବଲମ୍ବନ କରାଯିବା ଉଚିତ ବୋଲି କୁହାଯାଇଥିଲା। କିନ୍ତୁ ପରୀକ୍ଷା କିମ୍ବା ଏହାର କୌଣସି ଅଂଶକୁ ଆଉଟସୋର୍ସ କରିବାକୁ ଅନୁମତି ଦିଆଯିବ ନାହିଁ।

ଅନେକ କମ୍ପାନୀ କ୍ଷୁଦ୍ର ଓ ଅଯୋଗ୍ୟ କମ୍ପାନୀଗୁଡ଼ିକୁ କାର୍ଯ୍ୟ ଆଉଟସୋର୍ସ କରୁଥାଏ, ଯାହା ଅନିୟମିତତାର କାରଣ ହୋଇପାରେ। ଏହି ଏସ୍ଓପି ଜାରି ହେବାର ଏକ ସପ୍ତାହ ପରେ ହିଁ ଗତ ୩୦ ତାରିଖରେ ଏସ୍ଆଇ ପାଇଁ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣା ଘଟିଥିଲା। ତେଣୁ କୋଉଠି ନା କୋଉଠି ସରକାର ଏସଆଇ ପରୀକ୍ଷା ପରିଚାଳନାକୁ ଆଉଟସୋର୍ସିଂ ପ୍ରକ୍ରିୟାରେ ଅନିୟମିତତାର ସୁରାକ ପାଇଥିବା ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି। ➪ପୃଷ୍ଠା-୬

## ବିଜେଡି ଲିଙ୍କ୍ ଜଳଜଳ
### ଚନ୍ଦନ ମୁଣ୍ଡରେ ଥିଲା ବବିଙ୍କ ଆଶୀର୍ବାଦ



ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ): ପୁଲିସ୍ ଏସ୍ଆଇ ନିଯୁକ୍ତି ଜାଲିଆତି ମାମଲାରେ କ୍ରାଇମ୍ ବ୍ରାଞ୍ଚ୍ ଛାନ୍‌ଭିନ୍ ଚାଲିଥିବା ବେଳେ ଏହି ଦୁର୍ନୀତିରେ ବିରୋଧୀ ବିଜେଡି ଲିଙ୍କ୍ ସାମନାକୁ ଆସିଛି। ନିଜେ ବିଜେଡି ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଥିଲେ ହେଁ ଏବେ ଏହି ଦଳର ଅସଲ ଚେହେରା ପଦାରେ ପଡ଼ିଛି। ଆଜି ଏହି ମାମଲାରେ ମଙ୍ଗଳବାର କ୍ରାଇମ୍ ବ୍ରାଞ୍ଚ୍ ଷଷ୍ଠ ଅଭିଯୁକ୍ତ ଭାବେ ଚନ୍ଦନ ମଲ୍ଲିକ ନାମକ ଯୁବକଙ୍କୁ ଗିରଫ କରିଥିବା ବେଳେ ତାଙ୍କର ବିଜେଡିର କେତେକ ପ୍ରମୁଖ ନେତାଙ୍କ ସହ ସମ୍ପର୍କ ରହିଥିବା କଥା ସାମ୍ନାକୁ ଆସିଛି। ଚନ୍ଦନଙ୍କ ଘର ବାଲେଶ୍ୱର ସଦର ବ୍ଲକର ଚାନ୍ଦିପୁର ଥାନା ଅଧୀନସ୍ଥ ରଣସାହି ପଞ୍ଚାୟତର ➪ପୃଷ୍ଠା-୬



## ୩ ବୈଜ୍ଞାନିକଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ୍

ସ୍ୱିଡେନ,୭।୧୦ : ୨୦୨୫ ବର୍ଷ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଆଜି ଘୋଷଣା କରାଯାଇଛି। ଆମେରିକାର ତିନି ବୈଜ୍ଞାନିକ ପଦାର୍ଥ ବିଜ୍ଞାନୀ ଜନ କ୍ଲାର୍କ, ବୈଜ୍ଞାନିକ ମିଶେଲ ଡେଭୋରେଟ ଓ ବୈଜ୍ଞାନିକ ଜନ ମାର୍ଟିନିସଙ୍କୁ ଏହି ପୁରସ୍କାର ମିଳିବ। ଏକ ବୈଦ୍ୟୁତିକ ସର୍କିଟରେ କ୍ୱାଣ୍ଟମ ମେକାନିକାଲ ଟନେଲିଂ ଓ ଏନର୍ଜି କ୍ୱାଣ୍ଟାଇଜେସନର ଆବିଷ୍କାର କ୍ଷେତ୍ରରେ ସଫଳତା ସକାଶେ ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ ସକାଶେ ମନୋନୀତ କରାଯାଇଛି। ରୟାଲ ସ୍ୱିଡିଶ ଏକାଡେମୀ ଏଫ ସାଇନସେସ ତରଫରୁ ଦିଆଯାଉଥିବା ଏହି ପୁରସ୍କାର ବାବଦରେ ୩ ବୈଜ୍ଞାନିକଙ୍କୁ ୧୧ ମିଲିଅନ ସ୍ୱିଡେଶ କ୍ରନର (ପ୍ରାୟ ୧୦ କୋଟି ଟଙ୍କା) ପ୍ରଦାନ କରାଯିବ। କ୍ଲାର୍କ ଏବଂ ମାର୍ଟିନିସ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଥିବାବେଳେ ଡେଭୋରେଟ ୟେଲ ବିଶ୍ୱବିଦ୍ୟାଳୟ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ ରହିଛନ୍ତି।

ଉପରୋକ୍ତ ୩ ବୈଜ୍ଞାନିକଙ୍କ ଗବେଷଣା କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଓ ସୁପର୍‌କଣ୍ଡକ୍ଟିଂ ସର୍କିଟ୍‌କୁ ନୂଆ ଦିଗ ଦେବ। ଏହି ୩ ବୈଜ୍ଞାନିକ ୧୯୮୦-୯୦ ଦଶକରେ କ୍ୱାଣ୍ଟମ୍ ମେକାନିକ୍ସକୁ ଇଲେକ୍‌ଟ୍ରୋନିକ୍ସ ସହ ଯୋଡ଼ିଥିଲା। କ୍ଲାର୍କ ବର୍କଲେସ୍ଥିତ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ବେଳେ ୧୯୮୦ରେ ସୁପର୍ କଣ୍ଡକ୍ଟିଂ ଡିଭାଇସ୍ ଜୋସେଫ୍‌ସନ୍ ଜଙ୍କ୍‌ସନ୍‌ରେ କ୍ୱାଣ୍ଟମ୍ ➪ପୃଷ୍ଠା-୬

### କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ଏସ୍ଏସ୍‌ସିଟିୟୁ ଲୋଗୋ ଉନ୍ମୋଚିତ

# ସାମାଜିକ ଆବଶ୍ୟକତା ପୂରଣକୁ ଗୁରୁତ୍ୱ



### ଯୋଗଦେଲେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ
### ଲୋଗୋରେ ଆଦିବାସୀ ଓ ସଂସ୍କୃତ ତତ୍ତ୍ୱ ଝଲକ
### ୮୦୦ କୋଟି ବ୍ୟୟରେ ବିକଶିତ ହେଉଛି ବିଶ୍ୱବିଦ୍ୟାଳୟ

ନୂଆଦିଲ୍ଲୀ,୭।୧୦: ବିଶ୍ୱବିଦ୍ୟାଳୟଗୁଡ଼ିକ ସାମାଜିକ ଆବଶ୍ୟକତା ପୂରଣ କରିବା ଦିଗରେ ପଦକ୍ଷେପ ନେବା ସହ ନୂତନତାର କେନ୍ଦ୍ର ହେବା ଉଚିତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ନୂଆଦିଲ୍ଲୀରୁ ଆଭାସୀ ମାଧ୍ୟମରେ ତେଲେଙ୍ଗାନାସ୍ଥିତ ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ (ଏସଏସସିଟିୟୁ)ର ଏକ ଲୋଗୋ ଉନ୍ମୋଚନ ଅବସରରେ ଶ୍ରୀ ପ୍ରଧାନ ଉପରୋକ୍ତ ମତ ଦେଇଛନ୍ତି। ଲୋଗୋ ଉନ୍ମୋଚନ ହୋଇଥିବାରୁ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବଧେଇ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଆଦିବାସୀ ଓ ସଂସ୍କୃତ ତତ୍ତ୍ୱଗୁଡ଼ିକୁ ନେଇ ଲୋଗୋଟି ଡିଜାଇନ ହୋଇଛି। ଏହି ଲୋଗୋ ଶିକ୍ଷାନୁଷ୍ଠାନର ଦୁଇଟି ମୁଖ୍ୟ ଭୂମିକାକୁ ଦର୍ଶାଉଛି। ଗୋଟିଏ ଆଦିବାସୀ ପରମ୍ପରା ଓ ଜ୍ଞାନର ସୁରକ୍ଷାକାରୀ ଏବଂ ଅନ୍ୟଟି ଶିକ୍ଷାଗତ ଉତ୍କର୍ଷର ଏକ ଆଲୋକସ୍ତମ୍ଭ ଭାବେ କାର୍ଯ୍ୟ କରିବା। ତେଲେଙ୍ଗାନାରେ ଏହି ଶିକ୍ଷାନୁଷ୍ଠାନର ସ୍ଥାପନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ସମାନତା, ଆଦିବାସୀ ସଶକ୍ତିକରଣ ଓ ତେଲେଙ୍ଗାନାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣର ଏକ ଜ୍ୱଳନ୍ତ ପ୍ରମାଣ। ପ୍ରାୟ ୮୦୦ କୋଟି ଟଙ୍କା ବ୍ୟୟରେ ଏହି ➪ପୃଷ୍ଠା-୬

### ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକୀ ଉଦ୍‌ଯାପିତ

# ବିଦ୍ୟାପୀଠ ଅଞ୍ଚଳ ପାଇଁ ଏକ ଆନ୍ଦୋଳନ



### ଅଡିଟୋରିଅମ ପାଇଁ କୋଟିଏ ଅନୁଦାନ
### ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ବାଙ୍କୀସ୍ଥିତ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଶତବାର୍ଷିକୀ ଉତ୍ସବ ଆଜି ଉଦ୍‌ଯାପିତ ହୋଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇବିଦ୍ୟାଳୟରେ ଏକ ଅଡିଟୋରିଅମ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ କୋଟିଏ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିସହ ବିଦ୍ୟାଳୟର ସମସ୍ତ ଆନୁଷଙ୍ଗିକ ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ନିଶ୍ଚିତ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି ଯେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଏହି ଏକ ଶତାବ୍ଦୀର ଯାତ୍ରା କୌଣସି ସାଧାରଣ ସମୟ ସୀମା ନୁହେଁ, ବରଂ ଏକ ଆଲୋକମୟ ପରିଚୟ। ଏହା କେବଳ ଗୋଟିଏ ବିଦ୍ୟାଳୟ ନୁହେଁ, ବରଂ ଏକ ଆନ୍ଦୋଳନ, ଯାହା ବାଙ୍କୀ ଅଞ୍ଚଳର ସାଧାରଣ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବା ସହ ସ୍ୱାଭିମାନ ଓ ସ୍ୱୟଂ ସଚେତନତାର ପ୍ରେରଣା ଦେଇଛି। ସ୍ଥାପନା ଦିନରୁ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ଯାତ୍ରା ସହଜ ହୋଇନଥିଲା। ସମୟର ପରିବର୍ତ୍ତନ, ସାମାଜିକ-ଆର୍ଥିକ ସଂକଟ, ଶିକ୍ଷା ପ୍ରଣାଳୀର ରୂପାନ୍ତରଣ ସବୁକିଛିକୁ ଏହା ଦେଖିଛି। କିନ୍ତୁ ଏହାର ମୂଲ୍ୟବୋଧ ବଦଳିନି। ଏହି ବିଦ୍ୟାଳୟ କେବଳ ବାଙ୍କୀ ନୁହେଁ, ଏହାର ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ମାଧ୍ୟମରେ ଜ୍ଞାନର ଆଲୋକ ବିକିରଣ କରିଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ 'ପିଏମ୍‌ଶ୍ରୀ' ଅଧୀନରେ ରାଜ୍ୟର ୭୬୨ ସ୍କୁଲକୁ ଆଦର୍ଶ ସ୍କୁଲ ଭାବେ ବିକଶିତ କରାଯିବ। ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ➪ପୃଷ୍ଠା-୬

## ଗ୍ରାନାଇଟ ଖଣିରେ ବିସ୍ଫୋରଣ: ୩ ମୃତ

ପାରଳାଖେମୁଣ୍ଡି,୭।୧୦(ସଂଚାର ବ୍ୟୁରୋ): ଗଜପତି ସୀମାନ୍ତ ଆନ୍ଧ୍ରପ୍ରଦେଶର ପାତ୍ରୁ ନିକଟ ମେଲିଆପୁଟି ମଣ୍ଡଳର ଗଙ୍ଗାରାଜୁପୁରମ ରାଜଯୋଗ ଗ୍ରାନାଇଟି ଖଣିରେ ଆଜି ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥି ସହିତ ଅନ୍ୟ ୩ଜଣ ଗୁରୁତର ଅଛନ୍ତି। ଶ୍ରମିକମାନେ କୁଆଁରିରେ କାମ କରୁଥିବା ବେଳେ ବିସ୍ଫୋରଣ ଘଟିଛି। ମୃତକମାନେ ହେଲେ ରାଜସ୍ଥାନର ହେମରାଜ ମେଘୱାଲ (୨୫), ବିହାରର ଶ୍ରବଣ କୁମାର (୪୫) ଓ ମଧ୍ୟପ୍ରଦେଶର ପିଣ୍ଟୁ। ୩ ଗୁରୁତର ଶ୍ରମିକଙ୍କର ପରିଚୟ ମିଳିନାହିଁ। ଆଜି ଅପରାହ୍ନ ୪ରେ ପଥର କୁଆଁରିରେ ବିସ୍ଫୋରଣ ପାଇଁ ସବୁ ସରଞ୍ଜାମ ଯୋଗାଡ କରି ରଖିଥିବା ବେଳେ ହଠାତ ବର୍ଷା ଆସିଥିଲା। ଫଳରେ ଶ୍ରମିକମାନେ ଜିନିଷପତ୍ର ଏଣେତେଣେ ରଖି ସେଠାରୁ ଚାଲି ଯାଇଥିଲେ। କିନ୍ତୁ ସେହି ସମୟରେ ବଜ୍ରାଘାତ ହେବାରୁ ବିସ୍ଫୋରଣ ହୋଇ ଦୁର୍ଘଟଣା ଘଟି ଥିବା କୁହାଯାଉଛି। ତେବେ ଅସାବଧନତା କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରଯାଉଛି। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଶ୍ରମିକମାନଙ୍କର ଶରୀରର ଅଧିକାଂଶ ଅଂଶ ଖଣ୍ଡ ବିଖଣ୍ଡିତ ହେବ ସହ ଜଳିଯାଇଛି। ଖବର ପାଇ ଆନ୍ଧ୍ରପ୍ରଦେଶର ମିଳିଆପୁଟି ପୁଲିସ, ପୁରୁଣାପାଟଣା ତହସିଲଦାର ଓ ଅଗ୍ନିଶମ କର୍ମଚାରୀ ଘଟଣା ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

# ବସ୍ ଉପରେ ଖସିଲା ପଥର; ୧୯ ମୃତ




ନୂଆଦିଲ୍ଲୀ,୭।୧୦: ହିମାଚଳ ପ୍ରଦେଶରେ ଜାରି ମୂଷଳଧାରା ବର୍ଷା ମଧ୍ୟରେ ବିଲାସପୁର ଜିଲ୍ଲାରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ଝଣ୍ଡୁତା ଉପଖଣ୍ଡର ବର୍ଥୀ କ୍ଷେତ୍ରର ଭଲ୍ଲୁ ସେତୁ ନିକଟରେ ଏକ ଘରୋଇ ବସ୍ ଭୂସ୍ଖଳନର ଶିକାର ହୋଇଛି। ପ୍ରବଳ ବର୍ଷା ପରେ ହଠାତ୍ ପାହାଡ଼ରୁ ବଡ଼ ବଡ଼ ପଥର ଓ ମାଟି ଅତଡା ଖସି ଆସି ବସ୍ ଉପରେ ପଡ଼ିଥିଲା। ଏହି ସମୟରେ ବସରେ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ। ବର୍ତ୍ତମାନ ସୁଦ୍ଧା ୧୯ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଖବର ସାମନାକୁ ଆସିଛି। ଅନ୍ୟ ନିଖୋଜ ଯାତ୍ରୀଙ୍କୁ ଖୋଜିବା କରିବା ପାଇଁ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଓ ଆହତଙ୍କ ଚିକିତ୍ସା ଲଗି ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ମାଟି ତଳେ ଚାପି ହୋଇଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ, ପ୍ରଶାସନ ଓ ସ୍ଥାନୀୟ ଲୋକ ରେସ୍କ୍ୟୁ ଅଭିଯାନରେ ଲାଗିଛନ୍ତି। ଏବେ ସୁଦ୍ଧା ୨ ପିଲାଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ➪ପୃଷ୍ଠା-୬

## ସ୍ୱାଭାବିକ ହେଉଛି କଟକ
### ହଟିଲା ଇଣ୍ଟରନେଟ କଟକଣା

ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): କଟକରେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଛି। ୪୮ ଘଣ୍ଟା ପରେ ଏହି ସେବା ଉପରେ ଲାଗିଥିବା କଟକଣାକୁ ଆଜି ସନ୍ଧ୍ୟାରେ ହଟାଇ ଦିଆଯାଇଛି। ଏଥିସହ କଟକରେ ସ୍ୱାଭାବିକ ସ୍ଥିତି କ୍ରମଶଃ ଫେରୁଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସକାଶେ ଗତ ରବିବାର ସନ୍ଧ୍ୟା ୭ଟାରୁ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଥିଲା। ହ୍ୱାଟ୍ସ ଆପ୍, ଫେସବୁକ୍, ଏକ୍ସ, ଇନ୍‌ଷ୍ଟାଗ୍ରାମ ପରି ସୋସିଆଲ୍ ମିଡିଆ ଉପରେ କଟକଣା ରହିଥିଲା। ଗତ ରବିବାର ➪ପୃଷ୍ଠା-୬




ଆଇନଜୀବୀଟେ ସୁରକ୍ଷିତ ନୁହେଁ
ନ୍ୟାୟ କିପରି ମିଳିବ ?
ଦୁର୍ବୃତ୍ତ କରନ୍ତି ବନ୍ଧୁକ ପ୍ରହାର
କାହାକୁ ଏ କଥା କହିବ
ଭରସା ଯେ ଉଠିଯିବ...
ରକ୍ତାକ୍ତ ହେଉଛି ଗଞ୍ଜାମ ଜିଲ୍ଲାଟା
କେବେ ଏହା ସୁଧୁରିବ ।

■ ଦେବାଶିଷ

# ସରକାରଙ୍କୁ ଘେରିବାକୁ ଯାଇ କାଠଗଡ଼ାରେ ବିଜେଡି

### ଖୋଲିଲାଣି ପୁରୁଣା ଫାଇଲ୍
### ଆତଙ୍କରେ ଦଳୀୟ ନେତା ଓ କର୍ମୀ



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ନୂଆପଡା ଉପନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଯାଇ ଏବେ ବିଜେଡି ନିଜେ କାଠଗଡାରେ। ଯେଉଁସବୁ ପ୍ରସଙ୍ଗରେ ବିଜେଡି ରାଜ୍ୟ ସରକାରଙ୍କୁ ଶାଣିତ ଆକ୍ରମଣ କରୁଛି ବିଜେଡି ଶାସନକାଳରେ ଅନୁରୂପ ପ୍ରସଙ୍ଗରେ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା ତାହାର ଫାଇଲ୍ ଖୋଲିବାରେ ଲାଗିଛି। ଉଭୟ ସରକାରୀ ଓ ରାଜନୈତିକ ସ୍ତରରେ ଏ ନେଇ ତତ୍ପରତା ପ୍ରକାଶ ପାଉଥିବାରୁ ବିଜେଡିର ନେତା ଓ କର୍ମୀମାନେ ଆତଙ୍କିତ ହୋଇ ପଡିଛନ୍ତି।

ପୁଲିସ୍ ଏଏସ୍ଆଇ ପରୀକ୍ଷାରେ ଦୁର୍ନୀତି ନେଇ ବିଜେଡି ଘନ ଘନ ସାମ୍ବାଦିକ ସମ୍ମିଳନୀ କରିବାରେ ଲାଗିଛି। ଆଗପଛ ନବିଚାରି ଦଳର ନେତାମାନେ ମନ୍ତବ୍ୟ ଦେଉଛନ୍ତି। ରାସ୍ତାକୁ ଓହ୍ଲାଇଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର ଏବେ ପୂର୍ବରୁ ବାତିଲ ହୋଇଥିବା ସମସ୍ତ ପରୀକ୍ଷାର ରିପୋର୍ଟ ମାଗିଛନ୍ତି। ଏହି ରିପୋର୍ଟ ଆସିଗଲେ ବିଜେଡି ସରକାର ଅମଳର ଅନେକ ପରୀକ୍ଷାର ଗୁମର ଖୋଲିବ ବୋଲି ଆଲୋଚନା ହେଉଛି। କେବଳ ଗୁମର ଖୋଲିବ ନାହିଁ, ଅନେକ ବିଜେଡି ନେତାଙ୍କ ନାମ ଏଥିରେ ଯୋଡିହୋଇ ଯିବ ବୋଲି କର୍ମୀମାନେ କହିବା ଆରମ୍ଭ କରିଛନ୍ତି।

ସେହିଭଳି ବ୍ରହ୍ମପୁର ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକୁ ନେଇ ବିଜେଡି ତତ୍କାଳ ସରକାରଙ୍କ ଉପରେ ଦୋଷ ଲଦିବାରେ ଲାଗିଛି। ଏପରିକି ବିଜେପି ସରକାରରେ ଖୋଦ ବିଜେପି ନେତା ସୁରକ୍ଷିତ ନୁହନ୍ତି ବୋଲି କହି କଟୁ ସମାଲୋଚନା କରିବାରେ ଲାଗିଛି। ତେବେ ବିଜେଡି କର୍ମୀମାନେ ଏଭଳି ସମାଲୋଚନାକୁ ନେଇ ଅକଳରେ ପଡି ଯାଇଛନ୍ତି। କାରଣ ଅଳ୍ପଦିନ ତଳେ ବିଜେଡି ସରକାରର କ୍ୟାବିନେଟ୍ ମନ୍ତ୍ରୀ ନବ ଦାସ ଦିନ ଦ୍ୱିପ୍ରହରରେ ହତ୍ୟାକାଣ୍ଡର ଶିକାର ହୋଇଥିଲେ। ଏହି ଘଟଣାର ତଦନ୍ତ ଏବେ ବି ଚାଲିଛି। ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ତାଙ୍କ ପରିବାର ଦାବି ବି କରୁଛନ୍ତି।

ସେହିଭଳି ରାଜ୍ୟରେ ଆଇନ୍‌ଶୃଙ୍ଖଳା ବିଗୁଡୁଥିବା ଦର୍ଶାଇ ବିଜେପି ➪ପୃଷ୍ଠା-୬

## ନୂଆପଡ଼ା ଉପନିର୍ବାଚନ
### ଘାସିରାମ କଂଗ୍ରେସ ପ୍ରାର୍ଥୀ



ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଗତକାଲି ଏନେଇ ଭାରତୀୟ ନିର୍ବାଚନ କମିଶନର୍ (ଇସିଆଇ) ପକ୍ଷରୁ ସୂଚନା ଦିଆଯିବା ପରେ ନୂଆପଡ଼ାରେ ନିର୍ବାଚନୀ ମାହୋଲ୍ ଜୋର୍ ଧରିଛି। ଏହି ଆସନରେ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରାଇବା ସକାଶେ ତିନିଟିଯାକ ପ୍ରମୁଖ ଦଳ ସେମାନଙ୍କ ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଲେଣି। ଏହି କ୍ରମରେ ଆଜି କଂଗ୍ରେସ ତା'ର ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ କରିଛି। ➪ପୃଷ୍ଠା-୬



## ତୁଳସୀକ୍ଷେତ୍ରରେ ରାଇ ଦାମୋଦର ନୀତି ଆରମ୍ଭ

**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଏକ ପବିତ୍ର ଏବଂ ଧର୍ମ ମାସ ହୋଇଥିବାରୁ ସହ ସହ ସଂଖ୍ୟାରେ ଭକ୍ତ ହବିଶୀଆଳିମାନେ କାର୍ତ୍ତିକ ବ୍ରତର ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ତୁଳସୀ ଚଉଁରା ନିକଟରେ ବ୍ରତ ଆରମ୍ଭ ପୂର୍ବକ ରାଇ ଦାମ ଦର ପୂଜା ହବିଷ ନୀତି ସନ୍ଧ୍ୟାରେ ଆକାଶ ଦୀପ ପ୍ରଜ୍ୱଳନ କରିଥିଲେ। ଏହା ସହ ମନ୍ଦିରରେ ସ୍ୱତନ୍ତ୍ର ନୀତି ପାଳନ କରାଯାଇଛି। ସକାଳ ଧୂପରେ ପୂଜାପଣ୍ଡା ମାନେ ଧୂପ ନୀତି ସମ୍ପନ୍ନ କରିବା ସଙ୍ଗେ ସ୍ୱତନ୍ତ୍ର ଦାମଦର ଧୂପ ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି। ଏହି ଭୋଗରେ ବ୍ୟବହୃତ ଉଖୁଡା ଖଇ, ନଡ଼ିଆ, ଧୁଆ ମୁଗ, ଚୁଡ଼ା, କଦଳୀ, ଘିଅ, ଗୁଡ, ନବା ଦହି ମାଟିସରାରେ ବଡ଼ ସାଇତି ସେବକଙ୍କ ପରସା ଯାଇ ଛାମୁଙ୍କ ନିକଟରେ ଭୋଗ ହୋଇଥାଏ । ଭୋଗ ସମ୍ପନ୍ନ ପରେ କର୍ପୁର ମୋଟା ଆଳତି ହୋଇଥାଏ । ଏହି ନୀତି କାର୍ତ୍ତିକ କୃଷ୍ଣ ପ୍ରତିପଦରୁ କାର୍ତ୍ତିକ ପୂର୍ଣ୍ଣିମା ଏକ ମାସ ଧରି ଚାଲିବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି ।

## କୁରୁକ୍ଷେତ୍ରର କପିଧ୍ୱଜ ରଥ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଯୋଜନାରେ କୁରୁକ୍ଷେତ୍ରର କପିଧ୍ୱଜ ମଡେଲର ରଥ ଉଦ୍‌ଘାଟିତ ହୋଇଯାଇଛି । କେଶପୁର ବଜାର ୬ନଂ ୱାର୍ଡ ପଂଚମୁଖୀ ହନୁମାନ ମନ୍ଦିର ନିକଟ ଛକରେ ଏହି ରଥ ସ୍ଥାପନ କରାଯାଇଛି । ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରଥ ଅଦରକାରୀ ଓ ବ୍ୟବହୃତ ପଲିଥିନ ସାମଗ୍ରୀର ପୁନଃ ପ୍ରକ୍ରିୟାକରଣ ଦ୍ୱାରା ଏହି ମୂର୍ତ୍ତି ନିର୍ମାଣ କରାଯାଇଛି । ଖୋର୍ଦ୍ଧା ତମାଣ୍ଡୋର ଓଡିଶା ପୋଗ୍ରେସିଭ ଆର୍ଟିଷ୍ଟ ଗ୍ରୁପ୍ ଦ୍ୱାରା ଏହି ପ୍ରକଳ୍ପକୁ ରୂପ ଦିଆଯାଇଛି । ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌରାଧକ୍ଷା ସରିତା ସାହୁ ଓ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ସମେତ ସାଂସଦଙ୍କ ପ୍ରତିନିଧି ସଲିମ ଖାନ, କଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ଉମେଶ ଚନ୍ଦ୍ର ନାୟକ, ପ୍ରଦିପ୍ତ ଜେନା, ହିରଣ୍ୟ ପଣ୍ଡା, ସେକ ଅସଲମ, ହବିବା ବେଗମ, ଫରଜନ ଖାତୁନ, ସମାଜସେବୀ ମନୀନ୍ଦ୍ର କୁମାର ରାଉତ, ସୌମେନ୍ଦ୍ର ପୃଷ୍ଟି, କାଳୀପ୍ରସାଦ ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଓ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଉପସ୍ଥିତ ଥିଲେ ।

## ସୋସିଆଲ ମିଡିଆରେ ଗୁଜବ ପ୍ରଚାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ

**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ଜିଲ୍ଲାରେ କୌଣସି ଗୁଜବକୁ ନେଇ ଅଶାନ୍ତି ନହେବାକୁ ପ୍ରଶାସନ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛି । ଏନେଇ ସୋସିଆଲ ମିଡ଼ିଆରେ ଗୁଜବ ତଥ୍ୟ ପ୍ରସାରଣ ନକରିବା ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଭୁଲ ତଥ୍ୟ ଆସିଲେ ପୁଲିସକୁ ଜଣାଇବା ପାଇଁ ନିବେଦନ କରାଯାଇଛି । ମେଲଣ ପୂର୍ବରୁ ହେବାକୁ ଥିବା ଦୁଇ ଦିନ ଭସାଣ ଶୋଭାଯାତ୍ରାରେ ଦୁଇ ଦିନ ରାତି ୧୨ଟା ପର୍ଯ୍ୟନ୍ତ ସାଉଣ୍ଡ ସିଷ୍ଟମକୁ ଅନୁମତି ପାଇଁ କମିଟି ତରଫରୁ ଦାବି ହୋଇଛି। ଶାନ୍ତି କମିଟି, ପୂଜା କମିଟି, ସମନ୍ୱୟ କମିଟି ମିଳିତ ବୈଠକରେ ଶାନ୍ତି ଶୃଙ୍ଖଳା ସହ ଗଜଲକ୍ଷ୍ମୀ ପୂଜା ଉତ୍ସବକୁ ପାଳନ କରିବାକୁ ନିଷ୍ପତି ହୋଇଛି । ଏନେଇ ଏସପି ସିଦ୍ଧାର୍ଥ କାଟରିଆ ସୋସିଆଲ ମିଡିଆରେ ଗୁଜବକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗଣମାଧମକୁ ସୂଚନା ଦେଇଛନ୍ତି ।

# ଲଘୁଚାପ ବର୍ଷା ଓ ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ

**ସଂକଟରେ ଚାଷୀକୁଳ**

**ପାଣିରେ ଶୋଇଛି ପାଚିଲା ଧାନ**

**ଗଜା ଆଶଙ୍କାରେ କମ୍ ଦାମରେ ବିକ୍ରି**



**ପଟ୍ଟାମୁଣ୍ଡାଇ,୭।୧୦ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଚାଷୀକୁଳ ଉପରେ ସତେ ଯେମିତି ପ୍ରକୃତି ଦାଉ ସାଜିଛି। ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ଫଳରେ ବିଭିନ୍ନ ଫସଲ ସମୂଳେ ନଷ୍ଟ ହୋଇଯାଇଛି । ବନ୍ୟା ପରେ ବହୁ ଆଶା ଭରସା ନେଇ ଚାଷୀମାନେ ବିଅଳି ଧାନ ଚାଷ କରିଥିଲେ। କିନ୍ତୁ ବନ୍ୟା ପରେ ଏକାଧିକ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଗତ ଏକ ସପ୍ତାହ ଧରି ଲଘୁଚାପ ଜନିତ ଲଗାଣବର୍ଷା ଫଳରେ ଚାଷ ଜମି ଗୁଡିକ ବର୍ଷା ପାଣିରେ ବୁଡି ରହିଛି । ବିଅଳି ଧାନ ଗୁଡିକ ପାଚି ଯାଇଥିବାରୁ ପାଚିଲା ଧାନ ଗଛ ଗୁଡିକ ବର୍ଷା ପାଣିରେ ବୁଡି ରହିଛି । ପାଣି ନିଷ୍କାସନ କରାଯାଉନଥିବାରୁ ବର୍ଷା ପାଣିରେ ବୁଡି ଯାଇଥିବା ଧାନ ଗଛର ଧାନ କେଣ୍ଡାଗୁଡିକ ଗଜା ହେବା ଆଶଙ୍କା କରାଯାଉଛି।

ଧାନ ଫସଲ ରକ୍ଷା ପାଇଁ ଚାଷୀମାନେ ସଅଳ ଧାନ କାଟିବା ପାଇଁ ଧାନ କଟା ମେସିନ ବ୍ୟବହାର କରିବା ପାଇଁ ଚାଁହୁ ଥିବାବେଳେ ଆବଶ୍ୟକ ମେସିନ ମିଳୁନାହିଁ । ଫଳରେ ଚାଷଜମିରେ ପାଚିଲା ଧାନ ପଡି ରହି ନଷ୍ଟ ହେବା ସାର ହେଉଛି । ଧାନ ନଷ୍ଟ ହେବା ଆଶଙ୍କାରେ ତରବରରେ ଧାନ କାଟିଥିବା ଚାଷୀମାନେ ଅଦର ଦରରେ ଧାନ ବିକିବା ଛଡା ଅନ୍ୟ ଉପାୟ ନାହିଁ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରି ସର୍ବସ୍ୱାନ୍ତ ହୋଇଥିବା ଚାଷୀମାନଙ୍କ ସଙ୍କଟ ସମୟରେ କୃଷି ବିଭାଗ କୁମ୍ଭକର୍ଣ୍ଣ ନିଦରେ ଶୋଇଛି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତଦନ୍ତକାରୀ ଟିମ ପଠାଇ କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ ସହ ତୁରନ୍ତ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବୀ କରିଛନ୍ତି ।

## ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଶେଷ ପାଇଁ ପୁଲିସର ନିଆରା ଉଦ୍ୟମ



**ସାଲେପୁର,୭।୧୦ (ସଂଚାର ବ୍ୟୁରୋ):** ଗତକାଲି ସାଲେପୁର ଅଞ୍ଚଳରେ ଶାରଦୀୟ ଭସାଣୀ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ଏହି ଭସାଣୀ କାର୍ଯ୍ୟକ୍ରମ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ନେଇ ସାଲେପୁର ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏକ ନିଆରା ଢଙ୍ଗରେ ସାଲେପୁର ଥାନାର ଏଏସ୍‌ଆଇ ନୀଳମାଧବ ପଣ୍ଡା ଭସାଣୀରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ଉଦ୍ଦେଶ୍ୟରେ ନିଜର ସୁମଧୁର ସ୍ୱରରେ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକ ଓ ପୂଜା କମିଟିର କର୍ମକର୍ତ୍ତାମାନଙ୍କର ପ୍ରଶଂସାର ପାତ୍ର ପାଲଟିଥିଲେ। ତାଙ୍କର ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଓ ସଙ୍ଗୀତ ଛଳରେ ପୁଲିସ କାର୍ଯ୍ୟ ସମ୍ପାଦନ କରିବା ଘଟଣାର ଭିଡ଼ିଓ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାନେଇ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି।

## ଆଧୁନିକ ପ୍ରଣାଳୀରେ ଜୈବିକ ଖତ ଉପଯୋଗରେ ଉନ୍ନତ ଚାଷ ପାଇଁ ତାଲିମ

**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋଗୁଆ ଛକସ୍ଥିତ ସାହୁ ମଣ୍ଡପରେ ଯୁବ ଭାରତ କୃଷକ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କୃଷକ ସେବାକେନ୍ଦ୍ର ଓ ଆଧୁନିକ ପ୍ରଣାଳୀରେ ଜୈବିକଖତ ପ୍ରୟୋଗ କରି ଉନ୍ନତ ଚାଷ କରିବା ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ସଭାପତି ପ୍ରଭାକର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ୯ ଗୋଟି ବ୍ଲକରେ କୃଷକ ସେବାକେନ୍ଦ୍ର ଖୋଲି କୃଷକମାନଙ୍କୁ ଦକ୍ଷତା ବିକାଶ ଓ ଆତ୍ମନିର୍ଭରଶୀଳତା ଉପରେ ତାଲିମ ପ୍ରଦାନ କରାଯିବାକୁ ଗୁରୁତ୍ୱାରୋପ କରିଥିଲେ । କୃଷକ ସେବାକେନ୍ଦ୍ର ମାଧମରେ ଧାନବିହନ, ମୁଗବିହନ, ମାଣ୍ଡିଆମଞ୍ଜି, ନଳିତାମଞ୍ଜି, ବିରି ବିହନ ପ୍ରଭୃତି ଯୋଗାଇ ଦେବା ଓ ଜୈବିକ ସାରକୁ କ୍ଷେତରେ ପ୍ରୟୋଗ କରି ଏକ ସୁନିୟନ୍ତ୍ରିତ ପଦ୍ଧତିରେ ଚାଷ କରିବା ପାଇଁ ଆଧୁନିକ ଯନ୍ତ୍ରପାତି ମାଧମରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବହୁସଂଖ୍ୟକ କୃଷକ ଓ କୃଷିକାମାନେ ଯୋଗଦେଇଥିଲେ। ଏଥିରେ କେନ୍ଦ୍ରାପଡା ପ୍ରଭାରୀ ରଞ୍ଜନ କୁମାର ରାଉତ, ଉପଦେଷ୍ଟା ଇଂ ବନମାଳୀ ମିଶ୍ର, ଉପସଭାପତି ରମେଶ ସାହୁ, ଉପସଭାପତି ଶରତଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ପାତ୍ର, ଶ୍ରାବଣୀ ଦାସ, ପ୍ରଭାତି ସାହୁ, ସୁମିତ୍ରା ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ରାଜକନିକାର ଅଶ୍ୱିନୀ କୁମାର ଦାଶ, ଦୀନେଶ ନାଥ ଓ ବିଚିତ୍ର କୁମାର ସ୍ୱାଇଁ, ରାଜନଗରର ଚିରଞ୍ଜନ ବାରିକ, କେନ୍ଦ୍ରାପଡାର ପ୍ରଣବ କୁମାର ମିଶ୍ର, ପଟ୍ଟାମୁଣ୍ଡାଇର ବନମାଳୀ ବେହେରା ଏବଂ ଉଦୟପୁରର ହିମାଂଶୁ କୁଣ୍ଡ ପ୍ରମୁଖ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ବିଭିନ୍ନ ମତାମତ ଦେଇଥିଲେ ।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳିତ



**ମାହାଙ୍ଗା,୭।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୋଠପଦା ସ୍ଥିତ ଗଣକବିଙ୍କ ଜନ୍ମମାଟିରେ ସାରସ୍ୱତ ସାଧକ, ଗୀତିନାଟ୍ୟ ଜଗତର ମଉଡମଣୀ ତଥା କାଳଜୟୀ ସ୍ରଷ୍ଟା ଗଣକବି ବୈଷ୍ଣବ ପାଣିଙ୍କ ୧୪୩ତମ ଜୟନ୍ତୀ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୂର୍ଣ୍ଣ ସହଯୋଗ ଓ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାକ ମାହାଙ୍ଗାବାସିଙ୍କ ଯୋଗଦାନ ସତେ ଯେପରି ଅଞ୍ଚଳ ଜନ ସମୁଦ୍ର ପାଲଟିଥିଲା। ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ସଭପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟଦାସ ବର୍ମା ଯୋଗଦେଇ ଗଣକବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ,ଦୀପ ଅର୍ପଣ ପୂର୍ବକ ଜୟନ୍ତୀ ଉତ୍ସବ ପାଳନ କରିବା ସହିତ ତାଙ୍କ ରଚିତ ଗଳ୍ପ, ନାଟକ, କବିତା ଅତି ଉଚ୍ଚକୋଟୀର ବୋଲି ପ୍ରକାଶ କରିଥିଲେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରରେ ଗଣକବିଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ବ୍ରୋଞ୍ଚର ଏକ ବିରାଟ ପ୍ରତିମୂର୍ତ୍ତି, ଗଣକବିଙ୍କ ମଠର ରୂପାନ୍ତରିକରଣ ଆଦି ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରଯାଇଥିବା ବେଳେ ନୂତନ ସରକାର ତଥା ମାହାଙ୍ଗାର ନୂତନ ବିଧାୟକଙ୍କ ଆସିବା ପରଠୁ ଗଣକବିଙ୍କ ପିଠର ଉନ୍ନତି ଏକ ରକମର ଠପ୍ ହୋଇଯାଇଥିବା ବିଷୟ ଅତ୍ୟନ୍ତ ନିନ୍ଦନୀୟ ବୋଲି ମତ ପ୍ରକାଶ କରିଥିଲେ।

## ତାଇକାଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତାଙ୍କୁ ସମ୍ବର୍ଦ୍ଧନା




**ଡେରାବିଶ,୭।୧୦ (ସଂଚାର ବ୍ୟୁରୋ):** ହାଇଦରାବାଦର ସିକନ୍ଦରାବାଦ ଠାରେ ଆୟୋଜିତ ଆନ୍ତର୍ଜାତୀୟ ସ୍ତରର ତାଇକାଣ୍ଡୋ ପ୍ରତିଯୋଗିତାରେ ଡେରାବିଶର ବ୍ଲକର ଝିଅ ସାଗରିକା ଭଦ୍ର ସ୍ୱର୍ଣ୍ଣପଦକ ବିଜେତା ହୋଇ ଓଡ଼ିଶା ତଥା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ଉପଲକ୍ଷେ ଆଜି ସାଗରିକାଙ୍କୁ ତାଙ୍କ ଗାଁ ମାଟିରେ ସମ୍ବର୍ଦ୍ଧିତ କରାଯାଇଛି।

ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ହରିପୁର ହନୁମାନ ମନ୍ଦିର ପ୍ରାଙ୍ଗଣରେ ରତାଦିଆଖଣ୍ଡସାହି ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜୟନ୍ତ କୁମାର ଶତପଥି, ସମ୍ମାନିତ ଅତିଥିଭାବେ ସରୋଜ କୁମାର ସାମଲ, ନିରଞ୍ଜନ ଶତପଥି ଯୋଗଦେଇ ସ୍ୱର୍ଣ୍ଣପଦକ ବିଜୟିନୀ ସାଗରିକାଙ୍କୁ ଟ୍ରଫି, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ତାଙ୍କର ଉତରୋତର କାମନା କରିଥିଲେ। ସାଗରିକାଙ୍କ ଏହି ବିରଳ କୃତିତ୍ୱ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ମଧ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ 'ସିଂହମ' ଏକାଡେମୀର ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଶାରଦୀୟ ଭସାଣି ଉତ୍ସବରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ସାଲେପୁର,୭।୧୦ (ସଂଚାର ବ୍ୟୁରୋ):** ଶାରଦୀୟ ଭସାଣୀ ଉତ୍ସବ ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଘର କାର୍ଯ୍ୟାଳୟ ନିକଟରେ ସଂଘର ସଭାପତି ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର୍ ଜୟନ୍ତ କୁମାର ଜୟସିଂ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ନାରୀନେତ୍ରୀ ଗୀତା ଦାସ, ବିଶିଷ୍ଟ ଅତିଥି ଭାବେ ସାଲେପୁର ଏସ୍.ଡି.ପି.ଓ ବିରଞ୍ଚି ନାରାୟଣ ପତି, ସମ୍ମାନୀତ ଅତିଥି ଭାବେ ସାଲେପୁର ଆଇ.ଆଇ.ସି. ଅନିତା ସାହୁ ଓ ମାହାଙ୍ଗା ଆଇ.ଆଇ.ସି. ତପନ କୁମାର ରାଉତ, ସାଲେପୁର ବାର୍ ଆସୋସିଏସନ୍ ସଭାପତି ବିକ୍ରମ କେଶରୀ ବଳ ଯୋଗଦେଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କଳାକେନ୍ଦ୍ରର କୁନି କୁନି କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

## ପୂର୍ବତନ ମନ୍ତ୍ରୀ ଦୀନବନ୍ଧୁ ସାହୁଙ୍କ ଶ୍ରାଦ୍ଧୋତ୍ସବ



**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡାର ବରପୁତ୍ର, ଓଡିଶାର ବିକାଶ ପୁରୁଷ, ଓଡିଶା ରାଜ୍ୟର ପୂର୍ବତନ ମନ୍ତ୍ରୀ ଓ ଆଡଭୋକେଟ ଜେନେରାଲ ଦୀନବନ୍ଧୁ ସାହୁଙ୍କ ୪୬ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। କେନ୍ଦ୍ରାପଡା ସହର ତହସିଲ କାର୍ଯ୍ୟାଳୟ ନିକଟ ସ୍ୱର୍ଗତ ଦୀନବନ୍ଧୁ ସାହୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ସାହୁଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଯୁବ ନେତା ରାଜେଶ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟ ବକ୍ତା ଭାବେ ନନ୍ଦ କିଶୋର ପରିଡା, ଶିକ୍ଷାବିତ ଅଜୟ ସାମଲ, ବିଶିଷ୍ଟ ସାହିତ୍ୟକ ଡ. ବାସୁଦେବ ଦାସ, ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୀନବନ୍ଧୁଙ୍କର ସ୍ମୃତି ଚାରଣ କରିଥିଲେ।

## ଆତଙ୍କ ଖେଳାଇଥିବା ମାଙ୍କଡ଼କୁ କାବୁ କଲା ବନ ବିଭାଗ

**ସାଲେପୁର,୭।୧୦ (ସଂଚାର ବ୍ୟୁରୋ):** କିଛି ଦିନ ହେବ ସଉରୀ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତା ମାଙ୍କଡ଼କୁ ଶେଷରେ କାବୁ କରିବାରେ ସକ୍ଷମ ହୋଇଛି ବନ ବିଭାଗ। ଏହି ଦନ୍ତା ମାଙ୍କଡ଼କୁ ଟ୍ରାଙ୍କୁଲାଇଜର କରି କାବୁ କରାଯାଇଥିବା ଜଣାଯାଇଛି। ଏକ ଦନ୍ତା ମାଙ୍କଡ଼ କିଛି ଦିନ ହେବ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତରେ ଆତଙ୍କ ଖେଳାଇଥିଲା। ଏହି ମାଙ୍କଡ଼ କାମୁଡ଼ାରେ ଏହି ଅଞ୍ଚଳର ଓମ୍‌ପ୍ରକାଶ ମହାନ୍ତି, ଶୁଭମ୍ ମହାନ୍ତି, ଦିଲ୍ଲୀପ କୁମାର ନାୟକ, ଅନନ୍ତ ସାମଲ ଆହତ ହୋଇଥିଲେ।ଏହି ମାଙ୍କଡ଼ ଭୟରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରୁଥିଲେ। ମାଙ୍କଡ଼ଟି ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ବଣବୁଦାରେ ଲୁଚି ରହୁଥିବାବେଳେ ଏକୁଟିଆ ଲୋକଙ୍କୁ ଦେଖି ଆକ୍ରମଣ କରିବା ସହ କାମୁଡ଼ି ରକ୍ତାକ୍ତ କରିଦେଉଥିଲା। ଏହି ମାଙ୍କଡ଼ ଭୟରେ ଲୋକେ ଏକ ପ୍ରକାର ଭୟଭୀତ ଅବସ୍ଥାରେ ରହିଥିବାବେଳେ ଏହି ମାଙ୍କଡ଼କୁ କାବୁ କରିବାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବନବିଭାଗ ନିକଟରେ ଦାବି ହୋଇଥିଲା। ଆଜି ବନ ବିଭାଗର କର୍ମଚାରୀମାନେ ସଉରୀ ଗ୍ରାମରେ ପହଞ୍ଚି ଏହି ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତା ମାଙ୍କଡ଼କୁ ଟ୍ରାଙ୍କୁଲାଇଜର ଜରିଆରେ କାବୁ କରିଥିବା ଜଣାଯାଇଛି।

## ଗଜଲକ୍ଷ୍ମୀ ପୂଜା ପାଇଁ ବସିଲା ଶାନ୍ତି କମିଟି ବୈଠକ



**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଆଜି ପୂର୍ବାହ୍ନରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ ହଲଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜାକୁ ଭାଇଚାରାର ଅନନ୍ୟ ଉଦାହରଣ ରୂପେ ଶାନ୍ତି ଓ ଶୃଙ୍ଖଳା ସହିତ ପାଳନ କରିବା ନିମନ୍ତେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି। ଏହା ସହିତ ଆଇନ ପରିଧି ମଧରେ ସମସ୍ତେ ଏହି ଗଣପର୍ବକୁ ଉପଭୋଗ କରିବାକୁ ସମସ୍ତଙ୍କୁ ଅପିଲ କରିଛନ୍ତି। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ସିସିଟିଭି ଲଗେଇବା,ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ, ଚୋରି ଓ ଅସାମାଜିକ ତତ୍ୱକୁ ମୁକାବିଲା ପାଇଁ ସାଧା ପୋଷାକରେ ପୋଲିସ ମୁତୟନ,ସାମାଜିକ ଗଣମାଧମରେ ଗୁଜବର ପ୍ରଚାର ପ୍ରସାର ରୋକିବା ଇତ୍ୟାଦି ଉପରେ ପୋଲିସ ପ୍ରଶାସନ ଗୁରୁତ୍ୱ ଦେଉଥିବା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ କହିଛନ୍ତି। ରାତି ୧୨ ଟା ପର୍ଯ୍ୟନ୍ତ ମେଲଣ ଏବଂ ଭସାଣିରେ ବାଦ୍ୟଯନ୍ତ୍ର ବଜାଇବା ଉପରେ ଅନୁମତି ପ୍ରଦାନ ନିମନ୍ତେ ପୂଜା କମିଟିଙ୍କ ଅନୁରୋଧକୁ ଆଇନ ଅନୁଯାଇ କାର୍ଯ୍ୟାଦେଶ ଦିଆଯିବ ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି।

## ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକ

**କେନ୍ଦ୍ରାପଡ଼ା,୭।୧୦ (ସଂଚାର ବ୍ୟୁରୋ):** ନିଖିଳ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭାର ପ୍ରତିଷ୍ଠାତା, ସ୍ୱନାମଧନ୍ୟ ଚିକିତ୍ସକ ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଡାକ୍ତର ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ଏହି ଉପଲକ୍ଷେ ଏକ ଶୋକସଭା ତମାଳ ଶାସନସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଉପଦେଷ୍ଟା ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ମହାସଭାର ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, କ୍ଷମାନିଧି ମିଶ୍ର, ମହେଶ୍ୱର ରଥ, ପ୍ରଦୀପ ମିଶ୍ର, ପ୍ରଣବ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଦୟାନିଧି ମିଶ୍ର, ରାମଚନ୍ଦ୍ର ରଥ, ନୀଳମଣୀ ସୁତାର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଆସନ୍ତା ୯ତାରିଖରେ ଏକ ସମ୍ମିଳନୀ କରାଯିବା ପାଇଁ ସ୍ଥିର କରାଯାଇଛି ।

# ବାରମ୍ବାର ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ ପରିବେଶ ଦୂଷିତ

**ବଢୁଛି ମଶାଙ୍କ ପ୍ରାର୍ଦୁଭାବ ; ଲୋକେ ଅତିଷ୍ଠ, ଡେଙ୍ଗୁ ଆଶଙ୍କା**



**ପଟ୍ଟାମୁଣ୍ଡାଇ,୭।୧୦ (ସଂଚାର ବ୍ୟୁରୋ):** ସମ୍ପ୍ରତି ଗତ କିଛି ମାସ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ବନ୍ୟା ଓ ଲଘୁଚାପଜନିତ ବର୍ଷା ଲାଗି ରହିବା ଫଳରେ ପରିବେଶ ଦୂଷିତ ହୋଇପଡିଛି। ବାରମ୍ବାର ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ବ୍ଲକ ପୌରାଞ୍ଚଳର ବିଭିନ୍ନ ଅଂଚଳରେ ଦୀର୍ଘ ଦିନ ପାଣି ଜମି ରହିବା ଫଳରେ ପଚି ଯାଇ ସନ୍ତସନ୍ତିଆ ପରିବେଶ ସୃଷ୍ଟି ହୋଇଛି। ଯାହାଫଳରେ ମଶା ବଂଶ ବୃଦ୍ଧି ପାଇଛି । ମଶା ଆକ୍ରମଣ ଅତିଷ୍ଠ ହୋଇପଡିଛନ୍ତି । ବାରମ୍ବାର ବନ୍ୟା ଓ ଲଘୁଚାପ ଜନିତ ବର୍ଷା ଯୋଗୁଁ ସ୍ୱଚ୍ଛ ପରିବେଶ ସୃଷ୍ଟି ପାଇଁ ସ୍ୱଚ୍ଛତା ଅଭିଯାନ ଫେଲ ମାରିଛି ।

ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଂଚାୟତ ଓ ପୌରାଞ୍ଚଳର ୨୦ଟି ୱାର୍ଡରେ ମଶା ବଂଶ ଆଶାତୀତ ଭାବେ ବୃଦ୍ଧି ପାଇଥିବାରୁ ଦିନ ରାତି ୨୪ଘଣ୍ଟା ମଶାଙ୍କ ଉପଦ୍ରବ ଦେଖିବାକୁ ମିଳୁଛି । ମଶା କାମୁଡିବା ଯୋଗୁଁ ଲୋକମାନେ ମ୍ୟାଲେରିଆ, ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ପରିବେଶ ପ୍ରଦୂଷଣ ଯୋଗୁଁ ମଶା ବଂଶ ବୃଦ୍ଧି ସହ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପୁଛି । ମଶାଙ୍କୁ ନିପାତ କରିବା ଓ ବଂଶ ବୃଦ୍ଧି ରୋକିବା ଦିଗରେ ଉଭୟ ବ୍ଲକ ଓ ପୌର ପ୍ରଶାସନ ଠୋସ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

ଚାରିଆଡେ ଅନାବନା ଜଙ୍ଗଲ ବୃଦ୍ଧି ପାଇଥିବାରୁ ମଶା ବୃଦ୍ଧିରେ ସହାୟକ ହୋଇଛି। ନାଳ ନର୍ଦମାରେ ନିୟମିତ ମଶା ତେଲ ପକା ଯାଉ ନଥିବାରୁ ପରିସ୍ଥିତି ଜଟିଳ ହୋଇଛି । ମଶା କାମୁଡାରେ ପୌରାଞ୍ଚଳ ବାସୀ ଅତିଷ୍ଠ ହୋଇପଡିଛନ୍ତି । ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପୂର୍ବରୁ ମଶା ପାଦୁର୍ଭାବ ରୋକିବା ପାଇଁ ଛଡା ଯାଉଥିବା ମଶା ଧୂଆଁ ଆଉ ଦିଆଯାଉନାହିଁ ଫଳରେ ଏଠାରେ ମଶାଙ୍କ ବଂଶ ବୃଦ୍ଧି ଘଟିଛି । ଏପରିକି ଦିନରେ ଘର ଭିତରେ ମଶା କାମୁଡିବା ସହ ସଂନ୍ଧ୍ୟା ହେଲେ ଘରୁ ବାହାରି ହେଉନାହିଁ। ଯାହାଫଳରେ ଭୁବନେଶ୍ୱର କଟକ ଭଳି ଏଠାରେ ଡେଙ୍ଗୁ ବ୍ୟାପିବା ଆଶଙ୍କା ଦେଖାଦେଇଛି। ଏଥି ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଡେଙ୍ଗୁ ଭଳି ମହାମାରୀ ବ୍ୟାପିବାର ଆଶଙ୍କାରେ ଲୋକେ ଭୟଭୀତ । ଏ ସମ୍ପର୍କ ରେ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ କୁମାର ସାହୁଙ୍କୁ ପଚାରି ବାରେ ସେ କହିଛନ୍ତିଯେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ମଶା ଉପଦ୍ରବ ବୃଦ୍ଧି ଘଟଣା ଆମ ଦୃଷ୍ଟିକୁ ଆସିଛି। ଏ ଦିଗରେ ପୌର ପ୍ରଶାସନ ପକ୍ଷରୁ ଖୁବ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ସୁନାମୀ ମୁକାବିଲା ପ୍ରସ୍ତୁତି ବୈଠକ



**ରାଜନଗର,୭।୧୦ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ସୁନାମୀ ଆସିଲେ ତାହାକୁ କିପରି ମୁକାବିଲା କରିବା ସେ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅନିରୁଦ୍ଧ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅଜୟ କୁମାର ମହାନ୍ତି, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ ଯୋଗଦେଇ ସୁନାମୀ ଆସିଲେ ଆମେ ତାହାର କିପରି ମୁକାବିଲା କରିବା ସେ ନେଇ କହିବ ସହିତ ତାହାର ବୃତ୍ତ ଚିତ୍ର ଦେଖାଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚୁଆ, ବାଘମାରି ପଞ୍ଚାୟତର ସରପଞ୍ଚ ଓ ୱାର୍ଡ ସଭ୍ୟ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସହକାରୀ ଡାଟା ଅପରେଟରମାନେ ସୁନାମୀ ମୁକାବିଲାର ତାଲିମ ନେଇଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲ୍ଲାର ୬୨ ଗାଁ ସୁନାମୀ ପ୍ରବଣ ହୋଇଥିବା ବେଳେ ସେଥି ମଧ୍ୟରେ ରାଜନଗର ବ୍ଲକର ୪୩ଟି ଗାଁ ରହିଛି।

### ମହର୍ଷି ବାଲ୍ମୀକି ଜୟନ୍ତୀରେ ଯୋଗଦେଲେ ବିଜେପି ସଭାପତି

# ରାମାୟଣ ପରମ୍ପରା ଓ ସଂସ୍କୃତିର ଅଦ୍ୱିତୀୟ ସମନ୍ୱୟ

**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଆଜି ଆଦିକବି ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀ ସ୍ଥାନୀୟ ବିଜେପି କାର୍ଯ୍ୟାଳୟଠାରେ ପାଳିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମହର୍ଷୀ ବାଲ୍ମୀକିଙ୍କ ରଚିତ ମହାନ୍ ଗ୍ରନ୍ଥ ରାମାୟଣ କେବଳ ଏକ ବିଷୟ ନୁହେଁ, ଏହା ପରମ୍ପରା ଓ ସଂସ୍କୃତିର ଅଦ୍ୱିତୀୟ ସମନ୍ୱୟ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ରାମାୟଣ ଆମ ସମସ୍ତଙ୍କ ଜୀବନଧାରାର ଏକ ଅଂଶବିଶେଷ ପାଲଟିଯାଇଛି। ସମାଜରେ ଯେତେବେଳେ କୌଣସି ବିଷୟକୁ ନେଇ ନୈରାଶ୍ୟ ଭାବ ଆସେ, ସେତେବେଳେ ରାମାୟଣ କଥା ମନେ ପଡ଼ିଯାଏ। ଅର୍ଥାତ୍ ଏହା ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ବୋଲି ଶ୍ରୀ ସାମଲ କହିଛନ୍ତି।



ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ ଆହୁରି କହିଛନ୍ତି ଯେ ରାମ ରାଜ୍ୟ କିପରି ଆସିବ, ସେନେଇ ମହର୍ଷି ବାଲ୍ମୀକି ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଛନ୍ତି। ତ୍ୟାଗ, ନିଷ୍ଠା, କଠିନ ପରିଶ୍ରମର ପରିସୀମା କେତେ, ସମାଜରେ ଯିଏ ସୁଧାର କରିବ ତା'ର କର୍ତ୍ତବ୍ୟ କ'ଣ, ସେ ବିଷୟରେ ମଧ୍ୟ ମହର୍ଷି ବାଲ୍ମୀକି ରାମାୟଣ ମାଧ୍ୟମରେ ଉଲ୍ଲେଖ କରିଛନ୍ତି। ସମ୍ପ୍ରତି ମଣିଷ ନିଜ ଆଶା ପୂରଣ କରିନପାରିଲେ, ସହଜରେ ଦୁଃଖୀ ହୋଇଯାଉଛି। କିନ୍ତୁ ନକରାତ୍ମକ ଚିନ୍ତାଧାରା ପରିତ୍ୟାଗ କରି ସକାରାତ୍ମକ ଚିନ୍ତା ମାଧ୍ୟମରେ ନୈରାଶ୍ୟ ଭାବ ଦୂର ହୋଇପାରିବ ବୋଲି ମହର୍ଷି ବାଲ୍ମୀକି ଶିକ୍ଷା ଦେଇଛନ୍ତି। ତେଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲଢ଼ିପାରିଲେ ଅସମ୍ଭବ ବି ସମ୍ଭବ ହୋଇପାରିବ ବୋଲି ଶ୍ରୀ ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଛବି ମଲ୍ଲିକ, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ବରିଷ୍ଠ ନେତା ରଞ୍ଜନ ପଟେଲ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

# ଶାସକ ଦଳ ଲୋକ ବି ଅସୁରକ୍ଷିତ: କଂଗ୍ରେସ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପିର ପନ୍ଦର ମାସ ସରକାରରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପରିସ୍ଥିତି ଏପରି ହୋଇଛି ଯେ ବିଜେପି ସରକାର ଏହି ଦଳର ଲୋକେ ବି ସୁରକ୍ଷିତ ନାହାନ୍ତି ବୋଲି ଅଭିଯୋଗ କରିଛି ବିରୋଧୀ କଂଗ୍ରେସ। ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ଅଶୋକ ସ୍ୱାଇଁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଡିଜିପିଙ୍କୁ ବିଜେପିର ଭିଭିଆଇପିଙ୍କୁ ସେବା ଦେବାରେ ଚରମ ଅବହେଳା ନେଇ ସର୍ବସମ୍ମୁଖରେ ତାଗିଦ କରିଥିଲେ। କଟକରେ ଅସାମାଜିକମାନେ ଡିସିପିଙ୍କୁ ଆକ୍ରମଣ କରିଥିବା ବେଳେ ରାସ୍ତା ମଝିରେ ଆଇଆଇସିଙ୍କୁ ଲୋକେ ଚାପୁଡ଼ା ମଧ୍ୟ ମାରିଲେ। ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି କ'ଣ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଗଭୀର ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ଗତ କିଛିଦିନ ଭିତରେ ଆଇନଶୃଙ୍ଖଳା କ୍ଷେତ୍ରରେ ସରକାର ବିଫଳ ରହିଛନ୍ତି। ଶାସନ ବ୍ୟବସ୍ଥା ପ୍ରତି ଭୟଭାବ ଆଉ ନାହିଁ। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ବିଜେପି ନିଜ ଦଳର ନେତାଙ୍କୁ ସୁରକ୍ଷା ଦେଇ ପାରୁନଥିବା ବେଳେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷା ଦେଇପାରିବ ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ସେହିପରି ଭାଇଚାରାର ସହର କଟକରେ ଦୁର୍ଗାମେଢ଼ ଭସାଣିକୁ ନେଇ ଉପୁଜିଥିବା ହିଂସାକାଣ୍ଡ ଓ ତତ୍ ପରବର୍ତ୍ତୀ କର୍ଫ୍ୟୁ ପାଇଁ ଗୁଇନ୍ଦା ବିଭାଗର ବିଫଳତାକୁ ଦାୟୀ କରିବା ସହ ସରକାରଙ୍କ ଉପରୁ ସାଧାରଣ ଲୋକଙ୍କ ବିଶ୍ୱାସ ତୁଟିଯାଇଛି ବୋଲି ଶ୍ରୀ ନାୟକ ମତ ଦେଇଛନ୍ତି। ଏଥିସହ ସରକାରଙ୍କ ହାତବାରେସୀ ସାଜି ପୁଲିସ୍ କେବଳ ଭିଭିଆଇପିମାନଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ ବୋଲି ମଧ୍ୟ ସେ ସମାଲୋଚନା କରି କହିଛନ୍ତି।

### ବାସୁଦେବପୁରରେ ଶିଶୁ ବିକ୍ରି ଘଟଣା

# ଅଭିଯୋଗକୁ ପରିବାରର ଖଣ୍ଡନ



**ବାସୁଦେବପୁର,୭।୧୦(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଶିଶୁ ବିକ୍ରି ଅଭିଯୋଗ ହୋଇଥିବା ବେଳେ ଏହାକୁ ୫ ଦିନର ଶିଶୁକନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ବିନାୟକପୁର ପଂଚାୟତ ଖିରିଦା ବିନାୟକପୁର ବଡ଼ମଳିକ ସାହିର ସଞ୍ଜୟ ମଳିକଙ୍କ ପତ୍ନୀ ବନିତା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଆଗରୁ ୧୦ ମାସର ଶିଶୁକନ୍ୟା ଥିବାରୁ ନବଜାତକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। କିନ୍ତୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପରିବାର। ଶିଶୁ ବିକ୍ରି ନୁହେଁ ସମ୍ପର୍କୀୟଙ୍କୁ ଦାନ କରିଛୁ ବୋଲି କହିଛନ୍ତି ଶିଶୁକନ୍ୟାର ଜେଜେ। ଅନ୍ୟପଟେ ଶିଶୁ ସୁରକ୍ଷା ବିଭାଗ ତାଗିଦ୍ କରିବା ପରେ ଶିଶୁକୁ ଫେରାଇ ଆଣିଛନ୍ତି ବାପା। ଏବେ ଉଭୟ ମା' ଓ ଛୁଆ ସୁସ୍ଥ ଥିବା ଜଣାପଡିଛି।

# ୱାଶିଂଟନ ଜଗନ୍ନାଥ ମନ୍ଦିରରେ ଗୁରୁଜୀ

## ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଲେ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଗୁରୁଜୀ ଡ.ଚନ୍ଦ୍ରଭାନୁ ଶତପଥୀ ଗତକାଲି ଆମେରିକା ଗସ୍ତରେ ଯାଇ ୱାଶିଂଟନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ସିଆଟେଲଠାରେ 'ଶ୍ରୀଗୁରୁ ଭାଗବତ: ଭାରତର ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୱାଶିଂଟନ ବ୍ରଥେଲସ୍ଥିତ ହିନ୍ଦୁ ମନ୍ଦିର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶେଷ ପୂଜା ନିମନ୍ତେ ଗୁରୁଜୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଆମେରିକାରେ ଅବସ୍ଥାପିତ ଭାରତର କନସୁଲେଟ୍ ଜେନେରାଲ ପ୍ରକାଶ ଗୁପ୍ତା ଏବଂ ମନ୍ଦିର ଟ୍ରଷ୍ଟି ଅମୀର ଦାଶ ଗୁରୁଜୀଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ସିଆଟେଲସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଗୁରୁ ଭାଗବତର ପ୍ରାର୍ଥନା ଉପରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ସାହିତ୍ୟ, ସଙ୍ଗୀତ ଓ ଆଧ୍ୟାତ୍ମିକତା ମାଧ୍ୟମରେ ମାନବ ସମାଜ ପ୍ରତି ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁଜୀଙ୍କୁ ସମ୍ମାନିତ କରାଯାଇଥିଲା।

# ରାସ୍ତା ଉପରେ ଜଳିଗଲା ବାଇକ୍, ବର୍ତ୍ତିଲେ ଚାଳକ



**ଢେଙ୍କାନାଳ,୭।୧୦(ସଂଚାର ବ୍ୟୁରୋ):** ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା ବାଇକ୍। କିନ୍ତୁ ଏଥିରେ ଉକ୍ତ ବାଇକ୍‌ର ଚାଳକଙ୍କର କୌଣସି କ୍ଷତି ହୋଇନାହିଁ। ଅର୍ଥାତ୍ ସେ ଅଳ୍ପକେ ଏହି ଅଘଟଣରୁ ବର୍ତ୍ତିଯାଇଛନ୍ତି। ତେବେ ଢେଙ୍କାନାଳ ସହରରେ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏପରି ଅଘଟଣ ଘଟିଛି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଢେଙ୍କାନାଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ତେଣୁ ପୂଜା ଆରମ୍ଭରୁ ସହରରେ ନାହିଁ ନ ଥିବା ଭିଡ଼ ଲାଗି ରହିଛି। ଏହାରି ମଧ୍ୟରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଢେଙ୍କାନାଳ ସହର ଚନ୍ଦନ ବଜାର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ପୂର୍ବାହ୍ନରେ ଉକ୍ତ ବାଇକ୍‌ଟି ହୁହୁ ହୋଇ ଜଳି ଯାଇଥିଲା। ତେବେ ଚାଳକ ଜଣଙ୍କ ଏହା ଜାଣି ପାରି ଗାଡ଼ିରୁ ଡେଇଁ ପଡ଼ି ଜୀବନ ବଞ୍ଚାଇଥିଲେ। କିନ୍ତୁ ବାଇକଟି ସମ୍ପୂର୍ଣ୍ଣ ପୋଡ଼ିଜଳି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି।

# ୧୪ରୁ ରାଜଧାନୀ ପୁସ୍ତକ ମେଳା

● ଶହୀଦ ନଗର ଦୁର୍ଗାପୂଜା ପଡ଼ିଆରେ ଆୟୋଜନ ନିଷ୍ପତ୍ତି



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ୨୫ତମ ରାଜଧାନୀ ପୁସ୍ତକ ମେଳା ଆସନ୍ତା ମାସ ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ସ୍ଥାନୀୟ ଶହୀଦ ନଗର ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟର ୧୨ଟି ବିଭାଗ (ପ୍ରବନ୍ଧ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ-କବିତା, ଅନୁବାଦ, ନାଟକ, ବିଜ୍ଞାନ ସାହିତ୍ୟ, ଧର୍ମ ସାହିତ୍ୟ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ବ୍ୟଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟ)ରେ ଗତ ୨୦୨୩ ଜାନୁଆରୀରୁ ଆସନ୍ତା ନଭେମ୍ବର ମଧ୍ୟରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ବିଚାରକୁ ନିଆଯାଇ ସର୍ବଶ୍ରେଷ୍ଠ ପୁସ୍ତକକୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଆଜି ଏଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ସଭାପତି ଡକ୍ଟର ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ, ସଭ୍ୟ ବୀରକିଶୋର ପ୍ରଧାନ ଓ କମଳିନୀ ମଲ୍ଲିକ ଯୋଗଦେଇ ନୂତନ ଚୟନ କମିଟି ଗଠନ କରିଥିଲେ। ଏହି ପ୍ରଦର୍ଶନୀରେ ନିଜ ପୁସ୍ତକକୁ ସ୍ଥାନ ଦେବାକୁ ଚାହୁଁଥିବା ଲେଖକ ଓ ପ୍ରକାଶକ ଉକ୍ତ ପୁସ୍ତକର ୩ଟି କପି ସହ ପୁସ୍ତକର ବିଭାଗ, ପ୍ରକାଶନ ବର୍ଷ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଓ ଯୋଗାଯୋଗ ଠିକଣା ଆଦି ସହ ଆସନ୍ତା ୩୧ ତାରିଖ ସୁଦ୍ଧା ପଠାଇବା ସକାଶେ ଉକ୍ତ କମିଟି ପକ୍ଷରୁ କୁହାଯାଇଛି।

# ଆଧ୍ୟାତ୍ମିକ ପତ୍ରିକା 'ମୁକ୍ତି' ଉନ୍ମୋଚିତ



**ଯାଜପୁର,୭।୧୦(ସଂଚାର ବ୍ୟୁରୋ):** ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ୨୫ତମ ବାର୍ଷିକ ଉତ୍ସବ ସହ ପରିଷଦର ମୁଖପତ୍ର 'ମୁକ୍ତି'ର ସପ୍ତମ ବର୍ଷ ସପ୍ତମ ସଂଖ୍ୟା-୨୦୨୫ ମା'ବିରଜା ମନ୍ଦିର ପରିସରସ୍ଥ ଦୋଳମଣ୍ଡପରେ ପବିତ୍ର କୁମାର ପୂର୍ଣ୍ଣିମା'ରେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ବିରଜା ମନ୍ଦିର ମୁକ୍ତିମଣ୍ଡପ ସେବାୟତ ପରିଷଦର ସଭାପତି ପଣ୍ଡିତ ଦେବୀପ୍ରସାଦ ପାଣି, ଗବେଷଣା ପରିଷଦର ସଭାପତି ନଟବର ଦାସ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପ୍ରାଧ୍ୟାପକ ଅଜୟ କୁମାର ଓଝା, ଔପନ୍ୟାସିକ ଜଗନ୍ନାଥ ଧଳ, ଅବସରପ୍ରାପ୍ତ ପୁଲିସ ପ୍ରଶାସକ ଗଦାଧର ରାଉତ, ପ୍ରାଧ୍ୟାପକ ଦାମୋଦର ବେହେରା, ରବି ଶତପଥୀ, କବୟିତ୍ରୀ ନିର୍ମଳାବାଳା ମିଶ୍ର, କବି ତ୍ରିଲୋଚନ ପତି, ବରିଷ୍ଠ ସାହିତ୍ୟିକ କାମେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମା' ବିରଜାଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ। ଗବେଷଣା ପରିଷଦର ସମ୍ପାଦକ, ଶିକ୍ଷାବିତ ପ୍ରଶାନ୍ତ କୁମାର ରାଉତରାୟ ବାର୍ଷିକ ବିବରଣୀ ପାଠ କରିବା ସହ ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଧନ୍ୟବାଦ ଦେଇଥିଲେ। ଇଂ. ପବିତ୍ର ରାଉତରାୟ ସଭା ପରିଚାଳନା କରିଥିଲେ।

# ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ, ୨ ଅଭିଯୁକ୍ତ ଗିରଫ

**ରାଉରକେଲା,୭।୧୦(ସଂଚାର ବ୍ୟୁରୋ):** ରାଉରକେଲା ରଘୁନାଥପାଲି ଥାନାଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ଘଟଣାରେ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ମୁଖ୍ୟ ଅଭିଯୁକ୍ତ କାହ୍ନୁ ଚରଣ ଜେନାକୁ ମଧ୍ୟ ଗିରଫ କରିଛି। ପୀଡ଼ିତାଙ୍କ ଲିଖିତ ଏଫଆଇଆର୍ ପରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ଉକ୍ତ ବିବାହିତା ମହିଳା ଘରକୁ ଫେରୁଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିଲେ। ରଘୁନାଥପାଲି ଥାନା ନିକଟରେ ଥିବା ଓଭରବ୍ରିଜ ପାଖ ରେଳ ଲାଇନ୍ କଡ଼ରେ ତାଙ୍କ ପ୍ରତି ଦୁଷ୍କର୍ମ ହୋଇଥିଲା। କାହ୍ନୁ ଚରଣ ଜେନା ନାମକ ଜଣେ ଯୁବକ ଓ ତା'ର ଜଣେ ସହଯୋଗୀ ଏହି ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଥିବା ବେଳେ ମହିଳା ଜଣଙ୍କ କୌଣସି ମତେ ସେମାନଙ୍କ କବଳରୁ ଖସିଆସି ନିକଟସ୍ଥ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ରଘୁନାଥପାଲି ଥାନା ପୁଲିସ୍ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ବେଦାନ୍ତର ପ୍ରୋଜେକ୍ଟ ସଖୀ କାର୍ଯ୍ୟକ୍ରମ

# ୪୬୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ଜୀବନ ବଦଳାଉଛି



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ)** ମହିଳାଙ୍କୁ ସଶକ୍ତ କରାଯିବା ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ସହ ବରଂ ସମଗ୍ର ସମାଜରେ ପରିବର୍ତ୍ତନ ସମ୍ଭବପର ହୋଇଥାଏ। ରାଜ୍ୟର କଳାହାଣ୍ଡି ପରି ଏକ ଦୁର୍ଗମ ଜିଲ୍ଲାରେ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ସଖୀ ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିଆସିଛି। ୨୦୧୫ରୁ କାର୍ଯ୍ୟକାରୀ ହୋଇଆସୁଥିବା ଏହି ପ୍ରୋଜେକ୍ଟ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ଏସ୍‌ଏଚ୍‌ଜିର ୪,୬୦୦ରୁ ଉର୍ଦ୍ଧ୍ୱ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି। ଫଳସ୍ୱରୂପ ଏକଦା ଦାରିଦ୍ର୍ୟ ସହ ସଂଘର୍ଷ କରୁଥିବା ମହିଳମାନେ ଏବେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଓ ସମ୍ପ୍ରଦାୟର ନେତା ହୋଇପାରିଛନ୍ତି। ପ୍ରୋଜେକ୍ଟ ସଖୀ ଏବେ ଏକ ଆନ୍ଦୋଳନରେ ପରିଣତ ହୋଇଛି ଯାହା ମହିଳାମାନଙ୍କୁ ସେମାନଙ୍କ ଭୂମିକା ପୁନଃକଳ୍ପନା ଦିଗରେ ସାହାଯ୍ୟ କରିଆସିଛି। ପ୍ରୋଜେକ୍ଟ ସଖୀ ଆର୍ଥିକ ସାକ୍ଷରତା, ଋଣ ସୁବିଧା, ବୃତ୍ତିଗତ ତାଲିମ ସହ ସାମୂହିକ ନେତୃତ୍ୱକୁ ଏକତ୍ରିତ କରିଆସୁଛି। ମହିଳାମାନଙ୍କୁ କୃଷି ଓ ଅଣକୃଷିଭିତ୍ତିକ ଆୟ ଅନୁସନ୍ଧାନ ଦିଗରେ ଉତ୍ସାହିତ କରିବା ସହ ନିୟମିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରିଆସିଛି। ଗତବର୍ଷ ସ୍ଥାନୀୟ ଅଞ୍ଚଳର ଏସ୍‌ଏଚ୍‌ଜି ପାଇଁ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରୁ ପ୍ରାୟ ୩.୮୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ଏହାର ଫାଇଦା ମହିଳାମାନଙ୍କୁ ମିଳିପାରିବ। ପ୍ରୋଜେକ୍ଟ ସଖୀ ୧୮୮୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ୧୩୦୦ରୁ ଅଧିକ ଛୋଟ ଉଦ୍ୟୋଗ ଆରମ୍ଭ କରିବାର ସୁଯୋଗ ଦେଇଛି।

ଏ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନା (ବ୍ୟବସାୟ)ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏହି ପ୍ରୋଜେକ୍ଟର ସଫଳତା କେବଳ ସଂଖ୍ୟାରେ ନାହିଁ; ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ ହୋଇଛି। ଏହି ପ୍ରୋଜେକ୍ଟ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭରଶୀଳତାର ଏକ ନୂଆ ସୋପାନରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ ଯେ ବଳଭଦ୍ରପୁରର ମା' ଶିବାନୀ ଏସ୍‌ଏଚ୍‌ଜି ଏକ କୁକୁଡ଼ା ୟୁନିଟ୍ ସ୍ଥାପନ କରିବା ସହ ୧.୨୭ ଲକ୍ଷରୁ ଅଧିକ ରାଜସ୍ୱ ସୃଷ୍ଟି କରିପାରିଛି। ଏହି ପଦକ୍ଷେପ ସେମାନଙ୍କ ପରିବାରର ଆୟ ବୃଦ୍ଧି କରିବା ସହ ସମ୍ପ୍ରଦାୟରେ ସେମାନଙ୍କ ପ୍ରତିଷ୍ଠାକୁ ଉଚ୍ଚ କରିପାରିଛି।

# ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର



**ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ଉଚ୍ଚ ଶିକ୍ଷାର ଦ୍ରୁତ ପ୍ରସାର ପାଇଁ ଇନ୍ଦିରା ଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) କର୍ତ୍ତୃପକ୍ଷ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଇଗ୍ନୋର ଉଚ୍ଚଶିକ୍ଷା ସମ୍ପର୍କିତ ବିଭିନ୍ନ ଗତିବିଧି ସମନ୍ୱିତ ହେବ ବୋଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କହିଛନ୍ତି। ଅଦ୍ୟାବଧି ଏହି ଜିଲ୍ଲାଗୁଡ଼ିକରେ ଇଗ୍ନୋର କାର୍ଯ୍ୟକ୍ରମଗୁଡ଼ିକ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ପରିଚାଳିତ ହୋଇଆସୁଥିଲା। ତେଣୁ ଏହି ନୂତନ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଇଗ୍ନୋ ବିଦ୍ୟାର୍ଥୀଙ୍କ ଆହୁରି ନିକଟତର ହୋଇପାରିବ ବୋଲି ଡ. ଦାଶ ଆଶା ପ୍ରକାଶ କରିଛନ୍ତି। ଏବେ ଓଡ଼ିଶାରେ ଇଗ୍ନୋର ୩ଟି ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର, କୋରାପୁଟ ଓ ଅନୁଗୁଳଠାରେ କାର୍ଯ୍ୟକ୍ଷମ ଥିଲା। ଭାରତୀୟ ସଂସଦର ଏକ ଅଧିନିୟମ ଦ୍ୱାରା ପ୍ରତିଷ୍ଠିତ ଇଗ୍ନୋ ଏହାର ପ୍ରତିଷ୍ଠାର ଉଦ୍ଦେଶ୍ୟ ଅନୁଯାୟୀ କୋଣ ଅନୁକୋଣରେ ଉଚ୍ଚକୋଟୀର ଉଚ୍ଚଶିକ୍ଷା ସୁଲଭ ମୂଲ୍ୟରେ ପ୍ରଦାନ କରିଆସିଛି। ବଞ୍ଚିତ ବର୍ଗ, ଚାକିରି କରୁଥିବା ବ୍ୟକ୍ତି, ଗୃହିଣୀ ଓ ଉଚ୍ଚାକାଂକ୍ଷୀ ବିଦ୍ୟାର୍ଥୀମାନେ ଇଗ୍ନୋ ପାଠ୍ୟକ୍ରମ ଦ୍ୱାରା ଉପକୃତ ହୋଇଆସିଛନ୍ତି।

# ଗାଁରେ ବୁଲୁଛି ଚିତା, ଲୋକେ ଆତଙ୍କିତ

**ଧର୍ମଶାଳା,୭।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳ ଗ୍ରାମରେ ଏକ ଚିତାବାଘ ବୁଲୁଥିବା ଗାଁଲୋକେ ଦେଖି ଭୟଭିତ ହୋଇପଡ଼ିଛନ୍ତି।

କିଛି ଦିନ ତଳେ ରାତିରେ ଏକ ଚିତାବାଘ ନଦୀବନ୍ଧ ଅତିକ୍ରମ କରି ମୁଣ୍ଡମାଳ ଗ୍ରାମ ଆଡକୁ ଅସିଥିବା ଲୋକେ ଦେଖିଥିଲେ। ତେବେ କିଛି ଦିନ ହେବ ଚିତାର କୌଣସି ପତା ମିଳି ନଥିଲା। ଏବେ କିନ୍ତୁ ୨ ଦିନ ହେବ ସନ୍ଧ୍ୟ ସମୟରେ ନିକଟସ୍ଥ ପରିବା କିଆରିରେ ଚିତା ବୁଲୁଥିବା ଲୋକେ ଦେଖି ଭୟ ଭିତ ହୋଇପଡ଼ିଛନ୍ତି। ତେବେ କିଛି ଦିନ ତଳେ ନଦୀବନ୍ଧ ଦେଇ ଗାଁ ବିତରକୁ ଚଲି ଅସିଥିବା ସେହି ଚିତାବାଘ ବୋଲି ଲୋକେ ଆଶଙ୍କ କରିଚନ୍ତି। ତେବେ ଚିତାଟି ଅଦ୍ୟାବଧି କହାରି କ୍ଷତି ଘଟାଇନଥିବା ଜଣପଡ଼ିଛି। ଚିତା ବାଘ ଏକ ହିଂସ୍ରଯନ୍ତୁ ହୋଇଥିବା ବେଳେ ଯୋକୌଣସି ସମୟରେ ଏହା ଅଘଟଣଘଟାଇବା ନେଇ ଲୋକେ ଆଶଙ୍କା କରି ଭୟଭିତ ହୋଇପଡ଼ିଛନ୍ତି। ବନବିଭଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଧାନସଭା ସମ୍ମୁଖରେ ରୋଷେୟା ସେବାୟତ ମହାସଂଘର ବିକ୍ଷୋଭ




**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ଆଜି ପୂର୍ବାହ୍ନ ୧୧ଟା ସମୟରେ ୮ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ରୋଷେୟାମାନେ ଯୋଗଦେଇ ବିକ୍ଷୋଭ କରିଥିଲେ। ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ୮ ଦଫା ସମ୍ବନ୍ଧରେ ଆଲୋଚନା କରି ରୋଷେୟାମାନେ ଦୀର୍ଘ ୨୫ ବର୍ଷ ଧରି ଅସ୍ଥାୟୀ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ଏବେ ସରକାର ଠିକା କର୍ମଚାରୀ ଭାବେ ଅର୍ଥ ବିଭାଗରୁ ଜାରି ନିର୍ଦ୍ଦେଶନାମାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସରକାରୀ ନିୟମାନୁସାରେ ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାର ବ୍ୟବସ୍ଥା ଥିଲେ ହେଁ ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯାଉନାହିଁ। ତେଣୁ ଏ ଦିଗରେ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ଜେନା ଦାବି କରିଛନ୍ତି। ଏଥିସହ ଯଥାଶୀଘ୍ର ରୋଷେୟାମାନଙ୍କୁ ନିୟମିତ କରିବା ସକାଶେ ସେ ନିବେଦନ କରିଛନ୍ତି। ସେହିପରି ମହାସଂଘର ସାଧାରଣ ସମ୍ପାଦିକା ରୀନା ମୁର୍ମୁ ସରକାର ରାଜ୍ୟରେ କାର୍ଯ୍ୟ କରୁଥିବା ୧୪ ହଜାର ରୋଷେୟାଙ୍କୁ ୫୦ ପ୍ରତିଶତ ହିସାବରେ ୧୮ ହଜାର ଟଙ୍କା ଦରମା, ଇପିଏଫ୍ ସୁବିଧା ଯୁକ୍ତ ଦୁଇ ପାସ୍ କରିଥିବା ରୋଷେୟାମାନଙ୍କୁ ସିଟି ତାଲିମ୍ ପ୍ରଦାନ, ୬ ବର୍ଷ ପୂରଣ କରିଥିବା ରୋଷେୟା ଓ ସହାୟକମାନଙ୍କ ଚାକିରିକୁ ନିୟମିତ

# ମହିଳାଙ୍କ ପ୍ରତି ଅପରାଧ, ୫ ବର୍ଷରେ ଦୁଇ ଗୁଣ

**ଭୁବନେଶ୍ୱର,୭।୧୦:** ଓଡିଶାରେ ମହିଳାମାନଙ୍କ ପ୍ରତି ଅପରାଧ ବୃଦ୍ଧି ପାଉଥିଲେ ମଧ୍ୟ ଏଭଳି କିସମର ଅପରାଧିକ ମାମଲାର ଫଏସଲା ଓ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି। ପାଞ୍ଚ ବର୍ଷ ଭିତରେ ଏଭଳି ମାମଲା ସଂଖ୍ୟା କମିବା ପରିବେର୍ତ୍ତ ୨ଗୁଣରୁ ଅଧିକ ବୃଦ୍ଧି ପାଇଛି।

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସଦ୍ୟତମ କ୍ରାଇମ ଇନ୍ ଇଣ୍ଡିଆ ରିପୋର୍ଟର ତଥ୍ୟରୁ ଏହି ଉଦବେଗଜନକ ପରିସଂଖ୍ୟାନ ମିଳିଛି। ୨୦୧୭ ଆରମ୍ଭ ବେଳକୁ ରାଜ୍ୟର ବିଭିନ୍ନ ବିଚାରାଳୟରେ ମହିଳମାନଙ୍କ ପ୍ରତି ଘଟୁଥିବା ବିଭିନ୍ନ ଅପରାଧ ସଂକ୍ରାନ୍ତୀୟ ମାମଲା ସଂଖ୍ୟା ୮୨,୩୬୪ ଥିବାବେଳେ ୨୦୨୨ ଶେଷ ସୁଦ୍ଧା ଏହି ସଂଖ୍ୟା ୧,୬୯,୫୭୨ରେ ପହଞ୍ଚିଛି। କ୍ରାଇମ୍ ଇନ୍ ଇଣ୍ଡିଆ ୨୦୧୬ ରିପୋର୍ଟର ତଥ୍ୟ ମୁତାବକ ଉକ୍ତ ବର୍ଷରେ ଏଭଳି କିସମର ମାମଲାରେ ଓଡିଶାରେ ଦଣ୍ଡବିଧାନ ହାର ମାତ୍ର ୬.୨ ପ୍ରତିଶତ ଥିବାବେଳେ ଫଏସଲା ହାର ୭.୭ ପ୍ରତିଶତରେ ସୀମିତ ଥିଲା।



ଅନ୍ୟ ପକ୍ଷରେ ସଦ୍ୟ ପ୍ରକାଶିତ କ୍ରାଇମ ଇନ୍ ଇଣ୍ଡିଆ-୨୦୨୩ ରିପୋର୍ଟର ତଥ୍ୟ ମୁତାବକ ଏହି କିସମର ମାମଲାରେ ଓଡିଶାରେ ଦଣ୍ଡବିଧାନ ହାର ମାତ୍ର ୬.୯ ପ୍ରତିଶତ ଥିବାବେଳେ ଫଏସଲା ହାର ୫.୩ ପ୍ରତିଶତରେ ସୀମିତ ରହୁଛି। ୨୦୨୩ ଶେଷସୁଦ୍ଧା ଏଭଳି କିସମର ୧,୭୭,୯୪୦ ମାମଲା ରାଜ୍ୟର ବିଭିନ୍ନ ଅଦାଲତରେ ବିଚାରାଧିନ ଥିବାବେଳେ ଏବେ ଏହି ସଂଖ୍ୟା ପ୍ରାୟ ୨ଲକ୍ଷ ହେବ ବୋଲି ଆଇନ୍ ବିଶାରଦମାନେ ଆଶଙ୍କା କରୁଛନ୍ତି। ୨୦୨୩ ବର୍ଷରେ ଓଡିଶାରେ ଏହି କିସମର ୧,୮୭,୮୧୫ ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ସେଥିରୁ ମାତ୍ର ୯୮୭୫ ମାମଲା ଫଏସଲା ହୋଇଥିଲା ଏବଂ ଏଥି ମଧ୍ୟରେ ମୋଟେ ୬୭୦ଟି ମାମଲାରେ ଅପରାଧିଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥିବାବେଳେ ୯୧୦୪ ମାମଲାରେ ଅଭିଯୁକ୍ତମାନେ ଖଲାସ ହୋଇଯାଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ରିପୋର୍ଟରୁ ଓଡ଼ିଶାରେ ମହିଳମାନଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲା ଫଏସଲା ହେବାରେ ବିଳମ୍ବ ଘଟିବା ସହ ଖୁବ୍ କମ୍ କ୍ଷେତ୍ରରେ ଦଣ୍ଡବିଧାନ ହେଉଥିବାରୁ ଅପରାଧିମାନଙ୍କର ଆଇନ୍ ବ୍ୟବସ୍ଥା ପ୍ରତି ଭୟ ରହୁନାହିଁ। ଯେତିକିଟି ଫୌଜଦାରୀ ମାମଲାରେ ବି ଦଣ୍ଡବିଧାନ ହେଉଛି ସେଥିରୁ ଅଧିକାଂଶରେ ଅପରାଧିମାନେ ଉଚ୍ଚ ଅଦାଲତମାନଙ୍କରେ ଅପିଲ୍ କରୁଥିବାରୁ ତାହା ବି ଗଡୁଛି।

ଏଠାରେ ଉଲ୍ଲେଖନୀୟ ଯେ ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ସାରା ଦେଶରେ ଦଣ୍ଡବିଧାନ ହାର ୨୧ ପ୍ରତିଶତରୁ ଅଧିକ ରହୁଥିବାବେଳେ ଓଡିଶାରେ କିନ୍ତୁ ତାହା ୭ ପ୍ରତିଶତରୁ କମ୍ ରହୁଛି। ୫ ବର୍ଷର ପୁରୁଣା ମାମଲାଗୁଡ଼ିକୁ ସଫା କରିବାପାଇଁ ଓଡିଶା ସରକାର ଅର୍ଥ କମିଶନଙ୍କ ସୁପାରିସ୍ ଭିତ୍ତିରେ ଗତ ୨୦୧୧ରେ ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିବାବେଳେ ମାମଲା ସଂଖ୍ୟା କିନ୍ତୁ

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୮ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Wednesday 8 October 2025, Bhubaneswar


### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ମହାଗଠବନ୍ଧନରେ ସିଟ୍ ବାଣ୍ଟ



ବାଜି ସାରିଛି ବିହାର ନିର୍ବାଚନ ବିଗୁଲ୍। ଆସନ୍ତା ନଭେମ୍ବର ୬ ଏବଂ ୧୧ରେ ଭାଗ୍ୟ ପରୀକ୍ଷା କରିବେ ବିଭିନ୍ନ ଦଳ। ରାଜନୀତି ମଇଦାନରେ ଏବେ ଉତ୍ତେଜନା ରହିଥିବା ବେଳେ ଇଣ୍ଡି ମେଣ୍ଟ ହେଉକି ଏନଡିଏ, ସିଟ୍ ନେଇ ଭାଗ ବଣ୍ଟା ସରିନି। ହେଲେ ଏହାରି ଭିତରେ ଶୁଣିବାକୁ ମିଳୁଛି ଯେ ବିହାରରେ ବିରୋଧୀ ମହାଗଠବନ୍ଧନ ଆସନ ବଣ୍ଟନ ଫର୍ମୁଲା ଉପରେ ପ୍ରାୟ ସହମତିରେ ପହଞ୍ଚିଛି। କଂଗ୍ରେସ, ଭିଆଇପି ଏବଂ ବାମପନ୍ଥୀମାନଙ୍କର କିଛି ଦାବି ଅଛି ଏବଂ ସନ୍ଧ୍ୟାରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ବିରୋଧୀ ଦଳଗୁଡ଼ିକର ଉପଯୁକ୍ତ ନେତାମାନେ ଉପସ୍ଥିତ ରହିବେ।

ବିହାର ବିଧାନସଭା ନିର୍ବାଚନ ଘୋଷଣା ପରେ, ରାଜନୈତିକ ଦଳଗୁଡ଼ିକ ଆସନ ବଣ୍ଟନ ବିଷୟରେ ମନ୍ଥନ ଆରମ୍ଭ କରିଛନ୍ତି। ବିହାର ନିର୍ବାଚନ ମୁଖ୍ୟତଃ ଦୁଇଟି ମେଣ୍ଟ ମଧ୍ୟରେ ଏକ ପ୍ରତିଯୋଗିତା, ଶାସକ ଏନଡିଏ ଏବଂ ବିରୋଧୀ ଅଲ୍ ଇଣ୍ଡିଆ ଆଲାଏନ୍ସ, ଯାହାକୁ ମହାଗଠବନ୍ଧନ ମଧ୍ୟ କୁହାଯାଏ। ଗତ ସପ୍ତାହ ଧରି, ଆସନ ବଣ୍ଟନ ସମ୍ପର୍କରେ ମହାଗଠବନ୍ଧନ ମଧ୍ୟରେ ବୈଠକ ଚାଲିଛି। ଏବେ ସୂଚନା ମିଳୁଛି ଯେ ଆସନ ବଣ୍ଟନ ନେଇ ଦଳଗୁଡ଼ିକ ମଧ୍ୟରେ ସହମତି ହୋଇଛି। ସୂଚନା ଅନୁସାରେ, ରାଜ୍ୟର ୨୪୩ ବିଧାନସଭା ଆସନ ମଧ୍ୟରୁ ଆରଜେଡି ୧୩୦-୧୩୫ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ୫୫-୫୮ ଆସନରେ ନିଜର ଦାବି ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି। ମୁକେଶ ସାହାଣୀଙ୍କ ବିକାଶଶୀଳ ଇନସାନ ପାର୍ଟି (ଭିଆଇପି)କୁ ୧୪-୧୮ ଆସନ ମିଳିପାରେ, ଯେତେବେଳେ ବାମ ଦଳଗୁଡ଼ିକୁ ୩୦-୩୫ ଆସନ ମିଳିପାରେ। ଅପରପକ୍ଷେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଆଜି ସନ୍ଧ୍ୟାରେ ଆସନ ବଣ୍ଟନ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାଗଠବନ୍ଧନ ନେତାମାନଙ୍କର ଏକ ବୈଠକ ମଧ୍ୟ ଅନୁଷ୍ଠିତ ହେବା ସୂଚନା ମିଳିଛି ଯେ ମୁକେଶ ସାହାଣୀ ଉପମୁଖ୍ୟମନ୍ତ୍ରୀ ପଦ ଘୋଷଣାରେ ଅଟଳ ଅଛନ୍ତି। ପ୍ରାରମ୍ଭରେ ତାଙ୍କୁ ୧୬ ଆସନ ପ୍ରସ୍ତାବ ଦିଆଯାଇଥିଲା, କିନ୍ତୁ ସେ ଏଥିପାଇଁ ପ୍ରସ୍ତୁତ ନାହାଁନ୍ତି। ଏହି ସମୟରେ, ବାମପନ୍ଥୀମାନେ ପୂର୍ବର ଶ୍ରେଷ୍ଠ ଷ୍ଟ୍ରାଇକ୍ ହାର ଦର୍ଶାଇ ଅଧିକ ଆସନ ଦାବି କରୁଛନ୍ତି। କଂଗ୍ରେସ କମ୍ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି କିନ୍ତୁ ୪ ରୁ ୬ ଆସନ ଅଦଳବଦଳ କରିବାକୁ ଚାହୁଁଛି। ଏହି ଆସନଗୁଡ଼ିକ ଏନଡିଏ ଦୀର୍ଘ ସମୟ ଧରି ଜିତି ଆସୁଛି। ଆଜି ସନ୍ଧ୍ୟାରେ ତେଜସ୍ୱୀ ଯାଦବଙ୍କ ବାସଭବନରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ମୁକେଶ ସାହାଣୀ, ବାମପନ୍ଥୀ ଏବଂ କଂଗ୍ରେସର ଦାବି ଉପରେ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଦଳୀୟ ନେତାମାନେ ଏଗୁଡ଼ିକୁ ଛୋଟ ଦାବି ଭାବରେ ଦେଖୁଛନ୍ତି। ଦଳୀୟ ନେତାମାନେ ବିଶ୍ୱାସ କରୁଛନ୍ତି ଯେ ମହାଗଠବନ୍ଧନ ଖୁବ୍ ଶୀଘ୍ର ଆସନ ବଣ୍ଟନ ସମ୍ପର୍କରେ ଏକ ସହମତିରେ ପହଞ୍ଚିବ। ଏନେଇ ଭିଆଇପି ଜାତୀୟ ସଭାପତି ମୁକେଶ ସାହାଣି କହିଛନ୍ତି ଯେ ଯେତେବେଳେ ବିଜେପି ସାଢ଼େ ତିନି ବର୍ଷ ପୂର୍ବରୁ ଆମର ବିଧାୟକମାନଙ୍କୁ କିଣି ଆମକୁ ସରକାରରୁ ବାହାର କରି ଦେଇଥିଲା, ସେତେବେଳେ ଆମର ସଂକଳ୍ପ ଥିଲା ବିଜେପିକୁ ପରାସ୍ତ କରି ସେମାନଙ୍କୁ କ୍ଷମତାରୁ ବାହାର କରିବା। ତେଣୁ, ଆମେ ଗତ ସାଢ଼େ ତିନି ବର୍ଷ ଧରି ପ୍ରସ୍ତୁତି କରୁଛୁ। ମହାଗଠବନ୍ଧନର ସହଯୋଗୀ ଭାବରେ ଆମେ ଦୃଢ଼ ଭାବରେ ନିର୍ବାଚନ କ୍ଷେତ୍ରରେ ପ୍ରବେଶ କରିବୁ। ନୀତିଶ କୁମାର ବିହାରରେ ଏକ ଫ୍ୟାକ୍ଟର ଥିଲେ, କିନ୍ତୁ ଏବେ ତାହା ନାହିଁ। ଆସନ ବଣ୍ଟନ ସମ୍ପର୍କରେ ଆଭ୍ୟନ୍ତରୀଣ ଭାବରେ ସବୁକିଛି ଚୂଡ଼ାନ୍ତ ହୋଇଛି। ହୁଏତ ମଙ୍ଗଳବାର ସନ୍ଧ୍ୟାରେ, ଆମେ ସୂଚନା ପ୍ରଦାନ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ କରିବୁ।

# କ୍ୟାନସର ନିରାକରଣ ପାଇଁ ସ୍ୱତନ୍ତ୍ର ଯୋଜନା ଦରକାର



**ସୁବାସ ଷଡଙ୍ଗୀ**

ଦେଶ ଯେତେ ଆଗଉଛି, ସେତିକି ରୋଗ ଆମକୁ ଗ୍ରାସ କରିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ସୁସ୍ଥ ସମାଜ ଗଠନ ପାଇଁ, ଯେତେ ପ୍ରକାରରର ଯୋଜନା ପ୍ରଣୟନ କରାଗଲେ ମଧ୍ୟ ନୂଆ ନୂଆ ରୋଗ ଆମକୁ ଗ୍ରାସ କରିବାରେ ଲାଗିଛି। ଯେଉଁ କେତୋଟି ରୋଗ ଏବେ ଗୋପନ ଭାବରେ ବଢ଼ି ଚାଲିଛି, ସେଥି ମଧ୍ୟରୁ ସବୁଠୁ ଆଗରେ ରହିଛି କ୍ୟାନସର ବା କର୍କଟ ରୋଗ। ଆଗରୁ ହୃଦରୋଗ ଥିଲା ସବୁଠୁ ଆଗରେ ଏବେ ହୃଦରୋଗକୁ ବଳି ଯାଇଛି କର୍କଟ ରୋଗ।ପୂର୍ବ ପ୍ରସ୍ତୁତି ଯୋଗୁଁ ଆମେ ଅନେକ ପରିମାଣରେ ହୃଦଘାତକୁ ରୋକିବାରେ ସଫଳ ହୋଇଛୁ।

ଆମ ଦେଶରେ ଉଦବେଗଜନକ ଭାବରେ ବଢ଼ି ଚାଲିଛି କ୍ୟାନସର। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ତରଫରୁ ଯେଉଁ ତଥ୍ୟ ମିଳିଛି, ସେଥିବରେ କୁହାଯାଇଛି, ୨୦୧୯ ମସିହାରେ ଆମ ଦେଶରେ କର୍କଟ ରୋଗକ୍ରାନ୍ତଙ୍କ ସଂଖ୍ୟାଥିଲା ୧୩.୫ ଲକ୍ଷ। ୨୦୨୦ ମସିହା ବେଳକୁ ଏହା ବଢ଼ି ହେଲା୧୩.୯ ଲକ୍ଷ। ୨୦୨୧ ମସିହାରେ ୧୪.୨ ଲକ୍ଷ ଏବଂ ୨୦୨୪ ମସିହାରେ ଏହା ବଢ଼ି ହେଲା୧୫.୩ ଲକ୍ଷରେ। ସେଇ ପରିମାଣରେ କର୍କଟରେ ମୃତ୍ୟୁ ସଂଖ୍ୟାମଧ୍ୟ ବଢ଼ି ଚାଲିଛି। ୨୦୧୯ ମସିହାରେ କର୍କଟ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଥିଲା ୭.୫ ଲକ୍ଷ। ୨୦୨୨ ମସିହାରେ ଏହା ବଢ଼ି ହେଲା ୮ ଲକ୍ଷ।

ସେଇପରି ଆମ ଓଡ଼ିଶା କଥା ଚିନ୍ତା କରାଯାଇପାରେ। ୨୦୧୩ ମସିହାରେ ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା ଥିଲା୪୩, ୨୧୦। ୨୦୨୨ ମସିହା ବେଳକୁ ଏହା ବଢ଼ି ହେଲା ୫୨, ୯୬୦। ସେଇପରି କର୍କଟ ରୋଗରେ ମୃତ୍ୟୁ ସଂଖ୍ୟା ଥିଲା ୨୦୧୩ ମସିହାରେ ୨୩୮୮୬। ୨୦୨୨ ମସିହା ବେଳକୁ ବଢ଼ି ହେଲା୨୯, ୨୮୭। ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା ଚଳିତ ବର୍ଷ ଶେଷ ବେଳକୁ ୫୫ ହଜାର ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆକଳନ ଅନୁସାରେ ମଣିଷର ହାରାହାରି ଆୟୁଷ ବଢ଼ିବାରେ ଲାଗିଛି। କାରଣ ପୂର୍ବାପେକ୍ଷା ଆମେ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇଛୁ। ଯାହାଫଳରେ ରୋଗ ଚିହ୍ନଟ ପୂର୍ବରୁ ହୋଇପାରୁଛି। କ୍ୟାନସର ଭଳି ରୋଗର ଚିହ୍ନଟ ପ୍ରଥମାବସ୍ଥାରୁ ହୋଇପାରିଲେ ଚିକିତ୍ସା ସହଜ ହୋଇଥାଏ। ଆଗରୁ ରୋଗ ବଢ଼ିଗଲା ପରେ ଚିହ୍ନଟ ହେଉଥିଲା।

ଗବେଷଣାରୁ ଜଣା ପଡ଼ିଛଇ ଯେ, ରୋଗ ଚିହ୍ନଟ ହେବାର ପାଞ୍ଚବର୍ଷ ଭିତରେ କ୍ୟାନସର ରୋଗୀ ମୃତ୍ୟୁ ଘଟିଥାଏ। ଏମାନଙ୍କ ସଂଖ୍ୟା ପ୍ରାୟ ସତୁରିଭାଗ। ରୋଗ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ବିଳମ୍ବ ଯୋଗୁଁ ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ପ୍ରାଥମିକ ଅବସ୍ଥାରୁ ଚିହ୍ନଟ ହେଲେ ରୋଗୀ ବଞ୍ଚିବାର ସମ୍ଭାବନା ଅଧିକ ଥାଏ। ଆମ ଦେଶରେ କର୍କଟ ରୋଗ ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା ଖୁବ କମ। ତାହାପୁଣି କେବଳ ବଡ ବଡ ସହରଗୁଡିକରେ ରହିଛି। ଗ୍ରାମାଞ୍ଚଳର ରୋଗୀମାନେ ଏଇ ଡାକ୍ତରଖାନାକୁ ଆସି ପାରୁ ନାହାନ୍ତି। ଏଇ ରୋଗର ଚିକିତ୍ସା ବ୍ୟୟ ବହୁଳ ହୋଇଥିବାରୁ ସମସ୍ତେ ଟଙ୍କା ଖର୍ଚ୍ଚ କରିପାରନ୍ତି ନାହିଁ।

ଏବେ ଆମ ଦେଶରେ ଅଣସଂକ୍ରାମକ ରୋଗ ପାଇଁ ସରକାରଙ୍କ ପକ୍ଷରୁ ନୂତନ ଯୋଜନା କରାଯାଇଛି। ଅଣସଂକ୍ରାମକ ରୋଗ କହିଲେ, ଆମେ ବୁଝୁ, ହୃଦରୋଗ ଡାଇବେଟିସ, ମସ୍ତିକ ଆଘାତ ଏବଂ କର୍କଟ ରୋଗକୁ ବୁଝାଏ। ଏତେ ଗୁଡିଏ ରୋଗର ଚିହ୍ନଟ ବ୍ୟବସ୍ଥା ଭିତରେ କର୍କଟ ରୋଗ ସେଭଳି ଗୁରୁତ୍ୱ ପାଇପାରୁ ନାହିଁ। ଏଣୁ ଏଥି ପ୍ରତି ସ୍ୱତନ୍ତ୍ର ଚିହ୍ନଟ ବ୍ୟବସ୍ଥା କରାଯିବା ଦରକାର। ଆମେ ଯେଉଁ ଖାଦ୍ୟ ଖାଉଛୁ, ସେଥିବରେ କ୍ୟାନସର ସୃଷ୍ଟିକାରୀ ରସାୟନ ରହୁଛି କି ନାହିଁ, ସେ ପରୀକ୍ଷା ହେବା ଦରକାର। ଫାଷ୍ଟ ଫୁଡଦେହ ପାଇଁ ଅଧିକ କ୍ଷତିକାରକ। ସେଇପରି ବିଭିନ୍ନ କଳ କାରଖାନରୁ ନିର୍ଗତ ବିଷାକ୍ତ ଗ୍ୟାସ କି ନାହିଁ, ତାହା ପରୀକ୍ଷା କରାଯାଉ। ବିଷାକ୍ତ ପଦାର୍ଥରେ କ୍ୟାନସର ହେଉଛି ନାହିଁ ପରୀକ୍ଷା ନହେଲେ ଜଣା ପଡ଼ିବ ନାହିଁ। ଆମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ସବୁଠାରୁ ଅଧିକ କର୍କଟ ରୋଗୀ। କାରଣ ସ୍ୱରୂପ କୁହାଯାଉଛି, ଚାଷରେ ଯେଉଁ କୀଟନାଶକ ଔଷଧ ପକାଯାଉଛି, ତାହା ପାଣିକୁ ସଂକ୍ରମିତ କରୁଛି। ପାଣି ପ୍ରଦୂଷିତ ହେଉଛି।ସେଇପରି ବିଭିନ୍ନ କଳକାରଖାନାରୁ ଯେଉଁ ଧୂଆଁ ବାହାରୁଛି, ତାହା ପରୀକ୍ଷା କରାଯିବା ଦରକାର।

ମହିଳାମାନଙ୍କ ଠାରେ ସ୍ତନ କର୍କଟ ଏକ ପ୍ରଧାନ ସମସ୍ୟା। ସରକାରଙ୍କ ପକ୍ଷରୁ ଚାଳିଶ ଅତିକ୍ରମ କରିଥିବା ସବୁ ମହିଳାଙ୍କ ଏଇ ପରୀକ୍ଷା କରାଯିବା ଦରକାର। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଏହାକୁ ଚିହ୍ନଟ କରାଯାଇପାରିବ।

ସେଇପରି ଉପକୂଳ ଓଡ଼ିଶାରେ ମୁଖ କର୍କଟ ଅଧିକ। କାରଣ ଏଠିକାର ଲୋକମାନଙ୍କ ପାନ ବା ତମ୍ବାଖୁ ଖାଇବା ଅଭ୍ୟାସ। ସରକାର ଚାହିଁଲେ ମଧ୍ୟ ତମ୍ବାଖୁ ସେବନ ବନ୍ଦ କରିପାରୁ ନାହାନ୍ତି। ଏଣୁ ସରକାରଙ୍କ ପକ୍ଷରୁ ତମ୍ବାଖୁ ଉପରେ ଶତକଡା ଶହେଭାଗ ଟିକସ ବସାଇ ସେଥିରୁ ଯେଉଁ ଅର୍ଥ ମିଳିବ, ସେଥିରେ କର୍କଟ ଡାକ୍ତରଖାନା ପ୍ରତିଷ୍ଠା କରାଯିବା ଦରକାର। ଅଧିକ ଦାମ ଦେଇ କେବଳ କିଛି ଲୋକ ଖାଇବେ। କର୍କଟ ରୋଗୀଙ୍କ ଚିକିତ୍ସା ସରକାର ବହନ କରିବା ଦରକାର। କାରଣ ଏହା ଖୁବ ବ୍ୟୟ ବହୁଳ। ସାଧାରଣ ଲୋକ ଏଭଳି ଖର୍ଚ୍ଚ ବହୁଳ ଚିକିତ୍ସା କରି ନପାରି ମୃତ୍ୟୁ ମୁଖରେ ପଡନ୍ତି। ଏଣୁ ସରକାର ଏ ଦିଗରେ ସଚେତନ ହେବା ଦରକାର।

# ନିଷ୍ଠୁର, ବର୍ବର, ଅମାନବୀୟ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ସୋମବାର, ଅକ୍ଟୋବର ୬, ୨୦୨୫ ସନ୍ଧ୍ୟାରେ, ଓଡ଼ିଶାର ବ୍ରହ୍ମପୁରରେ ଏକ ଆଶ୍ଚର୍ଯ୍ୟଜନକ ଘଟଣ ଘଟିଲା, କାରଣ ଜଣେ ପ୍ରମୁଖ ବରିଷ୍ଠ ଆଇନଜୀବୀ ଏବଂ ସ୍ଥାନୀୟ ବିଜେପି ନେତା ପୀତବାସ ପଣ୍ଡାଙ୍କୁ ବ୍ରହ୍ମନଗର ଅଞ୍ଚଳରେ ତାଙ୍କ ବାସଭବନ ନିକଟରେ ଦୁଃଖଦ ଭାବରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ରାଜ୍ୟର ଆଇନଗତ ଏବଂ ରାଜନୈତିକ ସମ୍ପ୍ରଦାୟରେ ସ୍ତବ୍ଧ କରିଦେଇଛି, ଯାହା ଦ୍ୱାରା ବ୍ୟାପକ ନିନ୍ଦା ଏବଂ ଶୀଘ୍ର ନ୍ୟାୟ। ପାଇଁ ଦାବି କରାଯାଇଛି। ରାତି ପ୍ରାୟ ୧୦ଟା ସମୟରେ ପଣ୍ଡା ଘରକୁ ଫେରୁଥିବା ସମୟରେ ଏହି ମାରାତ୍ମକ ଆକ୍ରମଣ ଘଟିଥିଲା। ଏକ ମୋଟରସାଇକେଲ ଚଢି ଦୁଇଜଣ ଅଜ୍ଞାତ ଆକ୍ରମଣକାରୀ ତାଙ୍କୁ ଆକ୍ରମଣ କରି ନିକଟରୁ ଗୁଳି ଚଳାଇଥିଲେ। ପଣ୍ଡାଙ୍କ ଛାତିରେ ଅନେକ ଗୁଳି ଆଘାତ ଲାଗିଥିଲା ଏବଂ ସେ ଘଟଣାସ୍ଥଳରେ ହିଁ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ପ୍ରମୁଖ ଚିକିତ୍ସା ସୁବିଧା, ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ, ଦ୍ରୁତ ପ୍ରତିକ୍ରିୟା ସତ୍ତ୍ୱେ, ହସ୍ପିଟାଲର ଡାକ୍ତରମାନେ ପହଞ୍ଚିବା ପରେ ତାକୁ ମୃତ ଘୋଷଣା କରିଥିଲେ, ଯାହା ମୃତ୍ୟୁର ଦୁଃଖଦ ଘଟଣା ନିଶ୍ଚିତ କରିଥିଲା। ପଣ୍ଡା ବ୍ରହ୍ମପୁରରେ ଜଣେ ଅତ୍ୟନ୍ତ ସମ୍ମାନିତ ଏବଂ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ଜଣେ ବରିଷ୍ଠ ଆଇନଜୀବୀ ଭାବରେ ତାଙ୍କର ବୃତ୍ତିଗତ କ୍ୟାରିଅର ବହୁ ବର୍ଷ ଧରି ବ୍ୟାପିଥିଲା, ଯାହା ତାଙ୍କୁ ତାଙ୍କର ଆଇନଗତ ବୁଦ୍ଧି ଏବଂ ସମର୍ପଣ ପାଇଁ ଖ୍ୟାତି ଅର୍ଜନ କରିଥିଲା। ତାଙ୍କ ଆଇନଗତ ଅଭ୍ୟାସ ବ୍ୟତୀତ, ସେ ସାର୍ବଜନୀନ ଜୀବନରେ ଗଭୀର ଭାବରେ ଜଡିତ ଥିଲେ। ସେ ରାଜ୍ୟର ଆଇନଗତ ବୃତ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥା, ଓଡ଼ିଶା ରାଜ୍ୟ ବାର ପରିଷଦର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ। ରାଜନୈତିକ ଦୃଷ୍ଟିରୁ, ପଣ୍ଡାଙ୍କର ଏକ ଉଲ୍ଲେଖନୀୟ ଗତିବିଧି ଥିଲା, ପ୍ରଥମେ ସେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ପରିବର୍ତ୍ତନ ହେବା ପୂର୍ବରୁ କଂଗ୍ରେସ ଦଳ ସହିତ ଜଡିତ ଥିଲେ, ଯେଉଁଠାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନୀୟ ନେତୃତ୍ୱ ଭୂମିକା ଗ୍ରହଣ କରିଥିଲେ। ସହର ମଧ୍ୟରେ ଦୁର୍ନୀତି ଏବଂ ଅପରାଧ ବିରୋଧରେ ତାଙ୍କର ଅଟଳ ପ୍ରୟାସ ପାଇଁ ସେ ବ୍ୟାପକ ଭାବରେ ସ୍ୱୀକୃତି ପାଇଥିଲେ, ପ୍ରାୟତଃ ଚ୍ୟାଲେଞ୍ଜିଂ ମାମଲା ଗ୍ରହଣ କରୁଥିଲେ ଏବଂ ନ୍ୟାୟ। ପାଇଁ ଓକିଲାତି କରୁଥିଲେ। ଅବୈଧ କାର୍ଯ୍ୟକଳାପ ବିରୁଦ୍ଧରେ ଏହି ସାର୍ବଜନୀନ ଦୃଷ୍ଟିକୋଣ ଆକ୍ରମଣର ସମ୍ଭାବ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅନୁମାନ ସୃଷ୍ଟି କରିଛି। ପଣ୍ଡାଙ୍କ ହତ୍ୟା ଖବର ଶୀଘ୍ର ପ୍ରସାରିତ ହେଲା, ଉଚ୍ଚପଦସ୍ଥ ଅଧିକାରୀ ଏବଂ ରାଜନୈତିକ ନେତାଙ୍କ ଦୃଷ୍ଟି ଆକର୍ଷଣ କଲା। ରାଜ୍ୟର ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ବିଭୂତି ଜେନା ଏବଂ ଅନ୍ୟ ବହୁ ପ୍ରମୁଖ ବିଜେପି ନେତାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ପରିସ୍ଥିତିର ମୂଲ୍ୟାଙ୍କନ ଏବଂ ସମବେଦନା ଜଣାଇବା ପାଇଁ ଅପରାଧ ସ୍ଥଳ ଏବଂ ପରେ ହସ୍ପିଟାଲକୁ ଯାଇଥିଲେ। ଏପରି ଉଚ୍ଚ-ପ୍ରୋଫାଇଲ୍ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଘଟଣାର ଗୁରୁତ୍ୱ ଏବଂ ରାଜନୈତିକ ସମ୍ବେଦନଶୀଳତାକୁ ସ୍ପଷ୍ଟ କରେ। ଏହି ଜଘନ୍ୟ ଅପରାଧର ପ୍ରତିକ୍ରିୟାରେ, ବ୍ରହ୍ମପୁର ପୋଲିସ ଏକ ପୁଙ୍ଖାନୁପୁଙ୍ଖ ଏବଂ ବ୍ୟାପକ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ଖସିଯିବାର ରାସ୍ତା ଚିହ୍ନଟ କରିବା ପାଇଁ ସେମାନଙ୍କର ତୁରନ୍ତ କାର୍ଯ୍ୟ ମଧ୍ୟରେ ଅପରାଧ ସ୍ଥାନ ନିକଟରୁ ସିସିଟିଭି ଫୁଟେଜକୁ ସ୍କାନ କରିବା ଅନ୍ତର୍ଭୁକ୍ତ। ଅପରାଧୀମାନଙ୍କୁ ଖୋଜିବା ଏବଂ ଗିରଫ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଛି। ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାବେଳେ, ଏହି ନୃଶଂସ ଆକ୍ରମଣ ପଛର ଉଦ୍ଦେଶ୍ୟ କଠୋର ଯାଞ୍ଚ ଅଧୀନରେ ରହିଛି, କର୍ତ୍ତୃପକ୍ଷ ବ୍ୟକ୍ତିଗତ ଶତ୍ରୁତା, ରାଜନୈତିକ ପ୍ରତିଦ୍ୱନ୍ଦ୍ୱତା କିମ୍ବା ତାଙ୍କର ଦୁର୍ନୀତି ବିରୋଧୀ କାର୍ଯ୍ୟ ସମେତ ସମସ୍ତ ସମ୍ଭାବ୍ୟ ଦିଗକୁ ଅନୁସନ୍ଧାନ କରୁଛନ୍ତି। ଏହି ଘଟଣା କେବଳ ପଣ୍ଡାଙ୍କ ପରିବାର ଏବଂ ସହକର୍ମୀଙ୍କ ମଧ୍ୟରେ ଅତ୍ୟନ୍ତ ଦୁଃଖ ସୃଷ୍ଟି କରିନାହିଁ ବରଂ ସମଗ୍ର ଓଡ଼ିଶାରେ ଆଇନଗତ ଭାଇଚାରା ଏବଂ ରାଜନୈତିକ ମହଲରେ ବ୍ୟାପକ କ୍ରୋଧ ଏବଂ ଚିନ୍ତାର କାରଣ ହୋଇଛି, ବ୍ରହ୍ମପୁରରେ ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ଦୁଃଖଦ ହତ୍ୟାକାଣ୍ଡ ସମଗ୍ର ଓଡ଼ିଶାରେ ଆତଙ୍କ ସୃଷ୍ଟି କରିଛି, ଯାହା ରାଜ୍ୟ ସରକାରଙ୍କଠାରୁ ତୁରନ୍ତ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟାପକ ଦାବି କରିଛି। ଏହି ଘଟଣାର ଗୁରୁତ୍ୱ, ବିଶେଷ କରି ପଣ୍ଡାଙ୍କ ସାର୍ବଜନୀନ ପ୍ରୋଫାଇଲ ଏବଂ ଦୁର୍ନୀତି ବିରୁଦ୍ଧରେ ତାଙ୍କର ରିପୋର୍ଟ କରାଯାଇଥିବା ପ୍ରୟାସକୁ ଦୃଷ୍ଟିରେ ରଖି, ଆଇନର ଶାସନକୁ ବଜାୟ ରଖିବା ଏବଂ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଏକ ଦୃଢ ଏବଂ ସ୍ୱଚ୍ଛ ପ୍ରତିକ୍ରିୟା ଆବଶ୍ୟକ। ତୁରନ୍ତ ଆଇନ ପ୍ରବର୍ତ୍ତନ ପ୍ରତିକ୍ରିୟା ଓଡ଼ିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରାଥମିକ ଏବଂ ସବୁଠାରୁ ଜରୁରୀ ପଦକ୍ଷେପ ହେଉଛି ପୋଲିସ ତଦନ୍ତକୁ ସର୍ବାଧିକ କଠୋରତା ଏବଂ ଦକ୍ଷତା ସହିତ ପରିଚାଳନା କରିବା ନିଶ୍ଚିତ କରିବା। ଏଥିରେ ଅନ୍ତର୍ଭୁକ୍ତ : ଅପରାଧୀଙ୍କ ଦ୍ରୁତ ଧାରଣା: ପଣ୍ଡାଙ୍କ ହତ୍ୟା ପାଇଁ ଦାୟୀ ମୋଟରସାଇକେଲ ଚାଳକ ଆକ୍ରମଣକାରୀଙ୍କ ଚିହ୍ନଟ, ଅନୁସନ୍ଧାନ ଏବଂ ଗିରଫ କରିବା ତୁରନ୍ତ ପ୍ରାଥମିକତା ହେବା ଉଚିତ। ଏଥିପାଇଁ ସମସ୍ତ ଉପଲବ୍ଧ ଗୁପ୍ତଚର, ଫରେନସିକ୍ ପ୍ରମାଣ ଏବଂ ସମ୍ପ୍ରଦାୟ ସୂଚନା ବ୍ୟବହାର କରି ଉତ୍ସର୍ଗୀକୃତ ଦଳ ଆବଶ୍ୟକ। ପୁନଃ ଫରେନସିକ୍ ବିଶ୍ଳେଷଣ: ବାଲାଷ୍ଟିକ୍ ପ୍ରମାଣ, ସିସିଟିଭି ଫୁଟେଜ ଏବଂ ଅନ୍ୟ ଯେକୌଣସି ଭୌତିକ ସୁରାକ ସମେତ ଅପରାଧ ଘଟଣାସ୍ଥଳରୁ ସଂଗୃହିତ ସମସ୍ତ ପ୍ରମାଣ, ଏକ ଦୃଢ ମାମଲା ଗଠନ କରିବା ପାଇଁ ଯତ୍ନବାନ ଫରେନସିକ୍ ପରୀକ୍ଷା କରାଯିବା ଆବଶ୍ୟକ। ଉଦ୍ଦେଶ୍ୟ ଉନ୍ମୋଚନ, କେବଳ ଅପରାଧୀମାନଙ୍କୁ ଧରିବା ବ୍ୟତୀତ, ତଦନ୍ତକୁ ହତ୍ୟା ପଛରେ ଥିବା ଉଦ୍ଦେଶ୍ୟକୁ ଗଭୀର ଭାବରେ ଖୋଳତାଡ କରିବାକୁ ପଡ଼ିବ। ଏହା କଣ ଏକ ବ୍ୟକ୍ତିଗତ ପ୍ରତିଶୋଧ, ଏକ ବୃତ୍ତିଗତ ବିବାଦ, କିମ୍ବା ଦୁର୍ନୀତି ବିରୁଦ୍ଧରେ ପଣ୍ଡାଙ୍କ ସକ୍ରିୟତା ସହିତ ଜଡିତ ଥିଲା ? ଅନ୍ତର୍ନିହିତ ପ୍ରସଙ୍ଗଗୁଡିକୁ ସମାଧାନ କରିବା ଏବଂ ଭବିଷ୍ୟତର ଘଟଣାଗୁଡିକୁ ରୋକିବା ପାଇଁ ଉଦ୍ଦେଶ୍ୟକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷୀମାନଙ୍କର ସୁରକ୍ଷା : ଅପରାଧର ପ୍ରକୃତିକୁ ଦୃଷ୍ଟିରେ ରଖି, ସହଯୋଗକୁ ଉତ୍ସାହିତ କରିବା ଏବଂ ଭୟଭିତ କରିବା ଏବଂ ଭୟଭୀତ କରିବା ରୋକିବା ପାଇଁ ଯେକୌଣସି ସମ୍ଭାବ୍ୟ ସାକ୍ଷୀଙ୍କ ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ସର୍ବୋପରି। ଆଇନ ଶୃଙ୍ଖଳାକୁ ସୁଦୃଢ କରିବା ତାତ୍କାଳିକ ମାମଲା ବ୍ୟତୀତ, ଓଡ଼ିଶା ସରକାର ଆଇନ ଶୃଙ୍ଖଳା ବ୍ୟବସ୍ଥାର ଏକ ବ୍ୟାପକ ସମୀକ୍ଷା ଏବଂ ସୁଦୃଢ କରିବା ଉଚିତ, ବିଶେଷକରି ବ୍ରହ୍ମପୁର ଭଳି ସହରାଚଂଳ କେନ୍ଦ୍ରଗୁଡିକରେ। ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ, ପୁଲିସ୍ ଦୃଶ୍ୟମାନତା ଏବଂ ପାଟ୍ରୋଲିଂ ବୃଦ୍ଧି, ବର୍ଦ୍ଧିତ ପୋଲିସ ଉପସ୍ଥିତି, ବିଶେଷକରି ସମ୍ବେଦନଶୀଳ ଅଞ୍ଚଳରେ ଏବଂ ବିଳମ୍ବିତ ଘଣ୍ଟା ସମୟରେ, ଅପରାଧିକ କାର୍ଯ୍ୟକଳାପ ପ୍ରତିରୋଧକ ଭାବରେ କାର୍ଯ୍ୟ କରିପାରିବ। ଉନ୍ନତ ଗୁଇନ୍ଦା ସଂଗ୍ରହ : ଏପରି ହିଂସାତ୍ମକ ଅପରାଧକୁ ରୋକିବା ଏବଂ ରୋକିବା ପାଇଁ ଗୁଇନ୍ଦା ନେଟୱାର୍କକୁ ସୁଦୃଢ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ସଂଗଠିତ ଅପରାଧ, ସ୍ଥାନୀୟ ବିବାଦ ଏବଂ ଜନସାଧାରଣଙ୍କ ପ୍ରତି ସମ୍ଭାବ୍ୟ ବିପଦ ଉପରେ ନଜର ରଖିବା ଅନ୍ତର୍ଭୁକ୍ତ। ପୁଲିସ୍ ବାହିନୀର ଆଧୁନିକୀକରଣ, ସୁଦୃଢ ଅପରାଧୀ ଉପାଦାନଗୁଡିକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ପାଇଁ ପୋଲିସ ବାହିନୀକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା, ତାଲିମ ଏବଂ ସମ୍ବଳ ସହିତ ସଜ୍ଜିତ କରିବା। ଅବୈଧ ବନ୍ଧୁକ ସମ୍ବୋଧନ : ବେଆଇନ ବନ୍ଧୁକର ପ୍ରସାର ଉପରେ କାର୍ଯ୍ୟାନୁଷ୍ଠାନ, ଯାହା ପ୍ରାୟତଃ ଏପରି ହିଂସାତ୍ମକ ଅପରାଧରେ ବ୍ୟବହୃତ ହୁଏ, ଅତ୍ୟନ୍ତ ଜରୁରୀ। ନ୍ୟାୟ। ଏବଂ ଉତରଦାୟିତ୍ୱ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ ଧାରଣାଠାରୁ ଅଧିକ ଏବଂ ନ୍ୟାୟ। ପ୍ରଦାନ କରିବା ନିଶ୍ଚିତ କରିବା। ଏଥିରେ ଅନ୍ତର୍ଭୁକ୍ତ: ଫାଷ୍ଟ -ଟ୍ରାକ ମାମଲା : ଦୋଷୀମାନଙ୍କୁ ଗିରଫ କରାଯିବା ପରେ, ସରକାର ତୁରନ୍ତ ନ୍ୟାୟ। ପ୍ରଦାନ କରିବା ଏବଂ ଦଣ୍ଡମୁକ୍ତତା ବିରୁଦ୍ଧରେ ଏକ ଦୃଢ ବାର୍ତ୍ତା ପଠାଇବା ପାଇଁ ଏକ ଦ୍ରୁତ-ଟ୍ରାକ୍ ମାମଲା ପ୍ରକ୍ରିୟା ସୁନିଶ୍ଚିତ କରିବା ଉଚିତ। ତଦନ୍ତରେ ସ୍ୱଚ୍ଛତା : ତଦନ୍ତର ଅଖଣ୍ଡତା ବଜାୟ ରଖିବା ସହିତ, ଜନସାଧାରଣଙ୍କୁ ଅବଗତ ରଖିବା ଏବଂ ବିଶ୍ୱାସ ବଜାୟ ରଖିବା ପାଇଁ ସରକାର ସ୍ୱଚ୍ଛତା ପାଇଁ ପ୍ରୟାସ କରିବା ଉଚିତ। ତଦନ୍ତର ପ୍ରଗତି ବିଷୟରେ ନିୟମିତ, ବିଶ୍ୱସନୀୟ ଅପଡେଟ୍ ଜନସାଧାରଣଙ୍କ ଭୟକୁ ଦୂର କରିବାରେ ସାହାଯ୍ୟ କରିପାରିବ। ପୀଡିତଙ୍କ ପରିବାର ପାଇଁ ସମର୍ଥନଃ ଏହି କଷ୍ଟକର ସମୟରେ ପୀତବାସ ପଣ୍ଡାଙ୍କ ପରିବାରକୁ ଆବଶ୍ୟକୀୟ ସମର୍ଥନ ଏବଂ ସହାୟତା ପ୍ରଦାନ କରିବା ମଧ୍ୟ ସରକାରଙ୍କ ମାନବିକ ଦାୟିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଅନ୍ତର୍ନିହିତ ସମସ୍ୟାଗୁଡିକର ସମାଧାନ ଯଦି ତଦନ୍ତରୁ ଜଣାପଡେ ଯେ ହତ୍ୟା ପଣ୍ଡାଙ୍କ ଦୁର୍ନୀତି ବିରୋଧୀ ପ୍ରୟାସ ସହିତ ଜଡିତ ଥିଲା, ତେବେ ସରକାରଙ୍କୁ ସେହି ବ୍ୟବସ୍ଥାଗତ ସମସ୍ୟାଗୁଡିକର ମଧ୍ୟ ସମାଧାନ କରିବାକୁ ପଡ଼ିବ ଯାହା ଦୁର୍ନୀତି ବିରୁଦ୍ଧରେ କଥାବାର୍ତ୍ତା କରିବା ସମୟରେ ବ୍ୟକ୍ତିମାନଙ୍କୁ ଦୁର୍ବଳ କରିଥାଏ। ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ ହ୍ୱିସଲବ୍ଲୋୟର ସୁରକ୍ଷାକୁ ସୁଦୃଢ କରିବା, ଭୁଲ କାମ ପ୍ରକାଶ କରୁଥିବା ବ୍ୟକ୍ତିମାନଙ୍କୁ ପର୍ଯ୍ୟାପ୍ତ ଭାବରେ ସୁରକ୍ଷା ଦେବା ନିଶ୍ଚିତ କରିବା ପାଇଁ ବିଦ୍ୟମାନ ହ୍ୱିସଲବ୍ଲୋୟର୍ ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା ଏବଂ ସୁଦୃଢ କରିବା। ଉତରଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏପରି ଏକ ପରିବେଶକୁ ପ୍ରୋତ୍ସାହିତ କରିବା ଯେଉଁଠାରେ ଦୁର୍ନୀତିର ସକ୍ରିୟ ଭାବରେ ମୁକାବିଲା କରାଯାଏ ଏବଂ ଯେଉଁମାନେ ଏହା ବିରୁଦ୍ଧରେ ଲଢନ୍ତି ସେମାନଙ୍କୁ ସୁରକ୍ଷା ଏବଂ ଉତ୍ସାହିତ କରାଯାଏ। ପିତବାସ ପଣ୍ଡାଙ୍କ ହତ୍ୟା କେବଳ ଜଣେ ବ୍ୟକ୍ତିଙ୍କ ବିରୁଦ୍ଧରେ ଏକ ଅପରାଧ ନୁହେଁ, ଏହା ଆଇନଗତ ଭାଇଚାରା, ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ସମାଜର ଗଠନ ଉପରେ ଏକ ଆକ୍ରମଣ। ଓଡ଼ିଶା ସରକାରଙ୍କ ପ୍ରତିକ୍ରିୟା ଆଇନ ଶୃଙ୍ଖଳା ବଜାୟ ରଖିବା, ଏହାର ନାଗରିକମାନଙ୍କୁ ସୁରକ୍ଷା ଦେବା ଏବଂ ନ୍ୟାୟ।କୁ ବଜାୟ ରଖିବା ପ୍ରତି ଏହାର ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେବ। ଏପରି ଦୁଃଖଦ ଘଟଣା ପୁନରାବୃତ୍ତି ନହେବା ଏବଂ ଶାନ୍ତି ଏବଂ ନ୍ୟାୟ।କୁ ଦୁର୍ବଳ କରିବାକୁ ଚାହୁଁଥିବା ଲୋକମାନଙ୍କୁ ଦାୟୀ କରାଯିବା ନିଶ୍ଚିତ କରିବା ପାଇଁ ଦୃଢ, ଦ୍ରୁତ ଏବଂ ସ୍ଥାୟୀ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**


# ଓଡ଼ିଆ ଅସ୍ମିତାକୁ ଜାଗ୍ରତ କରିବାର ବିକଳ୍ପ, ସ୍ୱାକ୍ଷର ସଂକଳ୍ପ

**ଡ. ଧର୍ମଛତା**

ଆଗକୁ ସେପ୍ଟେମ୍ବର ୨୨ତାରିଖ 'ସ୍ୱାକ୍ଷର ସଂକଳ୍ପ ଦିବସ' ଅବ୍ୟବହିତ ପୂର୍ବରୁ ଆମ ଖଟିରେ ଭାଷା ସାହିତ୍ୟ ସଂସ୍କୃତିର ଆଲୋଚନା ଚାଲିଥିଲା। ଆଲୋଚକ ମାନଙ୍କ ମୂଳ ତତ୍ତ୍ୱ ଥିଲା ଆମ ଓଡ଼ିଶାର ଲୋକେ ଯିଏ ଯେଉଁଠି ରହୁଛନ୍ତି ରୁହନ୍ତୁ, ଯେଉଁ ଭାଷାରେ ପାଠ ପଢୁଛନ୍ତି ପଢ଼ନ୍ତୁ, ଯେଉଁ ଲିପିରେ ଲେଖୁଛନ୍ତି ଲେଖନ୍ତୁ ହେଲେ ମାତୃଭାଷା ଓଡ଼ିଆରେ କଥାବାର୍ତ୍ତା ହେବାକୁ ନଭୁଲନ୍ତୁ, ଅନ୍ତତଃ ପକ୍ଷେ ଓଡ଼ିଆ ଲିପିରେ ନିଜେ ନିଜର ଦସ୍ତଖତ କରିବା ସହିତ ନିଜର ଆଗାମୀ ବଂଶଧରଙ୍କୁ ଓଡ଼ିଆ ଲିପିରେ ଦସ୍ତଖତ କରିବା ନିମନ୍ତେ ପ୍ରବର୍ତ୍ତାଇବା ଆବଶ୍ୟକ। ଖଡୁଆ କହିଲା ହଁ ଭାଇ, କିଛି ବର୍ଷ ହେବ ସେପ୍ଟେମ୍ବର ମାସ ୨୨ ତାରିଖରେ ଏହି ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଓଡ଼ିଶାର ପୁରାତନ ଅନୁଷ୍ଠାନ 'ନୀଳଶୈଳ' ଏବଂ 'ବିଶ୍ୱ ଓଡ଼ିଆ ସମ୍ମିଳନୀ'ର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାଜଙ୍କ ଶ୍ରାଦ୍ଧ ଦିବସକୁ ରାଜ୍ୟବ୍ୟାପୀ 'ସ୍ୱାକ୍ଷର ସଂକଳ୍ପ ଦିବସ' ଭାବେ ପାଳନ କରାଯାଉଛି। ବଡ଼କଥା ହେଲା ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶ ବିଦେଶରେ ଥିବା ଓଡ଼ିଆ ସଂଗଠନ ମାନେ ସ୍ୱଇଚ୍ଛାରେ ସେପ୍ଟେମ୍ବର ମାସର ୨୨ ତାରିଖକୁ 'ସ୍ୱାକ୍ଷର ସଂକଳ୍ପ ଦିବସ' ଭାବେ ପାଳନ କରୁଛନ୍ତି। ମୁଁ ସବୁ ଶୁଣି ଚୁପ୍ ରହିଥାଏ। କାହାରିକୁ ଜାଣିବାର ସୁଯୋଗ ଦେଉନଥାଏ ଯେ 'ସ୍ୱାକ୍ଷର ସଂକଳ୍ପ ଦିବସ' ଯେଉଁ ଅନୁଷ୍ଠାନ ପାଳନ କରୁଛି, ମୁଁ ସେହି 'ନୀଳଶୈଳ' ଅନୁଷ୍ଠାନର ସାଧାରଣ ସମ୍ପାଦକ ବୋଲି। ମୋ ନୀରବତା ଦେଖି ଖଡୁଆ କହିଲା ; ହଇହୋ ବ୍ୟଙ୍ଗକବି ତମେ କଣ ଏବିଷୟରେ କିଛି ଜାଣିନା, ନା କିଛି କହିବାକୁ ଚାହୁଁନ ? ନୀରବତା ଭାଙ୍ଗି ମୁଁ ପ୍ରଶ୍ନ କଲି, କହିଲ ନୀଳଶୈଳର ଏ ପଦକ୍ଷେପ ଠିକ୍ ନା ଭୁଲ ? ସମସ୍ତେ କହିଲେ, ଏହା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ହେଲେ ଖଡୁଆ ମୁଣ୍ଡ ଆଉ ତୁଣ୍ଡ ସଦାସର୍ବଦା କ୍ରିୟାଶୀଳ ଥାଏ ସେ କହିଲା, ସବୁ କଥା ଠିକ୍ ହେଲେ ଆଜି କାଲି କଥା କୁହା କପିଳାଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଉଛି। ମୁଁ କହିଲି, ସ୍ୱାକ୍ଷର ସଂକଳ୍ପ ଦିବସଟା କ'ଣ ସେହି କଥା କୁହା କପିଳାଙ୍କର ? ଖଡୁଆ କହିଲା, 'ସ୍ୱାକ୍ଷର ସଂକଳ୍ପ ଦିବସ'ରେ କଥା କହିବା ଅପେକ୍ଷା କାମ ଉପରେ ବେଶି ଗୁରୁତ୍ୱ ପ୍ରଦାନ କରାଯାଉଛି। ମୁଁ କହିଲି ତୁ କିପରି ଜାଣିଲୁ ? ସେ କହିଲା, ମୁଁ ଖବରକାଗଜରୁ ପଢ଼ିଛି ଏହି ଅନୁଷ୍ଠାନର କାର୍ଯ୍ୟକ୍ରମରେ ଥରେ ଓଡ଼ିଶାର ପ୍ରଥମ ନାଗରିକ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହୋଦୟ ଅଣ ଓଡ଼ିଆ ହୋଇ ମଧ୍ୟ ସ୍ୱାକ୍ଷର ସଂକଳ୍ପ ଦିବସ ଅବସରରେ ଓଡ଼ିଆ ଲିପିରେ ଦସ୍ତଖତ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଖାଲି ସେତିକି ନୁହେଁ ବିଭିନ୍ନ ପ୍ରବାସୀ ଓଡ଼ିଆ ସଂଗଠନ ମାନେ ମଧ୍ୟ ନିଜ ନିଜର ରହୁଥିବା ଅଞ୍ଚଳରେ ସ୍ୱାକ୍ଷର ସଂକଳ୍ପ ଦିବସ ପାଳନ କରୁଛନ୍ତି। ମୁଁ କହିଲି ତାହେଲେ ଏଠି କଥା କୁହା କପିଳା କହିବାର ଉଦ୍ଦେଶ୍ୟ କ'ଣ ? ଖଡୁଆ କହିଲା ମୁଁ ଏବେ ଗୋଟିଏ ଭାଷା ସାହିତ୍ୟ ସଭାରେ ଯୋଗଦାନ କରି କିଛି ରୋଚକ ଅନୁଭୂତି କହିବା ପାଇଁ ଏତେ ଗୁଡ଼େ କଥା କହୁଥିଲି। ମୁଁ କହିଲି ମୟୁର ଚନ୍ଦ୍ରିକା ନଦେଇ ଯାହା କହିବା କଥା ସିଧା ସିଧା କହ। ଚାହା କପ୍ ଥୋଇଦେଇ, କିଛି ସମୟ ନୀରବ ପରେ ଚିରାଚରିତ ଢ଼ଙ୍ଗରେ ଖଡୁଆ କହିଲା, ଏବେ ମୁଁ ଗୋଟିଏ ସାହିତ୍ୟ ସଭାରେ ଶ୍ରୋତା ଭାବେ ଯୋଗଦେଇ ଦେଖିଲି, ବକ୍ତା ମାନେ ଓଡ଼ିଆ ଭାଷା ଉପରେ ଆଧାରିତ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରୁଥାନ୍ତି। କିଏ କହୁଥାନ୍ତି ଆମ ପିଲା ଇଂରାଜୀ ସ୍କୁଲରେ ପଢୁଛନ୍ତି ଓଡ଼ିଆ ଭାଷା ପ୍ରତି ବିମୁଖ ହେଉଛନ୍ତି ଯାହା ଦେଖାଯାଉଛି ଯଦି ଏ ଧାରା ଏହିପରି ରହିବ କିଛି ବର୍ଷ ପରେ ଆମଭାଷା ଇତିହାସ ହୋଇ ରହିଯିବ। ଜଣେ ବକ୍ତା ଶପଥ କରାଇ କହିଲେ ଏବେ ଯଦି କେହି ବିବାହ, ବ୍ରତ କିମ୍ବା ଯେକୌଣସି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଆରେ ନିମନ୍ତ୍ରଣ ପତ୍ର ଦେଲେ ଯିବା, ଯଦି କେହି ଇଂରାଜୀରେ ନିମନ୍ତ୍ରଣ ପତ୍ର ଦିଅନ୍ତି ସେ କାର୍ଯ୍ୟକ୍ରମକୁ ବର୍ଜନ କରିବା। ଆଉଜଣେ ବକ୍ତା ଶପଥ କରାଇ କହିଲେ ଯେଉଁ ଦୋକାନର ନାମ ଫଳକ ଇଂରାଜୀ ଭାଷାରେ ଥିବ ସେ ଦୋକାନରୁ ଜିନିଷ କିଣିବା ନାହିଁ। ଖଡୁଆ କହିଲା, ସେ ଭାଷଣରେ ଏତେ ପ୍ରଭାବିତ ଯାଇଥିଲି ଯେ ମୁଁ ସ୍ଥିର କଲି ପ୍ରଥମ ପଦକ୍ଷେପ ସ୍ୱରୂପ କାଲି ମୋ ପୁଅକୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରୁ ଆଣି ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ନାମ ଲେଖାଇବି। ପରଦିନ ମୁଁ ମୋ ପୁଅର ବିଦ୍ୟାଳୟକୁ ଯାଇଛି ଦେଖିଲି ଯିଏ କାଲି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବିପକ୍ଷରେ ବକ୍ତବ୍ୟ ଦେଉଥିଲେ ସେ ମହୋଦୟ ସେହି ବିଦ୍ୟାଳୟ ପରିସରରେ ବସିଛନ୍ତି। ତାଙ୍କୁ ଜୁହାର ହୋଇ ପଚାରିଲି ; ଆଜ୍ଞା ଆପଣ ଏଠି ? ସେ କହିଲେ ମୋ ନାତି ଓଡ଼ିଶାର ଏହି ନାମକରା ବିଦ୍ୟାଳୟରେ ପଢୁଛି, ପୁଅ ବୋହୁ ଉଭୟେ ଚାକିରିଆ ମୁଁ ନାତିକୁ ନେବା ଆଣିବା କରେ। ମୁଁ କହିଲି କାଲି ଆପଣଙ୍କ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବିପକ୍ଷରେ ଭାଷଣ ଶୁଣି ମୁଁ ମୋ ପୁଅକୁ ଏଠାରୁ ନେବାକୁ ଆସିଥିଲି, ଏବେ ମୁଁ କ'ଣ କରିବି ? ସେ ମହାଶୟ ହଡ଼ବଡ଼େଇ ଯାଇ କହିଲେ ; ମହାପୁରୁଷ କହିଛନ୍ତି 'ମୁଁ ଯାହା କହୁଛି ତାହା ପାଳନ କର, ହେଲେ ମୁଁ ଯାହା କରୁଛି ତାହା ପାଳନ କରିନାହିଁ' ମୁଁ ଅନୁଭବ କଲି ଏଇ ହେଉଛନ୍ତି କଥା କୁହା କପିଳା, ଯାଙ୍କ ବୁଦ୍ଧିରେ ପଡ଼ିଲେ ମଝି ଦରିଆରେ ବୁଡ଼ିବା ସାର ହେବ। ମୁଁ ଖଡୁଆକୁ ପଚାରିଲି ତୁ କଣ ତୋ ପୁଅକୁ ସେଠାରୁ ନେଇ ଆସିଲୁ ? ଖଡୁଆ କହିଲା, କାହିଁକି ଆଣିବି ? ସେମାନେ ତାଙ୍କ ପିଲାକୁ ନାମିଦାମୀ ବିଦ୍ୟାଳୟରେ ପଢ଼େଇବେ ମୁଁ କଣ ମୋ ପୁଅକୁ ଅନାମଧେୟ ବିଦ୍ୟାଳୟରେ ପଢ଼େଇବି? ମୋର ମତ ମୁଁ ଅବିଳମ୍ବେ ପରିବର୍ତ୍ତନ କଲି, ମୋ ପୁଅ ଯେଉଁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିଲା ଏବେ ସେଇଠି ପଢୁଛି।

ପୁଣି ଖଡୁଆ ଆରମ୍ଭ କରି କହିଲା, ଦିନେ ମୁଁ ବଜାରରେ ଯାଉଛି ଗୋଟିଏ ଦୋକାନ ଆଗରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି ସେଦିନର ବକ୍ତା, ଯିଏ ଶପଥ କରାଇ କହୁଥିଲେ ; ଯେଉଁ ଦୋକାନର ନାମ ଫଳକ ଇଂରାଜୀ ଭାଷାରେ ଥିବ ସେ ଦୋକାନରୁ କୌଣସି ଜିନିଷ କିଣିବା ନାହିଁ। ମୁଁ ତାଙ୍କ ପାଖକୁ ଯାଇ ମୁଣ୍ଡିଆଟା ମାରିବାରୁ ସେ ହଡ଼ବଡ଼େଇ ଗଲେ। ମୁଁ କହିଲି ଆଜ୍ଞା ଆପଣଙ୍କ କଥା ମାନି ମୁଁ ଇଂରାଜୀ ନାମ ଫଳକ ଥିବା 'କାଳିଆ ଟି' ଷ୍ଟଲ'ରୁ ଚାହା ପିଉନି, 'ଚନ୍ଦନ ବିଟିଲ୍ ସପ୍'ରୁ ପାନ ଖାଉନି କି 'ଲଭଲି ଭେରାଇଟି ଷ୍ଟୋର'ରୁ ଜିନିଷ କିଣୁନାହିଁ ଏବେ 'ଜଗା ଚାହା ଦୋକାନ'ରୁ ଚାହା ପିଉଛି, 'ବିଭୁ ପାନ ଦୋକାନ'ରୁ ପାନ ଖାଉଛି ଆଉ 'ମଧୁ ସାହୁ ତେଜରାତି ଦୋକାନ'ରୁ ସୋଉଦା କିଣୁଛି। ହେଲେ ମହାଶୟ ଆପଣଙ୍କ ଭଳି ଜ୍ଞାନୀ ଗୁଣୀ ଏହି ଦୋକାନ ଆଗରେ ଧାଡ଼ିରେ ଛିଡ଼ାହେବା ଶୋଭା ଦିଶୁନି। କଥା କହିବାରେ ଧୃତ ବୋଲି ତାଙ୍କୁ ବିଭିନ୍ନ ନାମକରା ଅନୁଷ୍ଠାନ ଅଗ୍ରୀମ ଗାଡ଼ି ଖର୍ଚ୍ଚ ଦେଇ ବକ୍ତା କରାନ୍ତି, ସେ କଣ ଛାଡ଼ିବା ଲୋକ। ସେ କହିଲେ ମୋ ଦେହ ଖରାପ ଥିବାରୁ ଡାକ୍ତର ମୋତେ ଅଣ୍ଡା ନିରୋଧକ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ମୁଁ ସହର ସାରା ବୁଲିଲି, ଯେଉଁ ଔଷଧ ଦୋକାନକୁ ଗଲି କେଉଁ ଦୋକାନର ନାମ ଫଳକରେ ଦୋକାନର ନାମ ଓଡ଼ିଆରେ ଲେଖା ନହୋଇ ଇଂରାଜୀ ଭାଷାରେ ଲେଖା ହୋଇଥିଲା ଯଥାଃ 'ଜଗନ୍ନାଥ ମେଡ଼ିସିନ ଷ୍ଟୋର', 'ତାରିଣୀ ମେଡ଼ିସିନ ଷ୍ଟୋର', 'ମା କାଳୀ ଡାଇଗ୍ନୋଶିସ୍', 'ପୁପୁଲ ହେଲ୍ଥ ସେଣ୍ଟର'। ଏସବୁ ମୋତେ ବହୁତ କଷ୍ଟ ଦେଉଥିଲା। ହଠାତ୍ ଏହି ଦୋକାନର ନାଁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ 'ଠିପି ଖୋଲା ବିଦେଶୀ ମଦ ଦୋକାନ' ଲେଖା ହୋଇଥିବା ଦେଖି ଖୁସିରେ ଧାଡ଼ିରେ ଛିଡ଼ା ହୋଇଯାଇଛି ଅଣ୍ଡା ନିରୋଧକ ଔଷଧ ନେବା ପାଇଁ। ମୁଁ ମନେ ମନେ କହୁଥାଏ ଧନ୍ୟ ତୁମେ କଥା କୁହା କପିଳା।

ମୁଁ ଖଡୁଆକୁ କହିଲି ଆଛା ଓଡ଼ିଆରେ ନିମନ୍ତ୍ରଣ ପତ୍ର କଥା କହୁଥିବା ବକ୍ତା ତୋର ଦେଖା ହୋଇନାହାନ୍ତି ? ଖଡୁଆ ଦୀର୍ଘ ନିଶ୍ୱାସ ନେଇ କହିଲା ; ହଁ ସିଏ ଜଣେ ରାଜନେତା, ସିଏ କଟକ ସହରକୁ ଲଣ୍ଡନ ସହର କରିବେ ବୋଲି ଗୋଟିଏ ସଭା ଡାକିଥିଲେ। ନିମନ୍ତ୍ରଣ ପତ୍ର ଇଂରାଜୀରେ ଥିବାରୁ ଶପଥ ରକ୍ଷା ପୂର୍ବକ ମୁଁ ସେ କାର୍ଯ୍ୟକ୍ରମକୁ ବର୍ଜନ କଲି। ମୁଁ କହିଲି କଟକ ତ କଟକ ସିଏ ଲଣ୍ଡନ କିପରି ହେବ ? ଖଡୁଆ କହିଲା ହେବ କ'ଣ କଟକ ଲଣ୍ଡନ ହୋଇଯାଇଛି କେବଳ ଘୋଷଣା ବାକି ଅଛି। ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି କିପରି ? ଖଡୁଆ ଖଣ୍ଡେ ପାନ କଳରେ ଜାକିଦେଇ କହିଲା; ଯିଏ ଲଣ୍ଡା ହୁଏ ଓଡ଼ିଆ ଭାଷାରେ ତାକୁ ଥଟ୍ଟା ପରିହାସ କରି 'ଲଣ୍ଡନ' କୁହନ୍ତି, ଠିକ୍ ସେହିପରି କଟକ ସହରରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଭୁବନେଶ୍ୱରକୁ ଉଠାଇ ନେଇ କଟକକୁ 'ଲଣ୍ଡା' ଅର୍ଥାତ୍ କଟକକୁ 'ଲଣ୍ଡନ' କରି ସାରିଛନ୍ତି। ପୁଣି ଖଡୁଆ କହିଲା, ହଁ କିଛି ଲୋକଙ୍କ ମତରେ, କଟକ ସହରରେ ଟିକେ ବର୍ଷା ହେଲେ ଜଳମୟ ସହ ସହରର ଗଳିକନ୍ଦି ମଳମୟ ହୋଇ ପଡୁଛି। ରାସ୍ତାରେ ଭାସମାନ 'ମଳ'କୁ ଲକ୍ଷ୍ୟ ରଖି ଲୋକେ କହୁଛନ୍ତି, ଆମ ମହୋଦୟ ସେଥିପାଇଁ କଟକ ରାସ୍ତାକୁ ଲଣ୍ଡନ ରାସ୍ତା ବୋଲି କହୁଛନ୍ତି। ଆଉ କିଛି ଜ୍ଞାନୀମାନେ କହୁଛନ୍ତି କାଳେ ଖଣ୍ଟଭୟଖଣ୍ଟଭ ଛକ୍ସସୟଶର ଉବକ୍ଷକ୍ଷସଭଶ ଉଖଣ୍ଟଙ୍ଗଭ ପଡ଼ି ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେଲାଣି ଖାଲଖମାର ସୌନ୍ଦର୍ଯ୍ୟରେ ଭରପୂର ଜାଇକାର କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖି ମହୋଦୟ କଟକ ସହରକୁ ଲଣ୍ଡନ ସହିତ ତୁଳନା କରୁଛନ୍ତି।

ମୁଁ କହିଲି ଆଛା ଖଡୁଆ ତୁ 'ସ୍ୱାକ୍ଷର ସଂକଳ୍ପ ଦିବସ' ପାଳନ କଥା ଆରମ୍ଭ କରି ଲଣ୍ଡନ ପର୍ଯ୍ୟନ୍ତ ଯିବା ଏବଂ ପୁଣି କଥା ମଝିରେ କଥା କୁହା କପିଳାଙ୍କୁ ଅନୁପ୍ରବେଶ କରାଇବା ମୋତେ କାହିଁକି ଅଡୁଆ ଅଡୁଆ ଲାଗୁଛି। ଖଡୁଆ କହିଲା ନୀଳଶୈଳର ଏଭଳି ପ୍ରୟାସ ଯୋଗୁଁ ବିଶ୍ୱରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ମନରେ ମାତୃଭାଷା ସମ୍ମାନ ସୃଷ୍ଟି ବୃଦ୍ଧି ପାଉଛି। ବିଗତ ବର୍ଷ ମାନଙ୍କରେ ଭାରତରେ ରହୁଥିବା ପ୍ରବାସୀ ଓଡ଼ିଆ ସଂଗଠନ ଏବଂ ଭାରତ ବାହାରେ ରହୁଥିବା ପ୍ରବାସୀ ଓଡ଼ିଆ ମାନେ ସେପ୍ଟେମ୍ବର ୨୨ ତାରିଖ ଦିନ ଓଡ଼ିଆ ଲିପିରେ ନିଜର ଦସ୍ତଖତ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଛନ୍ତି। ଖାଲି ସେତିକି ନୁହେଁ ତିରିଶଟି ଜିଲ୍ଲାର ବିଭିନ୍ନ ସମାଜସେବୀ ଏବଂ ଭାଷା ପ୍ରେମୀ ବ୍ୟକ୍ତି ମାନେ 'ସ୍ୱାକ୍ଷର ସଂକଳ୍ପ ଦିବସ'ରେ ଓଡ଼ିଆରେ ଦସ୍ତଖତ ଅଭିଯାନ ଜାରୀ ରଖିଛନ୍ତି। ଖଡୁଆ ଭାବବିହ୍ୱଳ ହୋଇ କହିଲା ମୁଁ ଆଜି ଶପଥ ନେଉଛି ସେପ୍ଟେମ୍ବର ୨୨ ତାରିଖରେ 'ସ୍ୱାକ୍ଷର ସଂକଳ୍ପ ଦିବସ ପାଳନ କରିବା ସହିତ ମୋ ବ୍ୟାଙ୍କ ଖାତା, ଚାକିରି ଖାତା ପ୍ରଭୃତି ସବୁ ସ୍ଥାନରେ ମୁଁ ଓଡ଼ିଆ ଲିପିରେ ଦସ୍ତଖତ କରିବା ସହିତ ଓଡ଼ିଆ ଅସ୍ମିତାର ପ୍ରଚାର କରିବି। ଖଡୁଆର ମାତୃଭାଷା ପ୍ରତି ସମ୍ମାନ ଦେଖି ସେପ୍ଟେମ୍ବର ମାସର ୨୨ ତାରିଖକୁ ସ୍ୱାକ୍ଷର ସଂକଳ୍ପ ଦିବସ ଭାବେ ପାଳନ କରିବାକୁ ଖଟିରେ ଥିବା ସମସ୍ତ ଖଟିଆ ଶପଥ ନେଲୁ। ମୁଁ ମନେ ମନେ ଭାବୁଥିଲି ଭାଷା ପ୍ରେମୀଙ୍କୁ ଜାଗ୍ରତ କରିବାର ବିକଳ୍ପ, ସ୍ୱାକ୍ଷର ସଂକଳ୍ପ।


**ସାଧାରଣ ସମ୍ପାଦକ ନୀଳଶୈଳ ଏବଂ ବିଶ୍ୱ ଓଡ଼ିଆ ସମ୍ମିଳନୀ**
**ମୋବାଇଲ: ୯୧୨୪୮୦୯୯୦୦**

## କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି

# ୪ ରେଳ ପ୍ରକଳ୍ପକୁ ମଞ୍ଜୁରୀ





ନୂଆଦିଲ୍ଲୀ,୭।୧୦: କେନ୍ଦ୍ର କ୍ୟାବିନେଟ ୪ଟି ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ୭ଟି ରେଳ କରିଡର ମୋଟ ରେଳ ଟ୍ରାଫିକର ୪୧ ପ୍ରତିଶତ ବହନ କରେ। ଆମେ ଏହି କରିଡରଗୁଡ଼ିକୁ ସୁଦୃଢ଼ ଏବଂ ଆହୁରି ସଂଯୋଗ କରିବା ପାଇଁ ସମ୍ପ୍ରତି ଅନେକ ପ୍ରକଳ୍ପ ଆରମ୍ଭ କରିଛୁ। ବର୍ତ୍ତମାନ ଏହି କରିଡରଗୁଡ଼ିକୁ ଚାରି ଲେନ ଏବଂ ଛଅ ଲେନ ପର୍ଯ୍ୟନ୍ତ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର କ୍ୟାବିନେଟ ପ୍ରାୟ ୨୪,୬୩୪ କୋଟି ଟଙ୍କାର ମୋଟ ମୂଲ୍ୟ ସହିତ ୪ଟି ରେଳ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ

ୱାର୍ଦ୍ଧା-ଭୁସାୱଲ ମଧ୍ୟରେ ତିନି ଲେନ ଏବଂ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୩୧୪ କିଲୋମିଟର (ମହାରାଷ୍ଟ୍ର) ଦୂରତା ଅତିକ୍ରମ କରିବ। ଗୋଣ୍ଡିଆ-ଡୋଙ୍ଗରଗଡ଼ ମଧ୍ୟରେ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୮୪ କିଲୋମିଟର (ମହାରାଷ୍ଟ୍ର ଏବଂ ଛତିଶଗଡ଼) ଦୂରତା ଅତିକ୍ରମ କରିବ। ଭଦୋଦରା-ତାଲାମ୍ବା ମଧ୍ୟରେ ତିନି ଲେନ ଏବଂ ଚାରି ଲେନ ବିଶିଷ୍ଟ ରେଳ ଲାଇନ ପାଇଁ ଅନୁମୋଦନ, ମୋଟ ୨୫୯ କିଲୋମିଟର (ଗୁଜରାଟ ଏବଂ ମଧ୍ୟପ୍ରଦେଶ) ଦୂରତା ଅତିକ୍ରମ କରିବ। ଇଟାରସି-ଭୋପାଳ-ବିନାଲ ମଧ୍ୟରେ ଏକ ଚାରି ଲାଇନ ବିଶିଷ୍ଟ ରେଳପଥ ପାଇଁ ଅନୁମୋଦନ, ଯାହା ମୋଟ ୨୩୭ କିଲୋମିଟର ଦୂରତା ଅତିକ୍ରମ କରିବ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଛତିଶଗଡ଼ ରାଜ୍ୟର ୧୮ଟି ଜିଲାକୁ କଭର କରୁଥିବା ଏହି ଚାରୋଟି ପ୍ରକଳ୍ପ, ଭାରତୀୟ ରେଳପଥର ବିଦ୍ୟମାନ ନେଟୱାର୍କକୁ ପ୍ରାୟ ୮୯୪ କିଲୋମିଟର ବିସ୍ତାର କରିବ। କେନ୍ଦ୍ର ଦ୍ୱାରା ଅନୁମୋଦିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୮୫.୮୪ ଲକ୍ଷ ଜନସଂଖ୍ୟା ସହିତ ପ୍ରାୟ ୩,୬୩୩ ଗ୍ରାମ ଏବଂ ଦୁଇଟି ଜିଲା (ବିଦିଶା ଏବଂ ରାଜନନ୍ଦଗାଓଁ) ସହିତ ସଂଯୋଗକୁ ବୃଦ୍ଧି କରିବ।

## ପହଲଗାମ ଆକ୍ରମଣ

# ମୋଦୀଙ୍କୁ ମାଷ୍ଟରମାଇଣ୍ଡର ଧମକ

ନୂଆଦିଲ୍ଲୀ,୭।୧୦: ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୈଫୁଲ୍ଲା କସୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧମକ ଦେଇ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛି। ଭାଇରାଲ କ୍ଲିପରେ ସୈଫୁଲ୍ଲା ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପ୍ରଶଂସା କରିଛି। ଆତଙ୍କବାଦୀ ସୈଫୁଲ୍ଲା କସୁରୀକୁ ସେପ୍ଟେମ୍ବର ୪ ରେ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀଙ୍କ ସହିତ ମଧ୍ୟ ଦେଖାଯାଇଥିଲା।

ଆତଙ୍କବାଦୀ ସୈଫୁଲ୍ଲା କହିଛି, 'ମୁଁ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଅନୁରୋଧ କରୁଛି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେ ମେ ୧୦, ୨୦୨୫ରେ ଯେଉଁ ଶିକ୍ଷା ଦେଇଥିଲୁ, ସେହି ଶିକ୍ଷା ଦିଅନ୍ତୁ।' ତଥାପି, ସମଗ୍ର ବିଶ୍ୱ ଜାଣେ ଯେ, ମେ ୧୦ ରାତିରେ ଭାରତୀୟ ସେନା ପାକିସ୍ତାନରେ ଏପରି ତାଣ୍ଡବ ରଚିଥିଲା, ଯାହାକୁ ପାକିସ୍ତାନ କେବେ ଭୁଲିପାରିବ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ଲୋକଙ୍କୁ ଖୁସି କରିବା ପାଇଁ ଭାରତ ବିପକ୍ଷରେ ବିଜୟର





ମିଥ୍ୟା ଖବର ପ୍ରସାରଣ କରିଥିଲେ। ଏଏନଆଇର ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଭାରତ ବିରୋଧୀ ବୟାନବାଜିର ଭିଡିଓ ମଧ୍ୟ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା। ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ହାଫିଜ୍ ସଇଦର ଘନିଷ୍ଠ

### ଅସୀମ ମୁନୀରକୁ କଲା ପ୍ରଶଂସା

### ଉଚିତ ଶିକ୍ଷା ଦେବାକୁ ଦେଲା ଧମକ

ସହଯୋଗୀ ସୈଫୁଲ୍ଲା ଭାରତ ଉପରେ ଜଳ ଆତଙ୍କବାଦର ଅଭିଯୋଗ ଆଣିଛି। ସେ ଦାବି କରିଛି ଯେ, ଭାରତ ଜାଣିଶୁଣି ପାକିସ୍ତାନରେ ବନ୍ୟା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରୁଛି।

ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ସେପ୍ଟେମ୍ବର ୨୬, ୨୦୨୫ରେ ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗ ଉଠାଇ ଭାରତ ଏହାର ବ୍ୟବସ୍ଥା ଉଲ୍ଲଂଘନ କରିବା ଏବଂ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଅଭିଯୋଗ ଆଣିଥିଲେ। ତାଙ୍କ ବୟାନ ପରେ, ଆତଙ୍କବାଦୀ ସୈଫୁଲ୍ଲାର ବୟାନ ପ୍ରକାଶ କରିଛି ଯେ, ପାକିସ୍ତାନର ଆତଙ୍କବାଦୀ ଗୋଷ୍ଠୀ କିଭଳି ଭାରତ ବିରୁଦ୍ଧରେ ପ୍ରଚାର ପ୍ରସାର କରିବାରେ ସହଯୋଗ କରୁଛନ୍ତି।

## ସୁପ୍ରିମ୍‌କୋର୍ଟରେ ପହଞ୍ଚିଲା ମାମଲା

# କଫ୍ ସିରପ୍ ଘଟଣାର ସିବିଆଇ ତଦନ୍ତ ଦାବି

ନୂଆଦିଲ୍ଲୀ, ୭।୧୦: ମଧ୍ୟପ୍ରଦେଶର ଛିନ୍ଦବାଡ଼ା ଜିଲ୍ଲାରେ ବିଷାକ୍ତ କଫ୍ ସିରପ୍ ପିଇ ୧୪ ପିଲାଙ୍କର ମୃତ୍ୟୁ ମାମଲା ବର୍ତ୍ତମାନ ସୁପ୍ରିମକୋର୍ଟରେ ପହଞ୍ଚିଛି। ପିଆଇଏଲ୍ ଦାଖଲ୍ ହୋଇଛି, ଯେଉଁଥିରେ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି ଆବେଦନକାରୀ। ଏହାଛଡ଼ା ମହାରାଷ୍ଟ୍ରର ନାଗପୁରରେ ମଧ ସମାନ ଘଟଣା ଘଟିଛି। ମଧ୍ୟପ୍ରଦେଶ ସରକାରଙ୍କ ଲ୍ୟାବ୍ ପରୀକ୍ଷାରେ ସିରପ୍‌ରେ ବିଷାକ୍ତ ଡାଇଥାଇଲିନ୍ ଗ୍ଲାଇକଲ୍ ମିଳିଛି, ଯାହା ଔଷଧୀୟ ପ୍ରୟୋଗରେ ନିଷିଦ୍ଧ। ତାମିଲନାଡୁର ଶ୍ରୀସନ୍ ଫାର୍ମା ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ସିରପ୍‌କୁ ବ୍ୟାନ୍ କରାଯାଇଛି। ରାଜ୍ୟ ସରକାର ୩ ଜଣଙ୍କୁ



ନିଲମ୍ବନ କରିଛନ୍ତି ଏବଂ ଔଷଧ ନିୟନ୍ତ୍ରକଙ୍କୁ ବଦଳି କରାଯାଇଛି। ସ୍ପେଶାଲ୍ ଇନଭେଷ୍ଟିଗେସନ୍ ଟିମ୍ ଗଠନ ହୋଇଛି। ସମସ୍ତ ଏଫ୍‌ଆଇଆର୍ ସିବିଆଇକୁ ହସ୍ତାନ୍ତର କରି ବିଚାରପତିଙ୍କ ନିରୀକ୍ଷଣରେ ତଦନ୍ତ କରାଯାଇବାକୁ କୁହାଯାଇଛି। ମୃତ ପରିବାରକୁ କ୍ଷତିପୂରଣ ଏବଂ ଔଷଧ ସୁରକ୍ଷା ପୋର୍ଟାଲ୍ ଗଠନର ଦାବି ମଧ କରାଯାଇଛି। ଏହି ମାମଲାରେ, ଆବେଦନକାରୀମାନେ ସିବିଆଇ ତଦନ୍ତ ଦାବି କରିଛନ୍ତି ଏବଂ ବଜାରରେ ଉପଲବ୍ଧ ସମସ୍ତ ସନ୍ଦିଗ୍ଧ କଫ୍ ସିରପକୁ ତୁରନ୍ତ ଜବତ କରିବା ପାଇଁ ମଧ ଆବେଦନ କରିଛନ୍ତି। କଫ୍ ସିରପ ଯୋଗୁଁ ପିଲାମାନଙ୍କର ମୃତ୍ୟୁ ପରେ, ଡାକ୍ତରମାନେ ପିତାମାତାଙ୍କୁ ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ନ ଦେବାକୁ ପରାମର୍ଶ ଦେଇଛନ୍ତି।

## ● ପକ୍ଷୀ ମାଡ଼ ହେବା ପରେ ଜରୁରୀ ଅବତରଣ

# ପୁଣି ଅଳ୍ପକେ ବର୍ତ୍ତିଲା ଏୟାର ଇଣ୍ଡିଆ ବିମାନ




ଚେନ୍ନାଇ,୭।୧୦ : ଟଳିଗଲା ବଡ଼ ବିମାନ ଦୁର୍ଘଟଣା। ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ। ପୁଣି ଏୟାର ଇଣ୍ଡିଆ ବିମାନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। କଲମ୍ବୋରୁ ଚେନ୍ନାଇ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନରେ ପକ୍ଷୀ ମାଡ଼ ହୋଇଥିଲା। ଫଳରେ ବିମାନଟି ଯାତ୍ରା ରଦ୍ଦ କରି ଜରୁରୀ ଅବତରଣ କରିଥିଲା। ବିମାନରେ ୧୫୮ ଯାତ୍ରୀ ଥିଲେ। ସେହିପରି ଦିଲ୍ଲୀରୁ ପ୍ରୟାଗରାଜ ଯାଉଥିବା ଇଣ୍ଡିଗୋ ବିମାନକୁ ଲକ୍ଷ୍ନୌ ପାଇଁ ଡାଇଭର୍ଟ କରାଯାଇଥିଲା। ଫଳରେ ବିମାନଟି ରାତି ୧.୫୫ ମିନିଟରେ କଲମ୍ବୋ ଏୟାରପୋର୍ଟରେ ଏମରଜେନ୍ସୀ ଲାଣ୍ଡିଂ କରିଥିଲା। ଜରୁରୀ ଅବତରଣ କରିବା ପରେ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିଲା, କିନ୍ତୁ ବିମାନଟି ଉଡ଼ାଣ ଭରିନଥିଲା। ଏହାପରେ ସକାଳ ୪.୩୪ ସମୟରେ କଲମ୍ବୋରୁ ଚେନ୍ନାଇ ଆସିବା ପରେ ଟେକ୍ନିକାଲ ଟିମ୍ ଯାଞ୍ଚ କରିବା ପରେ ଏକ ଫ୍ୟାନ୍ ବ୍ଲେଡ ଜାମ୍ ବୋଲି ଦେଖିବାକୁ ପାଇଥିଲେ। ଏହାପରେ ବିମାନକୁ ଗ୍ରାଉଣ୍ଡ କରାଯିବା ପରେ ସଂପୂର୍ଣ୍ଣ ଭାବେ ଯାଞ୍ଚକରିବା ପରେ ବ୍ୟବହାର କରାଯିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଉଛି। ସେହିପରି ଆଉ ଏକ ଇଣ୍ଡିଗୋ ବିମାନ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଛି। ଏହା ଦିଲ୍ଲୀରୁ ପ୍ରୟାଗରାଜ ଯାଉଥିଲା। କିନ୍ତୁ ଭାରତୀୟ ବାୟୁସେନାର ଏକ୍ସରସାଇଜ ଯୋଗୁଁ ଲକ୍ଷ୍ନୌକୁ ଡାଇଭର୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ଜୁନ ୧୨ ତାରିଖରେ ଏକ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନଟି ଲଣ୍ଡନ ଯାଉଥିଲା। ବିମାନରେ ଥିବା ୧୪୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୪୧ ଜଣଙ୍କ ଜୀବନ ଚାଲିଯାଇଥିଲା।

## ବିହାର ରାଜନୀତି ଉଷ୍ମ: ବଢୁଛି ରାଜନୀତି କଳି

# ସ୍ପଷ୍ଟ ହେଉନି ମୁଖ୍ୟମନ୍ତ୍ରୀ ଚେହେରା

ନୂଆଦିଲ୍ଲୀ,୭।୧୦: ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। କିନ୍ତୁ ଦୁଇ ପ୍ରମୁଖ ମେଣ୍ଟ ମଧ୍ୟରେ ଆସନ ବଣ୍ଟନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଏହି ସମୟରେ ଆରଜେଡି ତେଜସ୍ୱୀ ଯାଦବଙ୍କୁ ବିହାରର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ପ୍ରୋଜେକ୍ଟ କରିବାକୁ ଚାହୁଁଛି, କିନ୍ତୁ କଂଗ୍ରେସ ଏହାକୁ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ଅନିଚ୍ଛୁକ। କଂଗ୍ରେସ ବିଭିନ୍ନ ସମୟରେ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ଚେହେରା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରିଛି। କଂଗ୍ରେସ ନେତା ଉଦିତ ରାଜ ପୁଣି ଥରେ ସମାନ ମନ୍ତବ୍ୟ ଦେଇଛନ୍ତି। ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ଆରଜେଡି ଘୋଷଣା କରିବା ଉପରେ ମତାମତ ଦେଇ ଉଦିତ ରାଜ କହିଥିଲେ, ଯେକୌଣସି



ତେଜସ୍ୱୀଙ୍କୁ କଂଗ୍ରେସର ନା

ଦଳର ଯେକୌଣସି ସମର୍ଥକ ଏହା କରିପାରିବେ। କିନ୍ତୁ ଇଣ୍ଡି ମେଣ୍ଟ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଚେହେରା ନେଇ କୌଣସି ନିଷ୍ପତ୍ତି ନେଇନାହିଁ। ବିଜେପି ସହ ନୀତୀଶଙ୍କ ଆସନ ଭାଗବଣ୍ଟା ସରିନି। ଏଥର ଦୁଇ ମେଣ୍ଟ ଦଳ ସମାନ ଆସନରେ ଲଢ଼ିବେ ବୋଲି କୁହାଯାଉଛି। ହେଲେ କିଏ ମୁଖ୍ୟମନ୍ତ୍ରୀ ପଦ ହାତେଇବ, ସେନେଇ ସମସ୍ତେ ନୀରବ। ସେପଟେ କିଛି ସପ୍ତାହ ପୂର୍ବରୁ ତେଜସ୍ୱୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା ନକରି ମହାଗଠବନ୍ଧନ ନିର୍ବାଚନ ଲଢ଼ିବ ନାହିଁ।

ତେଜସ୍ୱୀ ଯାଦବ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପୁଅ। ତାଙ୍କ ମାଆ ରାବ୍ରୀ ଦେବୀ ମଧ ମୁଖ୍ୟମନ୍ତ୍ରୀ ରହିସାରିଛନ୍ତି। ତେଜସ୍ୱୀ ନିଜେ ଦୁଇଥର ଉପ-ମୁଖ୍ୟମନ୍ତ୍ରୀ ଏବଂ ୨୦୨୦ରେ ଆରଜେଡିର ୭୫ ଆସନ ପାଇଁ ଶ୍ରେୟ ତାଙ୍କୁ ଦିଆଯାଇଛି। ତଥାପି, କଂଗ୍ରେସ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ କରିବାର ସମ୍ଭାବନାକୁ କ୍ରମାଗତ ଭାବରେ ପ୍ରତ୍ୟାଖାନ କରୁଛି।

# ଶିଳ୍ପା ସେଠୀଙ୍କୁ ଇଓଡବ୍ଲ୍ୟୁର ୫ ଘଣ୍ଟା ଜେରା

ମୁମ୍ବାଇ,୭।୧୦ : ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧିକ ଶାଖା ୫ ଘଣ୍ଟା ଧରି ପଚରାଉଚରା କରିଛି। ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ୬୦ କୋଟି ଟଙ୍କାର ଠକେଇ ମାମଲା ପୋଲିସ ରାଡାରରେ ରହିଛି। ଏ ନେଇ ଶିଳ୍ପାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସମେତ ୫ ଜଣଙ୍କର ବୟାନ ରେକର୍ଡ ହୋଇଛି। ଠକେଇ କରିଥିବା ସଂସ୍ଥାର ନିର୍ଦ୍ଦେଶକ ଥିଲେ ଉଭୟ ଶିଳ୍ପା ଓ କୁନ୍ଦ୍ରା।



ଶିଳ୍ପାଙ୍କ ସ୍ୱାମୀ ରାଜ କୁନ୍ଦ୍ରା ପୁଲିସକୁ ଦେଇଥିବା ତାଙ୍କ ବୟାନରେ କହିଛନ୍ତି ଯେ, ଠକେଇ ଅଭିଯୋଗକାରୀ ଦୀପକ କୋଠାରୀଙ୍କ ମାଲିକାନାରେ ଥିବା ଏକ ଏନବିଏଫସିରୁ ୬୦ କୋଟି ଋଣ ନିଆଯାଇଥିଲା। ଏହି ଋଣକୁ ପରେ କୋଠାରୀଙ୍କ କମ୍ପାନୀରେ ଇକ୍ୱିଟିରେ ରୂପାନ୍ତରିତ କରାଯାଇଥିଲା। ଏହି ପରିମାଣର ୨୦ କୋଟି ସେଲିବ୍ରିଟି ପ୍ରମୋସନ, ପ୍ରସାରଣ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାବଦରେ ହୋଇଥିଲା। ବିପାଶା ବସୁ ଏବଂ ନେହା ଧୂପିଆଙ୍କୁ ଏହି କାମ ପାଇଁ ଟଙ୍କା ଦିଆଯାଇଥିଲା। ରାଜ ପୋଲିସକୁ ପ୍ରମୋସନର ଫଟୋ ମଧ ଦେଇଛନ୍ତି। ଅନେକ କାଗଜପତ୍ର ପ୍ରଦାନ କରିଥିଲେ, ଯାହାର ଯାଞ୍ଚ କରାଯାଉଛି। ଅଗଷ୍ଟ ମାସରେ ମୁମ୍ବାଇ ପୋଲିସର ଅର୍ଥନୈତିକ ଅପରାଧ ଶାଖା ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ୬୦.୪ କୋଟି ଟଙ୍କାର ଠକେଇ ମାମଲା ରୁଜୁ କରିଥିଲା। ସେପ୍ଟେମ୍ବରରେ ଏକ ଲୁକଆଉଟ୍ ନୋଟିସ ଜାରି ହୋଇଥିଲା।

## ଜାଫର ଏକ୍ସପ୍ରେସରେ ବୋମା ବିସ୍ଫୋରଣ, ୭ ଆହତ



ପାକିସ୍ତାନ,୭।୧୦ : ପାକିସ୍ତାନର କ୍ୱେଟାରେ ଜାଫର ଏକ୍ସପ୍ରେସକୁ ପୁଣି ଥରେ ଟାର୍ଗେଟ୍ କରାଯାଇଛି। ବର୍ତ୍ତମାନ ଟ୍ରେନକୁ ଟାର୍ଗେଟ୍ କରି ବୋମା ବିସ୍ଫୋରଣ କରାଯାଇଛି। ଏହି ଆକ୍ରମଣରେ ଟ୍ରେନ୍ ଲାଇନଚ୍ୟୁତ ହେବା ସହ ସାତଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ପାଇଁ ବଲୁଚ୍ ବିଦ୍ରୋହୀ ଗୋଷ୍ଠୀ ବଲୁଚ୍ ରିପବ୍ଲିକାନ୍ ଗାର୍ଡସକୁ ଦୋଷୀ ବୋଲି ଦାବି କରିଛି। ଟ୍ରେନଟି ପେଶାୱର ଅଭିମୁଖେ ଯାଉଥିବା ସମୟରେ ଏହାକୁ ଟାର୍ଗେଟ କରାଯାଇଥିଲା ବୋଲି ସୂଚନା ମିଳିଛି। ଆକ୍ରମଣ ପରେ ଘଟଣାସ୍ଥଳକୁ ସୁରକ୍ଷା ବାହିନୀ ଏବଂ ପୋଲିସ ଘେରାବନ୍ଦୀ କରିନେଇଛି। ଟ୍ରେନ୍ ଟ୍ରାକଗୁଡିକୁ ଯାଞ୍ଚକରିବା ପାଇଁ ବୋମା ନିଷ୍କ୍ରିୟକାରୀଙ୍କୁ ନିୟୋଜିତ କରାଯାଇଛି।

ସୂଚନାନୁଯାୟୀ, ଏହି ଆକ୍ରମଣ ପାଇଁ ବଲୁଚ୍ ରିପବ୍ଲିକାନ୍ ଗାର୍ଡସ ଦାୟୀ ବୋଲି ବଲୁଚ୍ ରିପବ୍ଲିକାନ୍ ଗାର୍ଡସର ଜଣେ ମୁଖପାତ୍ର ଏକ ପ୍ରେସ୍ ମିଟ୍ ଜାରି କରି କହିଛନ୍ତି। ଏହା ସହିତ ସେମାନେ କହିଥିଲେ ଯେ, ଆଜି ସେମାନେ ଶିକାରପୁର ଏବଂ ଜାକୋବାବାଦ ମଧ୍ୟରେ ଥିବା ସୁଲତାନ କୋଟରେ ଏକ ରିମୋଟ୍ କଣ୍ଟ୍ରୋଲ୍ ବିଆଇଡି ବିସ୍ଫୋରଣ ସହିତ ଜାଫର ଏକ୍ସପ୍ରେସକୁ ଟାର୍ଗେଟ କରିଥିଲେ। ଆପଣଙ୍କୁ ଜଣାଇ ରଖୁଛୁ ଯେ, ଏହି ଆକ୍ରମଣ ପ୍ରଥମ ଥର ପାଇଁ ହୋଇନାହିଁ ବରଂ ଏହା ପୂର୍ବରୁ ଅନେକ ଥର ଜାଫର ଏକ୍ସପ୍ରେସକୁ ଟାର୍ଗେଟ୍ କରାଯାଇଛି। ପାକିସ୍ତାନୀ ସୈନିକମାନେ ଜାଫର ଏକ୍ସପ୍ରେସରେ ଯାତ୍ରା କରୁଥିବା ସମୟରେ ଆକ୍ରମଣ କରାଯାଇଥିଲା। ଯାହାଫଳରେ ଏଥିରେ ଅନେକ ସୈନିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନେକ ଆହତ ମଧ ହୋଇଥିଲେ। ଟ୍ରେନର ୬ଟି କୋଚ୍ ଲାଇନଚ୍ୟୁତ ହୋଇଯାଇଥିଲା। ବେଲୁଚିସ୍ତାନକୁ ଯେପର୍ଯ୍ୟନ୍ତ ସ୍ୱାଧୀନତା ନମିଳିଛି, ସେ ପର୍ଯ୍ୟନ୍ତ ଏହି ଆକ୍ରମଣ ଜାରି ରହିବ ବୋଲି ବଲୁଚ୍ ରିପବ୍ଲିକାନ୍ ଗାର୍ଡସ କହିଛନ୍ତି।

## ଗାଜାରେ ମାତିଛନ୍ତି ଯୌନ ରାକ୍ଷସ

# ଖାଇବାକୁ ଦେଇ ଲୁଟୁଛନ୍ତି ମହିଳାଙ୍କ ଇଜ୍ଜତ

ନୂଆଦିଲ୍ଲୀ,୭।୧୦: ମାନବତା ଉପରେ ରାକ୍ଷସଙ୍କ ରାଜ୍। ଦାନା ଦୁଇ ମୁଠା ଦେବାକୁ ବ୍ଲାକମେଲ୍। ରୁଟି ବଦଳରେ ଇଜ୍ଜତ ଲୁଟ୍। ଶାରିରୀକ ସମ୍ପର୍କ ରଖିଲେ ପେଟ ପୂରିବ। ଛାତିଥରା କଥା ବଖାଣିଲେ ଗାଜାର ପୀଡ଼ିତା। ଗତ ଦୁଇ ବର୍ଷ ଧରି ଏଠାରେ ଚାଲିଥିବା ଯୁଦ୍ଧ ସବୁକିଛି ଧ୍ୱଂସ କରିଦେଇଛି।



କ୍ଷୁଧା, ଟଙ୍କା ଏବଂ ପାଣି ଠାରୁ ଆରମ୍ଭ କରି ସବୁକିଛି ଅଭାବର ସମ୍ମୁଖୀନ ହେଉଛନ୍ତି ଗାଜାବାସୀ। ନା ଲୋକଙ୍କ ଚାକିରି ଅଛି ନା ପେଟକୁ ମୁଠେ ଖାଇବାକୁ ଦାନା ଅଛି। ରହିବାକୁ ବାସସ୍ଥାନ ନାହିଁ। ସବୁଆଡ଼େ ଖାଦ୍ୟ ପାଇଁ ହାହାକାର। ଏହି ପରିସ୍ଥିତିରେ ଗାଜାର କିଛି ମହିଳା କହିଛନ୍ତି ଖାଦ୍ୟ ଏବଂ ରିଲିଫ୍ ବଦଳରେ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଉଛି। ରିଲିଫ୍ ବାଣ୍ଟିବା ଦାୟିତ୍ୱରେ ଥିବା ପୁରୁଷମାନେ ତାଙ୍କର ଶୋଷଣ କରୁଛନ୍ତି। ରିଲିଫ୍ ମାଗିବାକୁ ଯାଉଥିବା ମହିଳାମାନଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରାଯାଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସ୍ଥାନୀୟ ପୁରୁଷ ଏବଂ କିଛି ସହାୟତା କର୍ମୀଙ୍କ ଦ୍ୱାରା ମହିଳାମାନେ ଯୌନ ଶୋଷଣର ଶିକାର ହେଉଛନ୍ତି। ଏହି ମହିଳାମାନଙ୍କୁ ଦିନକୁ ଦୁଇଥର ଖାଦ୍ୟ ଏବଂ ପାଣି ପିଇବାର ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ପାଇଁ ପ୍ରଲୋଭିତ କରାଯାଉଛି। ସେମାନେ ଅଶ୍ଳୀଳ ବାର୍ତ୍ତା କହୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମହିଳାଙ୍କୁ ହଇରାଣ କରାଯାଉଛି। ଏପରି ମହିଳାଙ୍କ ସହ ଘଟିଥିବା ଛାତିଥରା କଥାକୁ ଉଲ୍ଲେଖ କରିଛି ଆସୋସିଏଟେଡ୍ ପ୍ରେସ୍। ପୀଡ଼ିତାଙ୍କ କହିବାନୁସାରେ କିଛି ଅସମାଜିକ ତତ୍ତ୍ୱ ସେମାନଙ୍କ ପାଖକୁ ଆସି ବିବାହ ପାଇଁ ଧମକ ଦେଇଥିଲେ। ଏକାଠି କୌଣସି ସ୍ଥାନକୁ ଯିବାକୁ କହିଥିଲେ। କିଛି ମହିଳା ପୁରୁଷଙ୍କ ଦାବିରେ ରାଜି ହୋଇଥିଲେ, ଅନ୍ୟମାନେ ମନା କରିଥିଲେ। ଏଭଳି ଘଟଣାକୁ ଜାତିସଂଘ ଗମ୍ଭୀରତାର ସହ ନେଇଥିବା ଜଣାପଡ଼ିଛି।

## ପାକିସ୍ତାନ ସେନାର କଳା କାରନାମା

# ୪ ଲକ୍ଷ ମହିଳାଙ୍କୁ କରିଛି ଦୁଷ୍କର୍ମ

ନୂଆଦିଲ୍ଲୀ,୭।୧୦: ମହିଳା ସୁରକ୍ଷା ଏବଂ ଶାନ୍ତି ରକ୍ଷା ସମ୍ପର୍କରେ ଜାତିସଂଘରେ ପାକିସ୍ତାନକୁ କଡ଼ା ହମଲା କରିଛି ଭାରତ। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନି ହରିଶ କହିଛନ୍ତି ଯେ, ପାକିସ୍ତାନ କେବଳ ମିଛ କହି ବିଶ୍ୱକୁ ବିଚଳିତ କରେ। ପାକିସ୍ତାନରେ ମହିଳାଙ୍କ ଦୁର୍ଦ୍ଦଶାକୁ ଉଜାଗର କରି ସେ ୧୯୭୧ ମସିହାରେ ଅପରେସନ ସର୍ଚ୍ଚଲାଇଟର ଉଦାହରଣ ଦେଇଥିଲେ। ସେ କହିଛନ୍ତି ଯେ, ଏହି ଅପରେସନ ସମୟରେ ପାକିସ୍ତାନୀ ସେନା ପ୍ରାୟ ୪ ଲକ୍ଷ ମହିଳାଙ୍କ ସହିତ ଗଣବଳାତ୍କାର କରିଥିଲା। ପାର୍ବଥନେନି ହରିଶ ଜାତିସଂଘ ସୁରକ୍ଷା ପରିଷଦରେ ମହିଳା, ଶାନ୍ତି ଏବଂ ସୁରକ୍ଷା ଉପରେ ଏକ ଖୋଲା ବିତର୍କ ସମୟରେ ଏହି ବକ୍ତବ୍ୟ ଦେଇଥିଲେ। ଏହି ବୈଠକ ପ୍ରତିବର୍ଷ ଅନୁଷ୍ଠିତ ହୁଏ। ଏହି ବୈଠକରେ ଶାନ୍ତି ପ୍ରତିଷ୍ଠାରେ ମହିଳାଙ୍କ ଭୂମିକା ଏବଂ ସେମାନଙ୍କର ସୁରକ୍ଷା ବିଷୟରେ ଆଲୋଚନା କରାଯାଇଛି। ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ବିତର୍କ ସମୟରେ ହରିଶ ପାକିସ୍ତାନ ଉପରେ ଆକ୍ରମଣ କରି କହିଥିଲେ ଯେ, ପାକିସ୍ତାନ ପ୍ରତିବର୍ଷ ଜାତିସଂଘରେ ଭାରତକୁ କଡ଼ା ସମାଲୋଚନା କରିଥାଏ। ବିଶେଷ ଭାବରେ ଜମ୍ମୁ ଏବଂ କାଶ୍ମୀର ସମ୍ପର୍କରେ ସତ୍ୟ, ଯାହାକୁ ସେ କବଜା କରିବାକୁ ଚାହୁଁଛି ଏବଂ ଯାହା ପାଇଁ ସେ ବାରମ୍ବାର ଆକ୍ରମଣ କରୁଛି। ହରିଶ କହିଛନ୍ତି ଯେ, ପାକିସ୍ତାନ ଏପରି ଏକ ଦେଶ ଯାହା ନିଜ ଦେଶ ବିରୁଦ୍ଧରେ ବୋମାମାଡ଼ କରେ ଏବଂ ନରସଂହାର କରେ। ଏପରି ଦେଶ କେବଳ ବିଶ୍ୱର ଧ୍ୟାନ ହଟାଇବାକୁ ଚେଷ୍ଟା କରିପାରିବ। ବିଶ୍ୱ ଏବେ ପାକିସ୍ତାନର ମିଥ୍ୟା ପ୍ରଚାର ଦେଖିସାରିଛି।

## ମେଘାଳୟ ସଡ଼କ ଭିତ୍ତିଭୂମିର ବିକାଶ

# ସରିଲା ମହେଶକୋଲା-କନାଇ ୨ ଲେନ ରାସ୍ତା

ନୂଆଦିଲ୍ଲୀ,୭।୧୦: ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ରାଜପଥ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟ ଅନ୍ତର୍ଗତ ମେଘାଳୟର ମହେଶକୋଲା- କନାଇ ୨ ଲେନ ସଡ଼କ କାର୍ଯ୍ୟ ଶେଷ ହୋଇଛି।



ରାଣୀକୋର- ବାଘମରା ପ୍ରକଳ୍ପ ଅଧୀନରେ ଏହି ରାଜପଥ କାର୍ଯ୍ୟର ବିକାଶ କରାଯାଇ ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ଆଞ୍ଚଳିକ ଯୋଗାଯୋଗ ସହ ସେନା ପରିଚାଳନା ଓ ବାଣିଜ୍ୟ କ୍ଷେତ୍ରରେ ଏହି ସଡ଼କ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ମେଘାଳୟର ଲୋକମାନଙ୍କ ଗମନାଗମନ କ୍ଷେତ୍ରରେ ମଧ ଏହା ବଳିଷ୍ଠ ଭୂମିକା ଗ୍ରହଣ କରିବ।

# ଗୁଳିକରି ଜୀବନ ହାରିଲେ ହରିୟାଣା ଏଡିଜିପି

ନୂଆଦିଲ୍ଲୀ,୭।୧୦: ହରିୟାଣାର ବରିଷ୍ଠ ପୋଲିସ ଅଧିକାରୀ ତଥା ଏଡିଜିପି ୱାଇ.ଏସ୍. ପୁରନ ଚଣ୍ଡିଗଡ଼ର ସେକ୍ଟର ୧୧ରେ ନିଜକୁ ଗୁଳି କରି ସେ ଆତ୍ମହତ୍ୟା କରିଛନ୍ତି। ପୁରନ୍‌ଙ୍କ ପତ୍ନୀ ଜଣେ ଆଇଏଏସ୍ ଅଧିକାରୀ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କ ସହ ଜାପାନ ଗସ୍ତରେ ଅଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଛି।



ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ୍ ପାଇଁ ପଠାଇଛି। ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପୋଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏଡିଜିପି ପୁରନଙ୍କ କୌଣସି ଆତ୍ମହତ୍ୟା ନୋଟ୍ ମିଳିନାହିଁ। ପୋଲିସ ଅଧିକାରୀମାନେ ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳରୁ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛନ୍ତି। ଏହି ଘଟଣା ପୋଲିସ ବିଭାଗ ଏବଂ ରାଜ୍ୟ ପ୍ରଶାସନକୁ ଚକିତ କରିଛି। ଏଡିଜିପି ପୁରନ ତାଙ୍କ କାମ ଏବଂ ସାଧୁତା ପାଇଁ ଜଣାଶୁଣା ଥିଲେ। ତାଙ୍କର ହଠାତ୍ ମୃତ୍ୟୁ ବିଭାଗକୁ ଆଚମ୍ବିତ କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି ବୋଲି ଅଧିକାରୀମାନେ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ଭାବ୍ୟ ଦିଗକୁ ଯାଞ୍ଚ କରାଯିବ।

## ବର୍ଷକ ପରେ ଅପେକ୍ଷାର ଘଟିଲା ଅନ୍ତ

# କେଜିରୱାଲଙ୍କୁ ମିଳିଲା ସରକାରୀ ବାସଭବନ

ନୂଆଦିଲ୍ଲୀ, ୭।୧୦: ମୁଖ୍ୟମନ୍ତ୍ରୀ ବାସଭାବନ ଛାଡିବାର ଗୋଟିଏ ବର୍ଷ ପରେ ଆମ୍ ଆଦମୀ ପାର୍ଟିର ପ୍ରମୁଖ କିମ୍ବା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କୁ ଶେଷରେ ଏକ ନୂଆ ସରକାରୀ ବାସଭବନ ମିଳିଛି। ଦିଲ୍ଲୀ ହାଇକୋର୍ଟରେ ଏକ ଶୁଣାଣି ପରେ ଏହି ନିଷ୍ପତ୍ତି ଆସିଛି। ଯେଉଁଠାରେ ସେ ଜଣେ ରାଜନୈତିକ ଦଳର ଜାତୀୟ ସଭାପତି ଭାବରେ ବାସଭବନ ପାଇଁ ଅନୁରୋଧ କରିଥିଲେ। ଶେଷରେ କେନ୍ଦ୍ର ସରକାର ବାସଭବନ ଆବଣ୍ଟନ ଘୋଷଣା କରିଛନ୍ତି। ଆମ ଆଦମୀ ପାର୍ଟି ନେତା ବାସଭବନକୁ ଯାଇ ଯାଞ୍ଚ କରିଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଅରବିନ୍ଦ କେଜରିୱାଲ ତାଙ୍କ ସାଂସଦ ସଞ୍ଜୟ ସିଂହଙ୍କ ସରକାରୀ ବାସଭବନରେ ରହୁଥିଲେ। ଏହି ମାମଲାକୁ ନେଇ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଅରବିନ୍ଦ କେଜିରୱାଲ। ସରକାରୀ ବାସଭବନ ଯୋଗାଇ ଦିଆଯିବ



ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଯାହା ଏବେ ପୂରଣ ହୋଇଛି। କେଜରିୱାଲଙ୍କ ନୂତନ ବାସଭବନ, ଯାହା ପ୍ରାୟ ୫ହଜାର ବର୍ଗଫୁଟ ପରିମିତ, ଦୁଇ ପାର୍ଶ୍ୱରେ ଲନ୍ ସମେତ ଏକ ଅଫିସ୍ ରହିଛି। ଅନ୍ୟପଟେ ଯଦି କେଜିରୱାଲଙ୍କ ଇସ୍ତଫା ଦେବା ପରର କଥା କୁହାଯାଏ, ତେବେ ତାଙ୍କର ସ୍ଥାୟୀ ସରକାରୀ ବାସଭବନ ନଥିଲା। ଫ୍ଲାଗଷ୍ଟାଫ୍ ରୋଡରେ ଥିବା ତାଙ୍କ ସରକାରୀ ବାସଭବନ ଛାଡିବା ପରେ ସେ ଅସ୍ଥାୟୀ ଭାବରେ ପଞ୍ଜାବର ଆପ୍ ରାଜ୍ୟସଭା ସାଂସଦ ଅଶୋକ ମିତ୍ତଲଙ୍କ ୫, ଫିରୋଜଶାହା ରୋଡରେ ଥିବା ଘରେ ରହିଥିଲେ। ଏହାରି ମଧ୍ୟରେ ଦିଲ୍ଲୀ ସରକାର କେନ୍ଦ୍ରରେ ଥିବା ବଙ୍ଗଳାକୁ ଏକ କ୍ୟାଣ୍ଟିନ୍ ସହିତ ଏକ ରାଜ୍ୟ ଅତିଥି ଗୃହରେ ପରିଣତ କରିବାକୁ ଯୋଜନା କରୁଛନ୍ତି। ଯାହା କେଜରିୱାଲ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ପାଇଁ ପୁନଃନିର୍ମିତ କରାଯାଇଥିଲା। ଏଥି ସହ ସିଭିଲ୍ ଲାଇନ୍ସର ଫ୍ଲାଗଷ୍ଟାଫ୍ ରୋଡରେ ଥିବା ବଙ୍ଗଳା ନମ୍ବର ୬ ସହରରେ ଖାଦ୍ୟ ପରିବେଷଣ କରୁଥିବା ଏକ କ୍ୟାଣ୍ଟିନ୍ ରହିବ। ଯାହାର ସୁବିଧା ସାଧାରଣ ଲୋକଙ୍କ ପାଇଁ କରାଯିବ।

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପଦଯାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ ପ୍ରସ୍ତୁତ କର

**ନୂଆଦିଲ୍ଲୀ,୭।୧୦ :** ଦେଶରେ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା ଉପରେ ଚିନ୍ତା ପ୍ରକାଶ କରି ସୁପ୍ରିମକୋର୍ଟ ମଙ୍ଗଳବାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଛଅ ମାସ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ନିୟମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଡ଼କ ସୁରକ୍ଷା ଦୃଷ୍ଟିରୁ ମୋଟର ଯାନ ଆଇନର ଧାରା ୧୩୮(୧କ) ଅନୁଯାୟୀ ନିୟମ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିୟମ ସାଧାରଣ ସ୍ଥାନ ଏବଂ ଜାତୀୟ ରାଜପଥରେ ଅଣ-ମୋଟରଚାଳିତ ଯାନବାହନ ଏବଂ ପଦଯାତ୍ରୀଙ୍କ ଗତିବିଧି ଏବଂ ପ୍ରବେଶକୁ ନିୟନ୍ତ୍ରଣ କରିବ। ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କୁ ଛଅ ମାସର ସମୟ ଦିଆଯାଇଛି। ନିଶ୍ଚିତ କରିବା ଉଚିତ ଯେ ଅଣ-ଯନ୍ତ୍ରକୃତ ଯାନବାହନ ଏବଂ ପଦଯାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ରାସ୍ତା ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ସ୍ଥିର କରାଯାଉ । ହେଲମେଟ ପିନ୍ଧିବା, ଭୁଲ ଲେନରେ ଗାଡି ଚଲାଇବା ଏବଂ ଗାଡିରେ ଅନଧିକୃତ ହର୍ଣ୍ଣ ବଜାଇବା ଭଳି ସଡ଼କ ସୁରକ୍ଷା ସହିତ ଜଡିତ ବିଭିନ୍ନ ଦିଗ ଉପରେ କଠୋର ନିୟମ କରିବା ବିଷୟରେ ମଧ୍ୟ କୋର୍ଟ କହିଛନ୍ତି। ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତାରେ ପଦଯାତ୍ରୀ ଏବଂ ଅଣ-ମୋଟରଚାଳିତ ଯାନବାହନ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ନିଶ୍ଚିତ କରିବା। କୋଏମ୍ବାଟୁରର ଜଣେ ସର୍ଜନ ଡକ୍ଟର ଏସ. ରାଜଶେଖରନଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ତାଙ୍କ ଆବେଦନରେ, ସେ ଭାରତରେ ବର୍ଦ୍ଧିତ ସଡ଼କ ଦୁର୍ଘଟଣାର ଉଦାହରଣ ଦେଇଥିଲେ ଏବଂ ସଡ଼କ ଦୁର୍ଘଟଣା ରୋକିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ ଦାବି କରିଥିଲେ।

## 'ସିନିଅର ଟିମ୍‌ରେ ବୈଭବଙ୍କୁ ସାମିଲ କର'

**ନୂଆଦିଲ୍ଲୀ, ୭।୧୦:** ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ତୁରନ୍ତ ସିନିୟର୍ ଟିମରେ ସାମିଲ୍ କରନ୍ତୁ। ରାଜସ୍ଥାନ୍ ରୟାଲ୍ସର ହାଇ ପରଫରମାନ୍ସ ଡାଇରେକ୍ଟର୍ ଜୁବିନ୍ ଭାରୁଚା ଭାରତୀୟ କ୍ରିକେଟ୍ କମିଟିର ଚେୟାରମ୍ୟାନ୍ ଅଜିତ ଅଗରକରଙ୍କୁ ପରାମର୍ଶ ଦେଇ କହିଛନ୍ତି। ବିହାରର ୧୪ ବର୍ଷୀୟ ବାମହାତୀ ବ୍ୟାଟର ବୈଭବଙ୍କୁ ତୁରନ୍ତ ସିନିୟର୍ ଟିମରେ ସାମିଲ କରାଯାଉ। ସଚିନ୍ ତେନ୍ଦୁଲକରଙ୍କ ପରି ବୈଭବଙ୍କୁ ସିନିୟର୍ ଟିମରେ ତୁରନ୍ତ ସାମିଲ୍ କରନ୍ତୁ। ଅସୁବିଧା ନକରି ଦୃଢ ନିଷ୍ପତ୍ତି ଚୟନକର୍ତ୍ତା ନିଅନ୍ତୁ ବୋଲି ଜୁବିନ୍ କହିଛନ୍ତି। ୨୦୨୫ ଆଇପିଏଲ୍ ନିଲାମରେ ୧୩ ବର୍ଷରେ ୧.୧ କୋଟିରେ ଆରଆର ଦ୍ୱାରା ଚୟନ ହୋଇଥିବା ବୈଭବ ସବୁଠାରୁ କମ୍ ବୟସରେ ଆଇପିଏଲ୍‌ରେ ଶତକ ହାସଲ କରିଥିଲେ। ଗୁଜରାଟ୍ ଟାଇଟାନ୍ସ ବିରୋଧରେ ୩୫ ବଲରେ ଶତକ ହାସଲ କରି କ୍ରିକେଟ ଜଗତରେ ସ୍ୱତନ୍ତ୍ର ଛାପ ଛାଡିଥିଲେ ବୈଭବ।

# ଧରାପଡ଼ିଲା ନକଲି ଏନ୍‌ଏସ୍‌ଜି କମାଣ୍ଡୋ



**ରାଉରକେଲା,୭।୧୦(ସଂଚାର ବ୍ୟୁରୋ):** ରାଉରକେଲାରୁ ଧରାପଡିଲା ନକଲି ଏନ୍‌ଏସ୍‌ଜି କମାଣ୍ଡୋ। ଏନ୍‌ଏସ୍‌ଜି କମାଣ୍ଡୋ ଭାବେ ପରିଚୟ ଦେଇ ନେତା ଓ ମନ୍ତ୍ରୀଙ୍କ ଭିଜିଟ ସିକ୍ୟୁରିଟି ସର୍ଭେରେ ଆସିଥିବା କହି ସେ ହୋଟେଲରେ ରହୁଥିଲା। ପେମେଣ୍ଟ କରିଥିବା କହି ମିଛ ସ୍କ୍ରିନ ଶଟ ବି ଦେଖାଉଥିଲା। ଡିଲକ୍ସ ଏବଂ ସୁପର ଡିଲକ୍ସ ସହ ସୁଇଟ ରୁମ୍ ବୁକିଂର ଲାଭ ନେଉଥିଲା ଏହି ଠକ ଜଣଙ୍କ। ଗତକାଲି ରାଉରକେଲା ସହରର ଏକ ଦାମୀ ହୋଟେଲରେ ଠକିବା ଉଦ୍ୟମ କରିଥିଲା। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସିକ୍ୟୁରିଟି ଯାଞ୍ଚ୍‌ରେ ଆସିଥିବା କହି ସେ ସୁଇଟ ରୁମ ବୁକ କରିଥିଲା। ପେମେଣ୍ଟ ସମୟରେ ସେ ଏକ ମିଛ ସ୍କ୍ରିନ ଶଟ୍ ବି ଦେଖାଇଥିଲା। ହୋଟେଲ କର୍ତ୍ତୃପକ୍ଷ ଏହା ଜାଣି ପାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ହୋଟେଲ୍‌ରେ ପହଞ୍ଚି ଉକ୍ତ ନକଲି ଏନ୍‌ଏସ୍‌ଜି କମାଣ୍ଡୋକୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ବିଶାଖାପାଟଣାର ବରଦା ସୁଧୀର ବୋଲି ଜଣାପଡ଼ିଛି। ପୂର୍ବରୁ ସେ ରାଜ୍ୟ ବାହାରେ ବିଭିନ୍ନ ହୋଟେଲରେ ବି ଠକେଇ କରିଥିବା ପୁଲିସ୍ ପ୍ରାଥମିକ ତଦନ୍ତ ପରେ ଜାଣିବାକୁ ପାଇଛି।

## ବାଙ୍କୀ ମହୋତ୍ସବ-୨୦୨୫ ରୌପ୍ୟ ଜୟନ୍ତୀ ସମାରୋହ ଉଦଘାଟିତ

# ସାଧାରଣ ଲୋକଙ୍କୁ ସରକାର ସର୍ବାଗ୍ରେ ରଖିଛନ୍ତି: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରାଚୀନ ସଂସ୍କୃତି, ଐତିହ୍ୟ ଓ ସାମାଜିକ ସମ୍ମେଳନର ପ୍ରତୀକ ବାଙ୍କୀ ମହୋତ୍ସବର ରୌପ୍ୟ ଜୟନ୍ତୀରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଏହି ଉତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଙ୍କୀ ଅଞ୍ଚଳ ହେବ ଶିଳ୍ପ ସମୃଦ୍ଧ ଏବଂ ଏଠାକାର ଯୁବକ ଯୁବତୀ ନିଯୁକ୍ତି ପାଇବା ସହିତ ବାଙ୍କୀ ହେବ ସମୃଦ୍ଧ। ବାଙ୍କୀ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ। ଆମ ରାଜ୍ୟର ଉନ୍ନୟନର ମୂଳ ଶକ୍ତି ହେଉଛନ୍ତି ଲୋକେ। ବାଙ୍କୀ ମହୋତ୍ସବ ଏହି ଲୋକଶକ୍ତି, ଲୋକସଂସ୍କୃତି ଓ ସମ୍ପ୍ରୀତିର ମହା ଉତ୍ସବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ଆହ୍ୱାନ ଦେଇଛନ୍ତି ଯେ ଆମ ଯୁବ ସମାଜ ନିଜ ମାଟି, ନିଜ ଜନ୍ମଭୂମି ପାଇଁ ଗର୍ବ ଅନୁଭବ କରନ୍ତୁ। ଓଡ଼ିଶା ଆଜି ନୂତନ ସ୍ୱପ୍ନ ଦେଖୁଛି, ଉନ୍ନତି, ସୁଶାସନ ଓ ସମାନତାର ସ୍ୱପ୍ନ। ବାଙ୍କୀ ଅଞ୍ଚଳର ଜନସାଧାରଣଙ୍କ ସହଭାଗିତା ଓ ଅତିଥି ସତ୍କାର କୁ ପ୍ରଶଂସା କରି କହିଛନ୍ତି ଯେ, ବାଙ୍କୀର ଲୋକେ ଯେପରି ଆତ୍ମୀୟତା ଓ ଅତିଥି ସତ୍କାର ଦେଖାଇଛନ୍ତି, ତାହା ଓଡ଼ିଆ ଆତ୍ମାର ସତ୍ୟ ଚିତ୍ର। ବର୍ତ୍ତମାନ ରାଜ୍ୟରେ ଶିଳ୍ପ, ପର୍ଯ୍ୟଟନ ଓ ସାଂସ୍କୃତିକ ଉନ୍ନତି ଏକ ନୂତନ ଦିଗକୁ ଯାଉଛି ଏବଂ ବାଙ୍କୀ ମହୋତ୍ସବ ଏହି ଯାତ୍ରାର ଗୌରବମୟ ଅଂଶ। କଟକ ଜିଲ୍ଲାର ବିକାଶରେ ବାଙ୍କୀର ପ୍ରମୁଖ ଭୂମିକା ରହିବ । ବାଙ୍କୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗର ବିକାଶ କରାଯିବ।

# ସରକାର ବଢ଼ାଇଲେ ବୃତ୍ତି ରାଶି

## ୧୬ ହଜାରରେ ପହଞ୍ଚିଲା ପ୍ରି-ମାଟ୍ରିକ ରାଶି

କଟକ,୭।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାର ରାଜ୍ୟର ପ୍ରମୁଖ ଶିକ୍ଷା ଯୋଜନା 'ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନା ଓ ଅନ୍ୱେଷା ଯୋଜନା' ଅଧୀନରେ ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ସ୍କଲାରସିପ୍ ଅର୍ଥାତ୍ ବୃତ୍ତି ରାଶି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଯୋଜନାରେ ପ୍ରି-ମାଟ୍ରିକ ଛାତ୍ରଛାତ୍ରୀଙ୍କ ବୃତ୍ତି ରାଶି ପରିମାଣ ପୂର୍ବରୁ ବାର୍ଷିକ ସାଢ଼େ ୧୦ ହଜାର ଟଙ୍କା ଥିବା ବେଳେ ଏବେ ଏହା ୧୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରୁଥିବା ଅନ୍ୱେଷା ଯୋଜନାରେ ବୃତ୍ତି ରାଶି ପରିମାଣ ୧୧ ହଜାରରୁ ୧୭ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଛଡ଼ା ପୋଷ୍ଟ-ମାଟ୍ରିକ ସ୍ତରରେ ଛାତ୍ରମାନେ ପୂର୍ବରୁ ପାଉଥିବା ୧୧ ହଜାର ଟଙ୍କା ବଦଳରେ ଏବେ ୧୬ ହଜାର ଟଙ୍କା ଓ ଛାତ୍ରୀମାନେ ବାର୍ଷିକ ୧୭ ହଜାର ଟଙ୍କା ପାଇବେ। ଗତକାଲି ନୂଆପଡ଼ାରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏ ନେଇ ଘୋଷଣା କରି କହିଥିଲେ ଯେ ଶିକ୍ଷା ହେଉଛି ବିକାଶର ମୂଳ ଆଧାର। ଆମ ସରକାର ପ୍ରତ୍ୟେକ ପିଲାଙ୍କ ପାଇଁ ସମାନ ଶିକ୍ଷା ସୁଯୋଗ ନିଶ୍ଚିତ କରିବାକୁ ପ୍ରତିବଦ୍ଧ।। ଏହି ବୃଦ୍ଧିପ୍ରାପ୍ତ ଆର୍ଥିକ ସହାୟତା ଓଡ଼ିଶାର ହଜାର ହଜାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ବାଧାବିଘ୍ନ ବିନା ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ବରଗଡ଼ ସହରରୁ ୧୩୦ ବୋତଲ କୋଲ୍ଡ୍ରିଫ କଫ ସିରପ ଜବତ



ବରଗଡ଼,୭।୧୦(ସଂଚାର ବ୍ୟୁରୋ) : ମଧ୍ୟପ୍ରଦେଶ ପରେ ଓଡ଼ିଶା। ବରଗଡ଼ ସହରରୁ ୧୩୦ ବୋତଲ କୋଲ୍ଡରିଫ କଫ ସିରପ ଜବତ ହୋଇଛି। ଭଟଲି ଅଞ୍ଚଳରୁ କୋଲଡ୍ରିଫ କଫ ସିରପ ଜବତ କରିଛି ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଟିମ। ବରଗଡ଼ ସହରର ନିଗମାନନ୍ଦ ବିହାରର ଏକ ଡିଷ୍ଟ୍ରିବ୍ୟୁଟରଙ୍କ ଠାରୁ ଜବତ ହୋଇଛି। ଭୁବନେଶ୍ୱର ସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶରେ ହୋଇଥିଲା ଏହି ଚଢାଉ। ତାମିଲନାଡୁରୁ ବରଗଡ଼ ସହରକୁ କୋଲଡ୍ରିଫ କଫ ସିରପ ଆସିଥିବା ସୂଚନା ମିଳିଛି। ଜବତ ୧୩୦ ବୋତଲ କୋଲଡ୍ରିଫ କଫ ସିରପ ମଧ୍ୟରୁ ୪ ବୋତଲ କୋଲଡ୍ରିଫ କଫସିରଫ ପରୀକ୍ଷା ପାଇଁ ପଠାଯିବ। ଅନ୍ୟ ୧୨୬ ବୋତଲ କୋଲଡ୍ରିଫ କଫ ସିରପ କୋର୍ଟରେ ପ୍ରଡ୍ୟୁସ କରାଯିବ ବୋଲି ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଡଃ ସୁଦର୍ଶନ ବିଶ୍ୱାଳ ସୂଚନା ଦେଇଛନ୍ତି। କୋଲଡ୍ରିଫ କଫସିରଫ ସେବନ କରି ମଧ୍ୟପ୍ରଦେଶରେ ୧୧ ରୁ ଅଧିକ ଶିଶୁଙ୍କ ମୃତ୍ୟୁ ନେଇ ଅଭିଯୋଗ ହୋଇଥିଲା।

୪ ବର୍ଷରୁ କମ ବୟସର ଶିଶୁ ଙ୍କୁ କୋଲଡ୍ରିଫ କଫସିରଫ ସେବନ କରିବା ପାଇଁ ବାରଣ କରିଛନ୍ତି ସରକାର।

# ମୁକ୍ତେଶ୍ୱର ମନ୍ଦିରରେ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ

କେନ୍ଦୁଝର, ୭।୧୦(ସଂଚାର ବ୍ୟୁରୋ): କେନ୍ଦୁଝରଗଡ଼ ପୁରୁଣା ସହର ନିକଟସ୍ଥ ବୈଦରାଜ ସାହିରେ ଥିବା ଶ୍ରୀ ମୁକ୍ତେଶ୍ୱର ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମା'ଲକ୍ଷ୍ମୀଙ୍କର ପୂଜା ଆରାଧନା ଅତି ଭକ୍ତି ଓ ନିଷ୍ଠାର ସହିତ ପାଳନ କରାଯାଇଛି। ବ୍ରାହ୍ମଣମାନଙ୍କ ଦ୍ୱାରା ମା'ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଛି। ଗତକାଲି କଳସ ପୂଜନ କାର୍ଯ୍ୟ ସରିଲା ପରେ, ଆଜି ସମସ୍ତ ଭକ୍ତଙ୍କ ପାଇଁ ମାଙ୍କର ଖେଚୁଡ଼ି ଡାଲମା ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। କେନ୍ଦୁଝର ଗଡ଼ ପୁରୁଣା ସହରର ସମାଜସେବି ତଥା ବରିଷ୍ଠ ନାଗ ନାଗରିକ ବୀରେନ୍ଦ୍ର କୁମାର ପଟ୍ଟନାୟକ ଏବଂ ତାଙ୍କ ସହଧର୍ମିଣୀ ଶିକ୍ଷାବିତ ମନୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମା'ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥିଲା। ତାଙ୍କର ସୁଯୋଗ୍ୟ ପୁତ୍ର ଦେବୀପ୍ରସାଦ ପଟ୍ଟନାୟକ ଏବଂ ପୁତ୍ରବଧୂ ସ୍ୱୟଂଶୀଧା ପଟ୍ଟନାୟକ ସଂକଳ୍ପରେ ବସିଥିଲେ। ଶତାଧିକ ଭକ୍ତଙ୍କ ନିମନ୍ତେ ପ୍ରସାଦ ବିତରଣ କରାଯାଇଥିଲା ଏବଂ ଆନନ୍ଦରେ ସମସ୍ତ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ।

## ସ୍ଲାବ ପଡ଼ି ଛାତ୍ରୀ ମୃତ୍ୟୁ ଘଟଣା: ମିଳିଲା ୩ ଲକ୍ଷ ଟଙ୍କା କ୍ଷତିପୂରଣ

ଭଦ୍ରକ, ୭।୧୦(ସଂଚାର ବ୍ୟୁରୋ) ଭଦ୍ରକ ଜିଲା ଧାମନଗର ଥାନା ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ବିଷ୍ଣୁପୁର ଛକରେ ନିର୍ମାଣାଧୀନ ଓଭର ବ୍ରିଜରୁ ସ୍ଲାବ ଖସି ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ରାଶି ୩ ଲକ୍ଷ ଘୋଷଣା କରାଯାଇଛି। ଏଥିସହିତ ସମ୍ପୃକ୍ତ ଓଭର ବ୍ରିଜ କାମ ତୁରନ୍ତ ଶେଷ କରିବାକୁ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉ କି, ଧାମନଗର ଥାନା ଅଧୀନ ବିଷ୍ଣୁପୁର ଛକ ନିକଟ ୧୬ ନମ୍ବର ଜାତୀୟ ରାଜପଥ ରେ ବ୍ରିଜ କାମ ଚାଲି ଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜାଲିଆତିର...

ଓପିଆରବି ୯୩୩ଟି ପଦ (ଏସ୍‌ଆଇ, ସଶସ୍ତ୍ର ଏସ୍‌ଆଇ, ଫାୟାର୍ ଷ୍ଟେସନ୍ ଅଫିସର୍ ଓ ଆସିଷ୍ଟାଣ୍ଟ ଜେଲର ପଦବୀ) ପାଇଁ ୫ ଓ ୬ ଅକ୍ଟୋବରରେ ଲିଖିତ ପରୀକ୍ଷା ଆୟୋଜନ ପାଇଁ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଆଟିଆଇକୁ ଚୟନ କରିଥିଲେ। କିନ୍ତୁ ଏହି ସରକାରୀ ଉଦ୍ୟୋଗ ପରେ ପରୀକ୍ଷା ପରିଚାଳନାକୁ ସିଲିକନ ଟେକ ଲ୍ୟାବକୁ ଏବଂ ପରେ ସିଲିକନ ପଞ୍ଚସଫ୍ଟକୁ ସବଲେଟରେ କାମ ଦିଆଗଲା। ଏହା ସରକାରୀ ନିୟମର ବିରୁଦ୍ଧାଚରଣ ଏବଂ ଏସଓପିର ସ୍ପଷ୍ଟ ଉଲ୍ଲଙ୍ଘନ। ଏକ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି, ଓପିଆରବିକୁ ତୃତୀୟ ପକ୍ଷକୁ ସମ୍ପୃକ୍ତ କରିବାର କାରଣ ସ୍ପଷ୍ଟ କରିବାକୁ ପଡ଼ିବ। କାରଣ ଆଇଟିଆଇ ସିଲିକନକୁ ସବଲେଟ କରିବା କିମ୍ବା ସିଲିକନ ପଞ୍ଚସଫ୍ଟକୁ କାମ ସବଲେଟ କରିବାକୁ ଓପିଆରବି ଅନୁମତି ଦେଇଥିଲା କି ନାହିଁ ତାହା ମଧ ସ୍ପଷ୍ଟ ହେବା ଆବଶ୍ୟକ।

ସେପଟେ ଘରୋଇ କମ୍ପାନୀଙ୍କୁ କାମ ସବଲେଟ ଦେବା ପ୍ରକ୍ରିୟା ଆଜିର ନୁହେଁ। ଗତ ୨୫ ବର୍ଷ ଧରି ଏହା ଓଡିଶା ସରକାରରେ ଏକ ନିୟମିତ ପ୍ରକ୍ରିୟା ହୋଇଯାଇଛି। ଏବେ ସରକାର ଏହାର ଚେର ଖୋଜୁଛି। କାରଣ ଏହି ଜାଲିଆତିରେ ଯେଉଁ ଦଲାଲମାନେ ଧାରା ପଡୁଛନ୍ତି ସେମାନେ ସମସ୍ତେ ୨୦୨୪ ପୂର୍ବରୁ ବିଜେଡି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିଲେ। ରାଜ୍ୟ ସରକାର ୫ବର୍ଷରେ ଲକ୍ଷେ ନିଯୁକ୍ତି ଦେବାକୁ ଆରମ୍ଭ କରିଥିବା ଅଭିଯାନରେ ଆଉଟସୋର୍ସିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚିନ୍ତା କରୁଛନ୍ତି। ଆଉ ସେଥିପାଇଁ ସବୁ ସ୍ତରରେ ବେଶ୍ ଟନାଘଡ଼ା ଚାଲିଛି।

## ୩ ବୈଜ୍ଞାନିକଙ୍କୁ...

ଟନେଲିଂର ସନ୍ଧାନ ପାଇଥିଲେ। ଏହା ମାଇକ୍ରୋସ୍କୋପିକ୍ କ୍ୱାଣ୍ଟମ୍‌ର ପ୍ରଭାବ ଥିଲା, ଯାହାକି କ୍ଷୁଦ୍ର କଣିକା ଭିତରେ ସୀମିତ ଥିଲା। ସେହିପରି ୟେଲ୍ ୟୁନିଭର୍ସିଟି ପ୍ରଫେସର୍ ମିଶେଲ୍ ସର୍କିଟ୍ କ୍ୱାଣ୍ଟମ୍ ଇଲେକ୍ଟ୍ରୋଡାଇନାମିକ୍ସର ଅନୁସନ୍ଧାନ କରିଥିଲେ। ତାଙ୍କ ଗବେଷଣା ଲବ୍ଧ ଜ୍ଞାନ ଅନୁସାରେ, ଇଲେକ୍ଟ୍ରି ସର୍କିଟ୍‌କୁ କ୍ୱାଣ୍ଟମ୍ ସିଷ୍ଟମ୍ ପରି ବ୍ୟବହାର କରାଯାଇପାରିବ। ଏହାଛଡ଼ା ସାନ୍ତା ବାର୍ବରାସ୍ଥିତ କାଲିଫର୍ଣ୍ଣିଆ ୟୁନିଭର୍ସିଟି ପ୍ରଫେସର ମାର୍ଟିନିସ୍ କ୍ୱାଣ୍ଟମ୍ ବିଟ୍ସରେ ଏନର୍ଜି କ୍ୱାଣ୍ଟାଇଜେସନ୍‌ର ସୂତ୍ରପାତ କରିଥିଲେ, ଯାହାକି କ୍ୱାଣ୍ଟମ୍ କମ୍ପ୍ୟୁଟର୍ ଉପରେ ଆଧାରିତ।

ଆଗାମୀ ଦିନରେ ରସାୟନ ବିଜ୍ଞାନ, ସାହିତ୍ୟ, ଶାନ୍ତି ପୁରସ୍କାର ଏବଂ ଅର୍ଥନୈତିକ ବିଜ୍ଞାନ ପୁରସ୍କାର ପାଇଁ ଘୋଷଣା କରାଯିବ। ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ଆସନ୍ତା ଡିସେମ୍ବର ୧୦ ତାରିଖରେ ଆଲଫ୍ରେଡ ନୋବେଲଙ୍କ ମୃତ୍ୟୁ ବାର୍ଷିକୀରେ ଏହି ପୁରସ୍କାର ପ୍ରଦାନ କରାଯିବ। ଗତକାଲିଠାରୁ ଆରମ୍ଭ ହୋଇଥିବା ନୋବେଲ ପୁରସ୍କାର ଘୋଷଣା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଗତକାଲି ମେଡିସିନ କ୍ଷେତ୍ର ପାଇଁ ୩ ଜଣ ବୈଜ୍ଞାନିକଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ଆମେରିକାର ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ ଏବଂ ଜାପାନର ଶିମନ ସାକାଗୁଚି। ପେରିଫେରାଲ ଇମ୍ୟୁନିଟି ସମ୍ପର୍କିତ ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବା ସକାଶେ ମନୋନୀତ କରାଯାଇଛି।

## ବିଦ୍ୟାପୀଠ...

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୨୦୦ଟି ପଞ୍ଚାୟତରେ ପ୍ରାୟ ୧୨ ହଜାର କୋଟି ବ୍ୟୟରେ ଏହି ସ୍କୁଲ ନିର୍ମାଣ ହେବ। ଆସନ୍ତା ୩ ବର୍ଷ ମଧରେ ୪୪,୪୩୩ ଟି ଶିକ୍ଷକ ପଦବୀ ପୂରଣ କରାଯିବ। ଅର୍ଥାତ ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ। ପ୍ରତ୍ୟେକ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଓ ୧୦୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ବିଦ୍ୟାଳୟକୁ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିବା ଲକ୍ଷ୍ୟ ନେଇ ଐତିହ୍ୟ ବିଦ୍ୟାଳୟ ଯୋଜନା ଲାଗୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପ୍ରାଥମିକ ଶିକ୍ଷା ବିକାଶ ପାଇଁ ସରକାର ପ୍ରତିବଦ୍ଧ। ଚଳିତ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟିରୁ ଅଧିକ ବ୍ୟୟବରାଦ କରାଯାଇଛି। ଶିକ୍ଷା କ୍ଷେତ୍ରରେ ହୋଇଥିବା ପ୍ରାବଧାନ ହେଉଛି ମୋଟ ବଜେଟର ୧୪.୨ ପ୍ରତିଶତ ଓ ଜିଏସ୍‌ଡିପିର ୩.୯ ପ୍ରତିଶତ, ଯାହା ଦେଶର ପ୍ରମୁଖ ରାଜ୍ୟ ମଧରେ ସ୍ଥାନ ପାଇଛି। ଯେଉଁମାନେ ୧୪ ପ୍ରତିଶତରୁ ଅଧିକ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛନ୍ତି। ଏହା ହେଉଛି ଆମ ସରକାରଙ୍କ ଶିକ୍ଷା ପ୍ରତି ଆନ୍ତରିକତା। କେବଳ ପାଠପଢ଼ା ନୁହେଁ, କ୍ରୀଡା, ନୃତ୍ୟ, ସଙ୍ଗୀତ, କଳା ଆଦି କ୍ଷେତ୍ରରେ ବିଶାଳ ସୁଯୋଗ ଅଛି। କେବଳ ସରକାରୀ ଚାକିରିରେ ପିଲାମାନେ ନିଜକୁ ଆବଦ୍ଧ କରିବା ଉଚିତ ନୁହେଁ। ଆମ ସମୟରେ ସୀମିତ ସୁଯୋଗ ଥିଲା। କିନ୍ତୁ, ଆଜି ଏତେ ସୁଯୋଗ ଅଛି ଯେ ଚିନ୍ତା କରିବା ବି ମୁସ୍କିଲ। ତେଣୁ ଯିଏ ଯେଉଁ କ୍ଷେତ୍ରରେ ନିଜକୁ ସହଜ ଅନୁଭବ କରୁଛି, ତାକୁ ତାହା କରିବାକୁ ଦେବା ଉଚିତ। ଏହି ଦିଗରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କର ଏକ ବଡ ଭୂମିକା ରହିଛି। ଜୋର୍ ଜବରଦସ୍ତି ନିଜ ପିଲାଙ୍କୁ କେବଳ ଡାକ୍ତର ଇଞ୍ଜିନିୟର କରିବା ଘୋଡା ଦୌଡରେ ସାମିଲ ନ କରି ଡାକ୍ତର ଇଞ୍ଜିନିୟର ବାହାରେ ବି ଗୋଟିଏ ସଫଳ, ସୁନ୍ଦର କ୍ୟାରିଅର୍ ଚଏସ୍ ରହିଛି। ଆଜିକାଲି ସୁଯୋଗର କିଛି ସୀମା ନାହିଁ, ଏହା ଅସିମୀତ। ତେଣୁ ଏ ଦିଗରେ ଅଭିଭାବକ ଚିନ୍ତା କରିବା ସକାଶେ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

କାର୍ଯ୍ୟକ୍ରମ ଅବସରରେ କଟକ ଜିଲ୍ଲାପାଳଙ୍କୁ ବାଙ୍କୀ ଏନଏସି ଅଞ୍ଚଳକୁ ମ୍ୟୁନିସିପାଲିଟି ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ଆବଶ୍ୟକତା ରହିଛି, ସେସବୁର ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବାଙ୍କୀର ପୂର୍ବତନ ବିଧାୟକ ଡକ୍ଟର ଦେବାଶିଷ ପଟ୍ଟନାୟକ, ଶତବାର୍ଷିକୀ କମିଟି ସଭାପତି ଭବାନୀ ପ୍ରସାଦ ପଣ୍ଡିତ, ଶତବାର୍ଷିକୀ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କମିଟି ସଂଯୋଜକ ନୀଳ ମୋହନ ତ୍ରିପାଠୀ ଓ ଶୁଭାଂଶୁ ମୋହନ ପାଢ଼ୀ ମଧ ଉପସ୍ଥିତ ଥିଲେ।

## ସରକାରଙ୍କୁ...

ସରକାରକୁ ଘେରୁଛି ବିଜେଡି। ବିଶେଷକରି ମହିଳା ସୁରକ୍ଷା ନେଇ କଂଗ୍ରେସ ସ୍ୱରରେ ସ୍ୱର ମିଳାଇ ରାଜ୍ୟ ସରକାରକୁ ସମାଲୋଚନା କରିବାରେ ଲାଗିଛି। ତେବେ ଠିକ୍ ଏତିକିବେଳେ ବିଜେଡି ସରକାର ଅମଳର ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଜଡିତ ଗୋବିନ୍ଦ ସାହୁ ମୃତ୍ୟୁର ସିବିଆଇ ତଦନ୍ତ କରିବାକୁ ତାଙ୍କ ପରିବାର ବି ଆସି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କଲେଣି। ଏହାର ସିବିଆଇ ତଦନ୍ତ ହେଲେ ତାହାର ଫଳ କ'ଣ ହେବ ତାହାକୁ ନେଇ ବିଜେଡି କର୍ମୀମାନେ ଆଶଙ୍କାରେ ରହିଛନ୍ତି।

ମାତ୍ର ଦେଢ ବର୍ଷ ତଳେ ସରକାରରୁ ଯାଇଥିବା ବିଜେଡି ଏବେ ହଠାତ୍ କଂଗ୍ରେସ ସହିତ ପ୍ରତିଯୋଗିତା କରି ରାଜ୍ୟର ବିଜେପି ସରକାରକୁ ଯେଭଳି ସମାଲୋଚନା କରୁଛି ତାହାକୁ ଦଳର ନେତା ଓ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କିଛି କର୍ମୀଙ୍କ କହିବାକଥା ଯେ ଏହାଦ୍ୱାରା କେବଳ ବିଜେଡିର ହିଁ କ୍ଷତି ହେଉଛି। ଯେଉଁସବୁ ସମ୍ବେଦନଶୀଳ ପ୍ରସଙ୍ଗରେ ବିଜେପି ସରକାରକୁ ବିଜେଡି ଘେରିବାରେ ଲାଗିଛି, ଅନୁରୂପ ପ୍ରସଙ୍ଗରେ କ୍ଷମତାରେ ଥିବାବେଳେ ବିଜେଡି ଛନ୍ଦି ହୋଇଥିଲା। ଚାକିରି ଦୁର୍ନୀତି ପ୍ରସଙ୍ଗର ପୁରୁଣା ଫାଇଲ୍ ଖୋଲିବାକୁ ସରକାର ଯେଭଳି ନିର୍ଦ୍ଦେଶ ଦେଇଛନ୍ତି, ଯଦି ଅନ୍ୟାନ୍ୟ ପ୍ରସଙ୍ଗରେ ସେଭଳି ନିର୍ଦ୍ଦେଶ ଦେବେ ତେବେ ବିରୋଧିଦଳର ବହୁ ନେତା କାଠଗଡାରେ ଛିଡା ହେବା ଏକ ପ୍ରକାର ନିଶ୍ଚିତ ହୋଇପଡିବ। ଯେଉଁଥିବାପାଇଁ ବିଜେଡି ସରକାରରେ ଅତ୍ୟନ୍ତ କ୍ଷମତାଶାଳୀ ଥିବା ବହୁ ମାମଲତକାର ଏବେ ସମାଲୋଚନାରୁ ଏକ ପ୍ରକାର ଦୂରେଇ ରହୁଛନ୍ତି।

## ବିଜେଡି ଲିଙ୍କ୍...

ତପସ୍ୱିନୀ ଗ୍ରାମରେ ହୋଇଥିବା ବେଳେ ଗତକାଲି ତାଙ୍କୁ ସେଠାରୁ ଗିରଫ କରାଯାଇଛି। ଚନ୍ଦନ ପଞ୍ଚସଫ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ତଥା ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ଘନିଷ୍ଠ ସହଯୋଗୀ ସହ ଏକ ରାଜନୈତିକ ଦଳର ସ୍ଥାନୀୟ ନେତା ଓ ଯୁବ ନେତା ଭାବେ ପରିଚିତ। ନିଜକୁ ସମାଜସେବୀ ପରିଚୟ ଦେଉଥିବା ଚନ୍ଦନଙ୍କର ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀରେ ଯଥେଷ୍ଟ ରାଜନୈତିକ ପତିଆରା ରହିଛି। ବିଭିନ୍ନ ସମୟରେ ସ୍ଥାନୀୟ ନେତା ଭାବେ ସେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଓ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଦାସଙ୍କ ସହ ଅନେକ ଫଟୋ ଉଠାଇଥିବା ବେଳେ ଏବେ ଏହିସବୁ ଫଟୋ ଭାଇରାଲ୍ ହେଉଛି। ଅର୍ଥାତ୍ ଏମାନଙ୍କ ଆଶୀର୍ବାଦରେ ଚନ୍ଦନ ବ୍ୟାପକ ହେରଫେର ମାମଲାରେ ଜଡ଼ିତ ଥିବା ଅନୁମାନ କରାଯାଉଛି। ତେଣୁ ଏହି ମାମଲାର ତଦନ୍ତ ଆଗକୁ ବଢ଼ିଲେ ବିଜେଡିର ଆହୁରି ଅନେକ ପ୍ରମୁଖ ନେତା ଏହି କେଳେଙ୍କାରୀରେ ଫସିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ସୂଚନାଯୋଗ୍ୟ ଯେ ଏହି ମାମଲାରେ ଅଦ୍ୟାବଧି ମୋଟ ୧୨୦ ଜଣଙ୍କୁ ଗିରଫ କରାଯାଇସାରିଥିବା ବେଳେ କ୍ରାଇମ୍ ବ୍ରାଞ୍ଚ୍ ଏହି ସଂଗଠିତ ଅପରାଧୀ ସିଣ୍ଡିକେଟ୍‌ର ଶତପ୍ରତିଶତ ଖୁଲାସା ସକାଶେ ପ୍ରୟାସ ଚଳାଇଛି।

## ସାମାଜିକ...

ଶିକ୍ଷାନୁଷ୍ଠାନଟି ବିକଶିତ ହେଉଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି (ଏନ୍‌ପି) ହେଉଛି 'ବସୁଧୈବ କୁଟୁମ୍ବକମ୍'ର ଏକ ପ୍ରୟୋଗାତ୍ମକ ରୂପ। ଏହା ବିକଶିତ ଭାରତ ପାଇଁ ମାର୍ଗ ପ୍ରଶସ୍ତ କରୁଛି। ବିଶ୍ୱ କଲ୍ୟାଣ ନିଶ୍ଚିତ କରିବା ପାଇଁ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଜରୁରୀ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଏନ୍‌ଇପିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢ଼ାଇବା ଉପରେ ପ୍ରାଥମିକତା ଦିଆଯାଉଛି। ସମ୍ମକ୍କା ସାରକ୍କା କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ବହୁଭାଷୀ ଶିକ୍ଷା ସମେତ ଭାରତୀୟ ସଭ୍ୟତା ଅଧ୍ୟୟନ ପାଇଁ ଏକ ନୂତନ ଦିଗ ଆଣିବ। 'ଜ୍ଞାନଂ ପରମଂ ଧେୟମ୍' ଲକ୍ଷ୍ୟ ସହ ଏହା ଏକ ପ୍ରୟୋଗାତ୍ମକ, ଗବେଷଣା ଓ ଉଦ୍ଭାବନ-ପ୍ରେରିତ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ମଧ ଉପସ୍ଥିତ ଥିଲେ।

## ବସ୍...

କିଛି ଯାତ୍ରୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ୍ ପଠାଯାଇଛି। ଦୁର୍ଘଟଣାର ଶିକାର ହୋଇଥିବା ସନ୍ତୋଷୀ ବସ୍ ମରୋତନରୁ ଘୁମାରବୀ ଯିବା ବେଳେ ଭୂସ୍ଖଳର ଶିକାର ହୋଇଥିଲା।

ମୁଖ୍ୟମନ୍ତ୍ରୀ ଠାକୁର ସୁଖବିନ୍ଦର ସିଂହ ସୁଖୁ ଦୁର୍ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପ୍ରତି ସମବେଦନା ଜଣାଇଛନ୍ତି ଏବଂ ସ୍ୱର୍ଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ଏହି କଷ୍ଟ ସମୟରେ ରାଜ୍ୟ ସରକାର ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ। ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ସେମାନଙ୍କୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ଏବଂ ସେମାନଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ନିଶ୍ଚିତ କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସିମଲାରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି।

## ହଟିଲା...

ସନ୍ଧ୍ୟାରେ କଟକରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥିତି ସ୍ୱାଭାବିକ କରିବା ପାଇଁ ପ୍ରଥମେ ରବିବାର ସନ୍ଧ୍ୟା ୭ଟାରୁ ୨୪ ଘଣ୍ଟା ପାଇ କଟକ ସହରରେ ଇଣ୍ଟରନେଟ ସେବା ଗୃହ ବିଭାଗ ପକ୍ଷରୁ ବନ୍ଦ କରାଯାଇଥିଲା। ପରେ ଗତକାଲି ଆଉ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ କଟକଣାକୁ ବୃଦ୍ଧିକରାଯାଇଥିଲା। ଫଳତଃ ଆଜି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି କଟକଣା କାଏମ ରହିଥିଲା। ସେହିପରି କଟକର ୧୩ ଥାନା ଅଞ୍ଚଳରେ ରବିବାରଠାରୁ ୩୬ ଘଣ୍ଟିଆ କର୍ଫ୍ୟୁ ମଧ ଜାରି କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିଥିଲା। ଏହାପରେ କର୍ଫ୍ୟୁ କଟକଣାକୁ ପ୍ରତ୍ୟାହାର କରିନିଆଯାଇଥିଲା। ତେବେ ସହରରେ ଆଜି ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଓ ଜୀବନଯାତ୍ରା କ୍ରମଶଃ ସ୍ୱାଭାବିକ ହେଉଛି। ତେବେ କର୍ଫ୍ୟୁ ହଟିଥିଲେ ବି ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ଉପରେ ପୁଲିସ କଡ଼ା ନଜର ରଖିଥିବା ଟ୍ୱିନ ସିଟି ପୁଲିସ କମିଶନର ଏସ. ଦେବଦତ୍ତ ସିଂ କହିଛନ୍ତି। ତାଙ୍କ କହିବାନୁସାରେ, ଏବେ ଫୋର୍ସ ପ୍ରତ୍ୟାହାର କରାଯାଇନାହିଁ। ବିଶୃଙ୍ଖଳାର ଉତ୍ପତ୍ତି ସ୍ଥଳ ଦରଘାବଜାର ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ସହ ଫ୍ଲାଗମାର୍ଚ୍ଚ ଜାରି ରହିବ। ସେହିପରି ଯେଉଁଠାରେ ବି ଗୁଜବ ଆଶଙ୍କା ରହିଛି, ସେଠାରେ ସାଦା ପୋଷାକରେ ପୁଲିସ ପରିସ୍ଥିତି ଉପରେ ନଜର ରଖିବ। ଏବେ ପରସ୍ଥିତି ନିୟନ୍ତ୍ରଣଧୀନ ରହିଛି ଓ କାହା ଉପରେ କୌଣସି ବିପଦ ନାହିଁ।

## ଘାସିରାମ...

ପୂର୍ବରୁ ଏହି ଆସନରେ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଆସୁଥିବା ବେଳେ ଆଜି ଏହା ସ୍ପଷ୍ଟ ହୋଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କ ନାମରେ ମୋହର ମାରିଛନ୍ତି। ପୂର୍ବରୁ ଘାସିରାମଙ୍କୁ ନୂଆପଡ଼ା କଂଗ୍ରେସର ଜିଲ୍ଲା ସଭାପତି ଭାବେ ଦଳ ପକ୍ଷରୁ ନିଯୁକ୍ତି ମିଳିସାରିଛି।

ଅନ୍ୟପକ୍ଷରେ ଶାସକ ବିଜେପି ପକ୍ଷରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥୀ ହେବା ନେଇ ଆକଳନ କରାଯାଉଛି।

କିନ୍ତୁ ଆଉ କେତେକ ଆଦିବାସୀ ପ୍ରାର୍ଥୀଙ୍କ ସପକ୍ଷରେ ମତ ଦେଉଛନ୍ତି। ବିଶେଷକରି ବିଜେପି ପ୍ରଭାରୀ ଲତା ଉସେଣ୍ଡିଙ୍କ ବୟାନ ପରେ ଏହି ଚର୍ଚ୍ଚାକୁ ଅଧିକ ଖୋରାକ ମିଳିଛି। ନୂଆପଡାରେ ଆଦିବାସୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେମାନଙ୍କ ସମର୍ଥନ ହାସଲ କରିବା ସକାଶେ ବିଜେପି ଏହି କାର୍ଡ ଖେଳିବାର ସମ୍ଭାବନା ରହିଛି। ସ୍ଥାନୀୟ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ଦିଆଯିବ ବୋଲି ଶ୍ରୀମତୀ ଉସେଣ୍ଡି କହିଛନ୍ତି।

ଅନ୍ୟପକ୍ଷରେ ଏହି ଆସନଟି ଗତ ନିର୍ବାଚନରେ ବିଜେଡି ଖାତାକୁ ଯାଇଥିବାରୁ ଦଳ ଏହାକୁ ବଜାୟ ରଖିବା ସକାଶେ ନିଶ୍ଚିତ ଭାବେ ଏସିଡ୍ ଟେଷ୍ଟର ସମ୍ମୁଖୀନ ହେବ ବୋଲି ଆଶା କରାଯାଉଛି। ପ୍ରଥମ ଥର ପାଇଁ ଦଳ କୌଣସି ଉପନିର୍ବାଚନ କ୍ଷମତା ବାହାରେ ଥାଇ ଲଢ଼ିବାକୁ ଯାଉଛି। କିନ୍ତୁ ଏହା ସତ୍ତ୍ୱେ ବି ଦଳ ନୂଆପଡ଼ାରେ ତା'ର ଆସନ ବଜାୟ ରଖିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। କିନ୍ତୁ ନଭେମ୍ବର ୧୪ ତାରିଖ ପରେ ସବୁକିଛି ସ୍ପଷ୍ଟ ହେବ।

## ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହିଞ୍ଜିଳିକାଟୁ



**ହିଞ୍ଜିଳିକାଟୁ,୭।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ମା' ଲକ୍ଷ୍ମୀ ଐରାବତ ହସ୍ତୀ ସହିତ ଆଜି ପୂଜା ମଣ୍ଡପରେ ବିଜେ କରିଛନ୍ତି। ରଙ୍ଗିନ ଲାଇଟ୍ ସଜ୍ଜିତ ତୋରଣ ସାଙ୍ଗକୁ ଆକର୍ଷଣୀୟ ମଣ୍ଡପ ସାଜସଜ୍ଜା ଆଖି ଝଲସାଇ ଦେଉଛି। ପୌରାଞ୍ଚଳର ବଇଚବଣିଆ ଛକ, ରାଧାକୃଷ୍ଣ ପରିବା ପାଲି ଓ ମଠ ପଦର ସାହିରେ ଗଜଲକ୍ଷ୍ମୀଙ୍କ ପୂଜାଉତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ପୂଜା ମଣ୍ଡପ ଗୁଡ଼ିକରେ ପୂଜା ପାଉଥିବା ଗଜଲକ୍ଷ୍ମୀଙ୍କ ପୂଜାଉତ୍ସବ ଦର୍ଶନ ସକାଶେ ସନ୍ଧ୍ୟାରେ ଆଳତି ଦେଖିବା ପାଇଁ ମହିଳା ଓ ପୁରୁଷ ଭକ୍ତମାନଙ୍କ ଜନ ସମାଗମ ଦେଖିବାକୁ ମିଳିଛି ।

## କାର୍ତ୍ତିକ ମାସ ଆରମ୍ଭ: ଶୈବପୀଠ ଉତ୍ସବମୁଖର



**ହିଞ୍ଜିଳିକାଟୁ,୭।୧୦ (ସଂଚାର ବ୍ୟୁରୋ):** ମଙ୍ଗଳବାରଠାରୁ ଧାର୍ମିକ କାର୍ତ୍ତିକ ମାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ବଜାର ସ୍ଥିତ ଚନ୍ଦ୍ରକଲ୍ଲେଶ୍ୱର, ହିଞ୍ଜିଳିର ସ୍ୱପ୍ନେଶ୍ୱର, ନୂଆଗଡ ସ୍ଥିତ ବାଲୁଙ୍କେଶ୍ୱର, ଅଙ୍କୋରଡାର କପିଳେଶ୍ୱର, ବଇଚବଣିଆସ୍ଥିତ ପାବନଶ୍ରୀକ୍ଷେତ୍ର ପରିସରରେ ପୂଜିତ କାଶୀବିଶ୍ୱନାଥ ସମେତ ଆଖପାଖ ଗ୍ରାମର ବିଭିନ୍ନ ଶୈବପୀଠ ଗୁଡିକରେ ଦିନତମାମ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ହବିଷ୍ୟାଳୀ ଓ ଶିବଭକ୍ତ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା।

## ମଧୁବନ ତାରିଣୀ ମାର୍କେଟରେ ଲକ୍ଷ୍ମୀ ପୂଜା



**ପାରାଦୀପ,୭।୧୦ (ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପ ତାରିଣୀ ମାର୍କେଟରେ ଲକ୍ଷ୍ମୀ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହେଉଛି। ବଜାର କମିଟି ଆନୁକୂଲ୍ୟରେ ଏହି ପୂଜା ଅନୁଷ୍ଠିତ ହେଉଥିବାବେଳେ ଏହା ପାଞ୍ଚଦିନ ଧରି ଚାଲିବ। ୧୯୯୦ ମସିହା ଠାରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୩୫ ବର୍ଷରେ ପଦାର୍ପଣ କରିଛି। ପ୍ରତିଦିନ ସନ୍ଧ୍ୟାରେ ନାମିଦାମୀ କଳାକାର ଶ୍ରୀଚରଣ ମହାନ୍ତି ଓ ତାଙ୍କ ଗ୍ରୁପ ମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
# ରୋଗଠୁ ବଳିଯାଉଛି ଧାଡ଼ି ଯନ୍ତ୍ରଣା

- ରୋଗ ଦେଖାଇବାକୁ ଓଲିଏ ଅପେକ୍ଷା
- ଅନେକ ନିରାଶରେ ଫେରୁଛନ୍ତି
- ବିଶେଷଜ୍ଞ ଡାକ୍ତର ପଦବୀ ଖାଲି




**କାକଟପୁର/ଅସ୍ତରଙ୍ଗ,୭।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ କୌଣସି ବିଶେଷଜ୍ଞ ଡକ୍ଟର ନାହାନ୍ତି। ରୋଗୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ରୋଗ ଠାରୁ ବଳିଯାଉଛି ଧାଡିରେ ଠିଆ ହେବା ଯନ୍ତ୍ରଣା। ଡାକ୍ତରଙ୍କୁ ସାକ୍ଷାତ କରିବାକୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଠିଆ ହେବାକୁ ପଡୁଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତ ପାଖାପାଖି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି। ଅନ୍ୟପଟେ ରତନପୁର ଓ ଖଣ୍ଡାସାହିରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ମଧ ରହିଛି। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ବିଶେଷଜ୍ଞ ଡକ୍ଟର ନଥିବା ବେଳେ କେବଳ ଏମବିବିଏସ ଡକ୍ଟର ରୋଗୀ ଚିକିତ୍ସା କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସକାଳ ୮ଟାରୁ ବର୍ହି ବିଭାଗ ଖୋଲୁଥିବା ବେଳେ କେବଳ ଜଣେ ଡକ୍ଟର ହିଁ ରୋଗୀ ଚିକିତ୍ସା କରୁଛନ୍ତି। ସେହିପରି ଖଣ୍ଡାସାହି ଉପସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡକ୍ଟର ନଥିବାରୁ ରୋଗୀ ଚିକିତ୍ସା ପାଇବାକୁ ଅସୁବିଧା ହେଉଛି। ଯାହାଫଳରେ ରୋଗୀମାନେ ଭଗବାନଙ୍କୁ ଭରସା କରି ଗ୍ରାମାଞ୍ଚଳ ଥିବା କ୍ୱାକ୍‌ମାନଙ୍କ ଆଶ୍ରୟ ନେଉଛନ୍ତି।

## ଚାନ୍ଦବାଲି ବଣିକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ

**ଭଦ୍ରକ,୭।୧୦ (ସଂଚାର ବ୍ୟୁରୋ):** ଜିଲାର ଚାନ୍ଦବାଲି ବଣିକ ସଂଘ ପକ୍ଷରୁ ମା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଚାନ୍ଦବାଲି ମଧୁବାବୁ ଛକ ନିକଟରେ ବଣିକ ସଂଘ ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ବିରାଟ ମୂର୍ତ୍ତି ସହ ସୁନ୍ଦର ତୋରଣ ହୋଇଛି। ଏହି ପୂଜାବିଧି ତା ୦୬ ତାରିଖ ସୋମବାର ଠାରୁ ୧୦ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ପାଳିତ ହେବ ବୋଲି ସଂଘର ସଭାପତି ଗୋପିରାମ ଅଗ୍ରୱାଲ ଓ ସମ୍ପାଦକ ସୁଶାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏଠାରେ ପ୍ରତି ଦିନ ପ୍ରସାଦ ସେବନ ସହ ହୋମଯଜ୍ଞ ଚାଲୁରହିଛି ଏବଂ ସାଂସ୍କୃତିକ କାର୍ଯ୍ୟ ମଧ୍ୟ ଆୟୋଜନ ହେବ। ଚାନ୍ଦବାଲି ମାର୍କେଟରେ ମା'ଙ୍କର ଏକ ମାତ୍ର ମେଢ଼ ହେଉଥିବାରୁ ବହୁ ଶ୍ରଦ୍ଧାଳୁ ସମାଗମ ହେଉଥିବାର ଦେଖିବାକୁ ମିଳୁଛି। ଏଥିରେ କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରୁଛନ୍ତି।

## ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ହେଲମେଟ ଉପହାର



**ବାଲିଅନ୍ତା,୭।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପଞ୍ଚାୟତରୋଡ଼ ଛକ ନିକଟରେ ଆଜି ଜିଓ ପକ୍ଷରୁ ପ୍ରଥମ କରି ଏକ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ ହୋଇଯାଇଛି। ପେଟ୍ରୋଲ ପମ୍ପ ସତ୍ତ୍ୱାଧିକାରୀ ସଞ୍ଜୟ ମହାନ୍ତିଙ୍କ ବାପା ପ୍ରହ୍ଲାଦ ମହାନ୍ତି ଓ ମାଆ ସୁଧାଂଶୁବାଳା ମହାନ୍ତି ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧରେ ସମାଜସେବୀ ସୁବ୍ରତ ମହାନ୍ତି, ଚକ୍ରଧର ନାୟକ ଓ ଅଜୟ କୁମାର ସାହୁଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସ୍କୁଟିରେ ୩୫୦ ଟଙ୍କାରେ ପେଟ୍ରୋଲ ପକାଉଥିବା ଗ୍ରାହକ ଏବଂ ବାଇକରେ ୭୦୦ ଟଙ୍କାରେ ପେଟ୍ରୋଲ ପକାଉଥିବା ପ୍ରତି ଗ୍ରାହକମାନଙ୍କୁ ଗୋଟିଏ ଲେଖାଏଁ ହେଲମେଟ, ମିଠା ପୁଡ଼ିଆ, ଚାବି ରିଙ୍ଗ ଉପହାର ଦିଆଯାଇଥିଲା। ସେହିପରି କାର ପିଛା ପଲିସ ଲିକ୍ୟୁଇଡ଼ ଏବଂ ୱାସ କପଡ଼ା ସହିତ ମିଠାପୁଡ଼ିଆ ଓ ଚାବି ରିଙ୍ଗ ଗିଫ୍ଟ ଦିଆଯାଇଥିଲା। ଏନେଇ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କର ସନ୍ଧ୍ୟା ପର୍ଯ୍ୟନ୍ତ ନାହିଁ ନଥିବା ଭିଡ଼ ଜମିଥିଲା।

## ୩ ଗଞ୍ଜେଇ ବ୍ୟବସାୟୀ ଗିରଫ, ବିପୁଳ ପରିମାଣର ଗଞ୍ଜେଇ ଓ ସିଗାରେଟ ଜବତ

**ଝାରସୁଗୁଡ଼ା,୭।୧୦ (ସଂଚାର ବ୍ୟୁରୋ):** ଅପରେଶନ 'ନେତ୍ର' ଅଭିଯାନରେ ଝାରସୁଗୁଡ଼ା ପୁଲିସ ମଙ୍ଗଳବାର ଦିନ ୩ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ବହୁ ପରିମାଣର ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ଜବତ କରିଛି। ସହର ପୁଲିସ ଥାନାର ସବ୍-ଇନସ୍ପେକ୍ଟର ଦେବେନ୍ଦ୍ର କୁମାର ନାୟକ ଓ ଟିମ ଦିନ ପହରା ଦେଉଥିବା ସମୟରେ ସୂଚନା ପାଇଥିଲେ ଯେ ସରବାହଲ ଅଞ୍ଚଳର ହୋତା ଗଲି



ନିକଟରେ ଗଞ୍ଜେଇ ସିଗାରେଟ ପ୍ରସ୍ତୁତି ହେଉଛି ଓ ବଡ଼ ପରିମାଣର ଗଞ୍ଜେଇ ରଖାଯାଇଛି। ତୁରନ୍ତ ଛାପା ମାରି ପୁଲିସ ୩ଜଣଙ୍କୁ ଧରିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଶ୍ୟାମଲାଲ ଡୁମାଇ (୬୧) ହଟଲିପଡ଼ା, ମହେନ୍ଦ୍ର ରୋହିଦାସ (୩୦) ସରବାହଲ ରୋହିଦାସପଡ଼ା ଓ ପ୍ରମୋଦ ଲାଲା (୨୬) ମଙ୍ଗଳବଜାର ଟାଟାଗଲି। ପୋଲିସ ସେମାନଙ୍କଠାରୁ ୧ କିଲୋ ୪୩୪ ଗ୍ରାମ ଗଞ୍ଜେଇ, ୨୧୨ ଟି ଗଞ୍ଜେଇ ସିଗାରେଟ ଓ କିଛି ପଲିଥିନ ବ୍ୟାଗ ଜବତ କରିଛି।

ତଦନ୍ତରେ ଜଣାଯାଇଛି ଯେ, ଏହି ତିନିଜଣ ଝାରସୁଗୁଡ଼ା ସହରର ବିଭିନ୍ନ ସ୍ଥାନରେ ଦୋକାନ କରି ଗଞ୍ଜେଇ ସିଗାରେଟ ବିକ୍ରି କରୁଥିଲେ ଓ ଏହି ଅବୈଧ ବ୍ୟବସାୟ ଦ୍ୱାରା ଟଙ୍କା ଉପାର୍ଜନ କରୁଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ




**ଫୁଲବାଣୀ,୭।୧୦ (ସଂଚାର ବ୍ୟୁରୋ):** ଫୁଲବାଣୀ ସର୍କଲ ଜେଲରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଫିରିଙ୍ଗିଆ ଥାନା କେଲାପଡ଼ା ପଞ୍ଚାୟତର କମଡକାମ୍ବା ଗ୍ରାମର ଯଶୋବନ୍ତ ଅମାତ। ଗଞ୍ଜେଇ ଚାଲାଣ ମାମଲାରେ ସେ ଗିରଫ ହୋଇ ଜେଲରେ ଥିଲେ।

## ଜୀବନରେଖା ପରିଷଦ ପକ୍ଷରୁ ବାଲିଆପାଳରେ ରିଲିଫ୍ ବଣ୍ଟନ




**ବାଲେଶ୍ୱର,୭।୧୦ (ସଂଚାର ବ୍ୟୁରୋ):** ଜୀବନ ରେଖା ପରିଷଦ (ଜେଆରପି) ପକ୍ଷରୁ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ବନ୍ୟା ରିଲିଫ୍ କାର୍ଯ୍ୟ ହାତକୁ ନେଇଛି । ବନ୍ୟାରେ ପ୍ରଭାବିତ ହୋଇଥିବା ୬୫୦ ପରିବାରକୁ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ବଣ୍ଟନ ହୋଇଥିବା ରିଲିଫ ସାମଗ୍ରୀରେ ବିପର୍ଯ୍ୟୟ ରିଲିଫ୍ କିଟ୍, ସ୍ୱଚ୍ଛତା କିଟ୍, ମା' ମାନଙ୍କ ପାଇଁ କିଟ୍ ଏବଂ ଶୁଖିଲା ଖାଦ୍ୟ ଥିବା କିଟ୍ ଅନ୍ତର୍ଭୁକ୍ତ ଥିଲା, ଯାହା ସବୁଠାରୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ସୁନିଶ୍ଚିତ କରିଥିଲା। ଏହି ମାନବୀୟ ପଦକ୍ଷେପ ଆମାଜନର ଉଦାର ସମର୍ଥନରେ ସମ୍ଭବ ହୋଇପାରିଛି । ଯାହା ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକ୍ରିୟା ଏବଂ ପରିବାରଗୁଡ଼ିକୁ ସମ୍ମାନ ଏବଂ ଯତ୍ନର ସହିତ ସେମାନଙ୍କ ଜୀବନ ପୁନଃନିର୍ମାଣ କରିବାରେ ଏକ ଦୃଢ଼ ସହଭାଗୀତାକୁ ପ୍ରତିଫଳିତ କରୁଛି ବୋଲି କହିଛନ୍ତି ଜେଆରପିର ସମ୍ପାଦିକା ମଧୁସ୍ମିତା ମିଶ୍ର ।

## ଅଳଙ୍କାର ଚୋରି ମାମଲାରେ ଆଉ ୨ ଗିରଫ



**ଖୋର୍ଦ୍ଧା,୭।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଜଙ୍କିଆ-ଛାଣଗିରି ସାଇ ସୋନୁ ଅଳଙ୍କାର ଅଳଙ୍କାର ଚୋରି ମାମଲାରେ ଜଙ୍କିଆ ପୁଲିସ ଆଉ ଦୁଇ ଜଣଙ୍କୁ ଗିରଫ କରିଛି। ମୋଟ ଗିରଫ ସଂଖ୍ୟା ୮ରେ ପହଞ୍ଚିଛି। ଅଗଷ୍ଟ ୨୪ ତାରିଖରେ ହୋଇଥିବା ଡକାୟତି ଘଟଣାରେ ୮ ଜଣ ସଶସ୍ତ୍ର ବ୍ୟକ୍ତି ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ୧୨୦ ଗ୍ରାମ ସୁନା, ୯୪୬ ଗ୍ରାମ ରୁପା ଅଳଙ୍କାର, ୨.୫ ଲକ୍ଷ ଟଙ୍କା ନଗଦ, ଗୋଟିଏ ପିସ୍ତଲ ସହିତ ଚାରି ରାଉଣ୍ଡ ଗୁଳି ଏବଂ ଗୋଟିଏ କଳା ରଙ୍ଗର ବାଜାଜ ପଲସର ବାଇକ୍ ଜବତ କରାଯାଇଛି।

## ବଳରାମ ଦାସଙ୍କ ସମାଧି ପୀଠର ବିକାଶ ପାଇଁ ୨୨ କୋଟିର ପ୍ରକଳ୍ପକୁ ଅନୁମୋଦନ



**ଗୋପ,୭।୧୦ (ସଂଚାର ବ୍ୟୁରୋ):** ଗତ ୨ ତାରିଖ ପବିତ୍ର ସୁଦଶା ବ୍ରତ ଏବଂ ଦଶହରା ଅବସରରେ ପୁରୀ ଜିଲ୍ଲା ନିମାପଡ଼ା-ଗୋପ ନିର୍ବାଚନମଣ୍ଡଳୀର ଗୋପ ବ୍ଲକ ଏରବଙ୍ଗ ପଚାୟତସ୍ଥିତ ଭକ୍ତ ବଳରାମ ଦାସ ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ୨୨ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ରାଜ୍ୟ ପର୍ଯ୍ୟଟନ ବିଭାଗ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କାର୍ଯ୍ୟାଳୟ ତରଫରୁ ଏନେଇ ସୂଚନା ଦିଆଯିବା ସହ କୁହାଯାଇଛି, ଏହି ନିଷ୍ପତ୍ତି ପବିତ୍ର ସୁଦଶା ବ୍ରତ ଅବସରରେ ନିଆଯାଇଥିବାରୁ, ଏହା ପର୍ଯ୍ୟଟନ ବିଭାଗର ଓଡ଼ିଶାର ସୁଭଦ୍ରା ଭଉଣୀମାନଙ୍କ ପାଇଁ ଯଥୋଚିତ ସମ୍ମାନ ପ୍ରଦର୍ଶନର ଏକ ଅନନ୍ୟ ଉଦାହରଣ। ଲକ୍ଷ୍ମୀ ପୁରାଣର ରଚୟିତା ବଳରାମ ଦାସଙ୍କ ପୀଠ ସ୍ଥାନୀୟ ବାସିନ୍ଦାଙ୍କ ସମେତ ସମଗ୍ର ଓଡ଼ିଶାର ମା' ଓ ଭଉଣୀମାନଙ୍କ ଭାବଗତ ଭାବ ସହ ଜଡ଼ିତ ଥିବାରୁ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏହି ପୀଠର ବିକାଶ ପାଇଁ ବିଭିନ୍ନ ଫୋରମ୍‌ରେ ଏହି ପ୍ରସଙ୍ଗ ଉଠାଇ ଆସିଛନ୍ତି। ସେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଏହି ସ୍ୱପ୍ନ ବାସ୍ତବ ରୂପ ନେବା ସହ ଆଜି ପବିତ୍ର ସୁଦଶା ବ୍ରତ ଅବସରରେ ଏହି ପୀଠର ବିକାଶ ପାଇଁ ପ୍ରକଳ୍ପ ପାଇଁ ଅନୁମୋଦନ ଦିଆଯାଇଛି ।

## ବଢୁଛି ନକଲି ମଦ ବେପାର, ଯୁବପିଢ଼ି ପଥଭ୍ରଷ୍ଟ



**ଆନନ୍ଦପୁର,୭।୧୦(ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନୀ ଙ୍କ ଦାଦାଗିରି ଚରମ ସୀମାରେ। ପ୍ରିଣ୍ଟ ରେ ଥିବା ମୂଲ୍ୟ ଠୁ ଅଧିକ ଦାମ ରେ ବିକ୍ରି ହେଉଛି ବିଦେଶୀ ମଦ। ଗ୍ରାହକ ପ୍ରତିବାଦ କଲେ ନାଲି ଆଖି ଦେଖାଉଛନ୍ତି ମଦ ଦୋକାନୀ। ରାଜପଥ ରୁ ପାଞ୍ଚ ଶହ ମିଟର ଦୂରରେ ବିଦେଶୀ ମଦ ଦୋକାନ ରହିବା ବଦଳି ରହିଛି ୫୦ ମିଟର ଦୂରରେ। ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ଚାଖଣା ସାଙ୍ଗ କୁ ଖୁଲମ୍ ଖୁଲା ଚାଲିଛି ମଦ୍ୟପ ଙ୍କ ଭିଡ଼। ଉପଖଣ୍ଡର ବିଦେଶୀ ମଦ ଦୋକାନ ମାନଙ୍କରେ ନକଲି ମଦ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡ ରେ ଥିବା ମଦ ଦୋକାନ ର ନକଲି ମଦ ପାଇଁ ଏବେ ଆନନ୍ଦପୁର ଯୁବ ସମାଜ ପଥଭ୍ରଷ୍ଟ ହୋଇଛନ୍ତି। ତେବେ ଜଣେ ଗ୍ରାହକ ଦୋକାନରେ ପହଞ୍ଚି ମଦ କିଣିଲା ବେଳେ ଉଚା ଦର ପାଇଁ ଯଦି ମଦ ଦୋକାନୀ କୁ ପଚରା ଯାଏ ଦୋକାନୀ ସିଧା ସଳଖ ବତେଇ ଦଉଛି ନେଲେ ନିଅ ନନେଲେ ନାହିଁ ଏବଂ ଭାଷା ଅଭାସା କହିବାକୁ ମଧ୍ୟ ଦୋକାନୀ ପଛ ଘୁଂଚା ଦେଉନାହିଁ। ସରକାର ଙ୍କ ନିୟମ ଅନୁଯାୟୀ ରାଜପଥ ରାସ୍ତାରୁ ପାଞ୍ଚ ଶହ ମିଟର ଦୂରରେ ମଦ ଦୋକାନ ରହିବା କଥା ହେଲେ ପରିତାପର ବିଷୟ ଉପଖଣ୍ଡର ସମସ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଗୁଡ଼ିକ ମାତ୍ର ପଚାଶ ମିଟର ଦୂରରେ ରହିଛି। ତେବେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଲେଖା ହୋଇଥିବା ବେଳେ ପ୍ରତ୍ୟୋକ ମଦ ଦୋକାନ ସାମ୍ନାରେ ବେଆଇନ୍ ଭାବରେ ଚାଖଣା ଦୋକାନ ଥିବାରୁ ମଦ୍ୟପ ମାନଙ୍କ ଭିଡ଼ ଦେଖିବାକୁ ମିଳୁଛି।

## ବିପୁଳ ପରିମାଣର କଫ ସିରପ ଜବତ, ୨ ଗିରଫ



**ଖୋର୍ଦ୍ଧା,୭।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ସଦର ଥାନା ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ପଣ୍ଡିତ ଢାବା ନିକଟରୁ ଖୋର୍ଦ୍ଧା ଅବକାରୀ ବିଭାଗ ଏବଂ ସଦର ଥାନା ପକ୍ଷରୁ ମିଳିତ ଭାବରେ ଚଢ଼ାଉ କରାଯାଇ ବିପୁଳ ପରିମାଣର କୋଡିନ୍ ଫସଫେଟ୍ ମିଶ୍ରିତ କଫ୍ ସିରପ୍ ଜବତ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଦୁଇ ଜଣଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ବରୁଣେଇସାହିର ବିଶ୍ୱରଞ୍ଜନ ଖୁଣ୍ଟିଆ ଏବଂ ଖୋର୍ଦ୍ଧା ସଦର ସଦର ଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମର ଦେବରଞ୍ଜନ ଦାଶ। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନେ ବେଆଇନ ଭାବରେ କଫ ସିରପ କେଉଁଠାରୁ କିଣୁଥିଲେ ଏବଂ କାହାକୁ ବିକ୍ରି କରୁଥିଲେ ସେସମ୍ପର୍କରେ ଅଧିକ ତଦନ୍ତ ଚାଲିଥିବା ନେଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧମ ପ୍ରତିନିଧି ମାନଙ୍କୁ ସୁଚନା ଦେଉଛନ୍ତି ।

## ଆଡ଼ିଆରେ ମା' ଜାଗୁଳାଇ ଗଜଲକ୍ଷ୍ମୀ ପୂଜା

**ଭଦ୍ରକ, ୭।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଆଡ଼ିଆ ଠାରେ ମା' ଜାଗୁଳାଇ ଗଜଲକ୍ଷ୍ମୀ ପୂଜା ଚଳିତ ଥର ୯ ବର୍ଷରେ ପଦାର୍ପଣ କରିଛି ଓ ଏହି ପୂଜା ଏଠାରେ ୫ ଦିନ ବ୍ୟାପୀ ପାଳନ କରାଯିବ। ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସହ ପାର୍ଶ୍ୱ ଦେବାଦେବୀ ନିର୍ମାଣ କରାଯାଇଛି। ସୋମବାର ରାତ୍ରରେ ନିକଟସ୍ଥ ପୁଷ୍କରଣୀରୁ କଳସ ବଡ଼ା ଯାଇ ଜ୍ୟୋତି ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ରାଉତ, ଅନୁଭବ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଦଲ୍ଲୀପ ପାତ୍ର, କଳସ ଆଣିଥିଲେ। ପଣ୍ଡିତ ନଟବର ପଣ୍ଡା ରିତୀନୀତି ଅନୁଯାୟୀ ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ ହେବ ବୋଲି ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା ଜଣାଇଛନ୍ତି। ଏହି ପୂଜା ପାଇଁ ଆଡ଼ିଆ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗଦାଧର ବେହେରା, ଅଭିଲିପ୍ସା ନାୟକ, ଦୀପକ କୁମାର ପଣ୍ଡା, ବାପୁ ସେଠୀ, ସିପୁ ସେଠୀପ୍ରମୁଖ ବିଭିନ୍ନ ଦିବସର କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ୫ ଟ୍ରକ୍‌ରୁ ତେଲ ଚୋରି ଅଭିଯୋଗ




**କୋରେଇ, ୭।୧୦ (ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସଦଗୁରୁ ପେଟ୍ରୋଲ ପମ୍ପ ନିକଟରେ ଅଟକିଥିବା ୫ଟି ଟ୍ରକରୁ ତେଲ ଚୋରି ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଲୁହାପଥର ଲୋଡ କରି ୫ଟି ଟ୍ରକ ପେଟ୍ରୋଲ ପମ୍ପ ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଗାଡି ରଖିଥିଲେ। ମାତ୍ର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ୫ଟି ଗାଡିରୁ ତେଲ ଚୋରି କରିନେଇଛି। ପ୍ରତ୍ୟେକ ଗାଡିରୁ ୨୮୦ ଲିଟର ଲେଖାଏଁ ତେଲ ଚୋରି ହେବା ନେଇ ଅଭିଯୋଗ ହୋଇଛି। ଏନେଇ ଚାଳକ ଯାଜପୁର ସଦର ଥାନା ଅନ୍ତର୍ଗତ ରେକିବାଜାର ଅଞ୍ଚଳର ସେକ ତାଜଉଦ୍ଦିନ ଅଭିଯୋଗ କରିଛନ୍ତି। ଏକକାଳୀନ ଗୋଟିଏ ଗ୍ରାମର ୫ ଚାଳକ ଓ ୫ଟି ଗାଡିରୁ ଚୋରି ହେବା ଓ ସମ ପରିମାଣର ତେଲ ଚୋରି ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପେଟ୍ରୋଲ ପମ୍ପର ସିସିଟିଭି ଯାଞ୍ଚ କଲେ ପ୍ରକୃତ ଘଟଣାର ପର୍ଦାଫାସ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୁଲିସ ପ୍ରକୃତ ଯାଞ୍ଚ କଲେ କିଏ ଚୋରି କରିଛି ବା ଅଭିନୟ ତାହାର ପର୍ଦାଫାସ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## ଷଣ୍ଢକୁ ଧକ୍କା ଦେଲା କାର; ଜଣେ ମୃତ, ୧ ଗୁରତର



**ପାରାଦ୍ୱୀପ,୭।୧୦ (ସଂଚାର ବ୍ୟୁରୋ):** ଷଣ୍ଢକୁ ଧକ୍କା ଦେଲା କାର। ରାତି ଅଧରେ ଚାଲିଗଲା ଜୀବନ। ଏଭଳି ଘଟଣା ଗତକାଲି ବିଳମ୍ବିତ ରାତ୍ରିରେ ଘଟିଛି କଟକ ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ। ବଡ଼ମ୍ବା ନରସିଂହପୁରର ଅଜିତ କୁମାର ନାୟକ ନାମକ ବ୍ୟକ୍ତି ନିଜ ସାଥୀ ସହ ତିର୍ତୋଲ ଅଞ୍ଚଳରୁ ଫେରୁଥିବା ବେଳେ ପଙ୍କପାଳ ନିକଟରେ ଏକ ଷଣ୍ଢ ସହିତ ଧକ୍କା ହୋଇଥିଲା। ଫଳରେ କାରଟି ଭାରସ୍ୟାମ ହରାଇ ରାସ୍ତା କଡକୁ ଚାଲିଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ଅଜିତ ଓ ଷଣ୍ଢ ଦୁଇଜଣଙ୍କ ଜୀବନ ଯାଇଛି। ଅନ୍ୟଜଣେ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ନାଗପୁର ବଜାରରୁ ହଟିବ ଜବରଦଖଲ, ସୁଧୁରିବ ଟ୍ରାଫିକ ସମସ୍ୟା



ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ

**ଗୋପ,୭।୧୦ (ସଂଚାର ବ୍ୟୁରୋ):** ଉଚ୍ଛେଦ ହେବ ନାଗପୁର ବଜାର। ସରକାରୀ ଖାତାକୁ ଫେରିବ ଜବରଦଖଲ ଜମି। ରାସ୍ତା ହେବ ସମ୍ପ୍ରସାରଣ। ସୁଧୁରିବ ଟ୍ରାଫିକ ସମସ୍ୟା । ଏନେଇ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ମାପଚୁପ ଆରମ୍ଭ ହୋଇଛି।

ସୂଚନା ମୁତାବକ ନାଗପୁର ବଜାର ସମେତ ନାଗପୁର ହାଟ ହେଉଛି ପୁରୀ ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ। ସପ୍ତାହକୁ ଦୁଇ ଦିନ ଏଠାରେ ହାଟ ହେଉଥିବା ବେଳେ ଗୋପ ତଥା ତାର ଆଖପାଖ ଅଞ୍ଚଳର ଶତାଧିକ ବ୍ୟବସାୟୀମାନେ ଏଠାକୁ ବ୍ୟବସାୟ କରିବାକୁ ଆସୁଥିବା ବେଳେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଜନସମାଗମ ହୋଇଥାଏ। ଅନ୍ୟପକ୍ଷରେ ଏହି ରାସ୍ତା କଟକରୁ ସିଧାସଳଖ ପୁରୀକୁ ସଂଯୋଗ କରୁଥିବା ଗୋପ-ବାଲିଘାଇ ରାସ୍ତାରେ ଥିବା ନାଗପୁର ବଜାରରେ ଦୀର୍ଘ ବର୍ଷ ଧରି ଟ୍ରାଫିକ ସମସ୍ୟା ଦେଖାଦେଉଛି। କିଛି ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀମାନେ ଏହି ରାସ୍ତାକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଲୋକମାନେ ରାସ୍ତା ଅବରୋଧ କରି ଗାଡିମଟର ରଖୁଛନ୍ତି। ଫଳରେ ରାସ୍ତା ଜାମ୍ ହୋଇ ଘଣ୍ଟା ଘଣ୍ଟା ଧରି ଗାଡିମଟର ଅଟକି ରହୁଛି।

ଏହାକୁ ନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନ ପର୍ଯ୍ୟନ୍ତ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଗୋପ ରାଜସ୍ୱ ବିଭାଗ ପକ୍ଷରୁ ଆଜି ନାଗପୁର ବଜାର ମାପଚୁପ କରାଯାଇଛି।

## ଟ୍ରମା କେୟାର କାର୍ଯ୍ୟକ୍ଷମ ପାଇଁ ପ୍ରସ୍ତୁତି ବୈଠକ



**ଯାଜପୁର,୭।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ପାଣିକୋଇଲି ଟ୍ରମା କେୟାର ସେଣ୍ଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଆଜି ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବବର୍ତ୍ତୀ ୪ ଅକ୍ଟୋବରରେ ହୋଇଥିବା ପ୍ରଥମ ବୈଠକର ନିଷ୍ପତ୍ତି ଓ ପଦକ୍ଷେପଗୁଡିକୁ ପୁନଃସମୀକ୍ଷା କରାଗଲା। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଓ ଡିଏମଇଟି (ଓ), ଭୁବନେଶ୍ୱରଙ୍କ ପରାମର୍ଶ ଅନୁଯାୟୀ ଟ୍ରମା କେୟାର ସୁବିଧା ଶୀଘ୍ର ଚାଲୁ କରିବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉଛି।

ଏହି ବୈଠକରେ ମହାବିଦ୍ୟାଳୟ ଅଧକ୍ଷ ଓ ଡିନ ଡା. ସୀତାରାମ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଡି.ଏଚ.ଏଚ. ସୁପରିଣ୍ଟେଣ୍ଡେଣ୍ଟ ଡା. ମନୋଜ ସେନାପତି, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ କୋଠାବାଡ଼ି, ଡି.ପି.ଏମ ଓ ହସ୍ପିଟାଲ ମ୍ୟାନେଜର ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ କର କହିଥିଲେ ଯେ, ଟ୍ରମା କେୟାର ସୁବିଧା ଚାଲୁ ହେଲେ ରାସ୍ତା ଦୁର୍ଘଟଣା ଓ ଅପରିହାର୍ଯ୍ୟ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ଜନସାଧାରଣ ଶୀଘ୍ର ଚିକିତ୍ସା ସୁବିଧା ଲାଭ କରିପାରିବେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୦ ଗିରଫ

**ହିଞ୍ଜିଳିକାଟୁ,୭।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ଥାନାତୋଠା ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ନଗଦ ୧,୯୬,୭୨୦ ଟଙ୍କା ଜବତ କରିବା ସହ ୧୦ ଜୁଆଡିଙ୍କୁ ଗିରଫ କରିଛି । ଆଗକୁ ଏମିତି ଜୁଆଡ଼ି ମାନଙ୍କ ଆଡ୍ଡାସ୍ଥଳୀ ଉପରେ ଚଢ଼ାଉ ଜାରି ରହିବ ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

## ତୀର୍ଥଯାତ୍ରୀ ବସ୍ ଓଲଟି ୩୦ ଗୁରୁତର

**ସୋର,୭।୧୦(ସଂଚାର ବ୍ୟୁରୋ):** ଓଲଟିଲା ତୀର୍ଥଯାତ୍ରୀ ବସ୍। ଦୁର୍ଘଟଣାରେ ୩୦ ଯାତ୍ରୀ ଗୁରୁତର ହୋଇଛନ୍ତି। ଜଗା ଦର୍ଶନ ସାରି ଫେରୁଥିବା ବେଳେ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ୧୬ ନଂ ଜାତୀୟ ରାଜପଥ ତାରିଣୀ ଛକ ନିକଟରେ ଦୁର୍ଘଟଣା ଘଟିଛି। ସମସ୍ତ ଗୁରୁତର ଯାତ୍ରୀ ପଶ୍ଚିମବଙ୍ଗ ମେଦିନପୁରର ହୋଇଥିବା ଜଣାପଡ଼ିଛି।

ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସାରି ଏକ ବସ୍ ରେ ୬୫ଜଣ ଯାତ୍ରୀ ମେଦିନପୁରକୁ ଯାଉଥିଲେ। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ତାରିଣୀ ଛକ ନିକଟ ଡିଭାଇଡ଼ରକୁ ପିଟି ହୋଇ ଓଲଟି ପଡ଼ିଥିଲା ବସ୍। ପ୍ରାୟ ୩୦ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସିମୁଳିଆ ପୋଲିସ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ୫ ଗୁରୁତରଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁସ୍ଥ ଯାତ୍ରୀଙ୍କୁ ଅନ୍ୟ ଏକ ଗାଡିରେ ଗନ୍ତବ୍ୟ ସ୍ଥଳକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

● ଜମିବାଡି ବିବାଦରୁ ଡବଲ ମର୍ଡର

## ଭାଇ-ଭାଉଜଙ୍କୁ ନିର୍ମମ ହତ୍ୟା

**ସୁନ୍ଦରଗଡ଼,୭।୧୦(ସଂଚାର ବ୍ୟୁରୋ):** ରକ୍ତ ସମ୍ପର୍କରେ ଲାଗିଛି ଛିଟା। ଜମିବାଡ଼ି ବିବାଦରୁ ଘଟିଛି ଜଘନ୍ୟ କାଣ୍ଡ। ସୁନ୍ଦରଗଡ଼ରେ ଘଟିଛି ଦୁଇ ଦୁଇଟି ହତ୍ୟାକାଣ୍ଡ। ଜମିବାଡି ବିବାଦରୁ ବଡ଼ଭାଇ ଓ ଭାଉଜଙ୍କୁ ନିର୍ମମ ହତ୍ୟା କରାଯାଇଛି। ସାନଭାଇର ଫାର୍ସା ଚୋଟରେ ବଡ଼ଭାଇ ଓ ଭାଉଜର ମୃତ୍ୟୁ ହୋଇଛି। ବିଶ୍ରା ବ୍ଲକ ମୋନକୋ ପଞ୍ଚାୟତ ଚିରୁବେଡା ଗାଁରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଏନ.ଏମ. ମୁଣ୍ଡା ଓ ଶୋଭା ମୁଣ୍ଡା। ଦୀର୍ଘଦିନ ହେବ ଦୁଇ ଭାଇଙ୍କ ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା। ବଡ଼ଭାଇ ଓ ଭାଉଜ ଶୋଇଥିବା ବେଳେ ଆକ୍ରମଣ କରିଥିଲା ସାନଭାଇ ନାମଜଙ୍ଗ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ବ୍ୟବସାୟୀଙ୍କୁ ଗାଡି ଚଢ଼ାଇ ହତ୍ୟା ଉଦ୍ୟମ

● ଗୁରୁତର ଭାବେ ହସ୍ପିଟାଲରେ ଭର୍ତ୍ତି



**ଟିଟିଲାଗଡ଼,୭।୧୦ (ସଂଚାର ବ୍ୟୁରୋ):** ଟିଟିଲାଗଡ଼ରେ ଚାଞ୍ଚଲ୍ୟ ଖେଳିଯାଇଛି। ବ୍ୟବସାୟୀଙ୍କୁ ଗାଡି ମଡ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଟିଟିଲାଗଡ଼ ସହରରେ ଥିବା ହୋଟେଲ ସନ ଭ୍ୟୁ'ର ମାଲିକ ଶିବ ଦୟାଲ ଜୈନଙ୍କୁ ଗାଡି ମଡ଼ାଇ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଜଣକ ସ୍କୁଟିରେ ଯାଉଥିବା ସମୟରେ ବିଡିସିସି ବ୍ୟାଙ୍କ ସମ୍ମୁଖରେ ନିଛାଟିଆ ରାସ୍ତା ଦେଖି ବେଲେରୋ ମଡାଇବାକୁ ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକ ଶିବ ଦୟାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସିସିଟିଭିରେ କଏଦ ହୋଇଛି ଏହି ଲୋମହର୍ଷଣକାରୀ ଦୃଶ୍ୟ। ପୋଲିସ ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବୋଲେରୋଟି ନମ୍ବର ବିହୀନ ଥିବା ପୋଲିସ ସୂଚନା ଦେଇଛି।

## ରାଜ୍ୟରେ ଆଉ ୩ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ଆସନ୍ତା ୩ ଦିନ ରାଜ୍ୟରେ ବର୍ଷା ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବୁଧବାର ଦିନ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ସେହିଭଳି ୮, ୯ ଓ ୧୦ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ଆକଳନ କରାଯାଇଛି। ସୋମବାର ପାରାଦୀପରେ ସର୍ବାଧିକ ୭୦ମିମି ବର୍ଷା ହୋଇଛି।

### କ୍ରୁଟ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ସବୁଜ ସହରାଞ୍ଚଳ ଗତିଶୀଳତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୭।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ମୁଖ୍ୟ ସଚିବ ମନୋଜ ଆହୁଜା ଆଜି ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ) ମୁଖ୍ୟ କାର୍ଯ୍ୟାଳୟ ଏବଂ ଗାଡକଣା ଇଲେକ୍ଟ୍ରିକ୍ ବସ୍ ଡିପୋ ପରିଦର୍ଶନ କରି ଭୁବନେଶ୍ୱରରେ ଚାଲିଥିବା ସାଧାରଣ ପରିବହନ କାର୍ଯ୍ୟ ଏବଂ ବର୍ଦ୍ଧିତ ବୈଦ୍ୟୁତିକ ବସ୍ ନେଟୱାର୍କର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ, ଶ୍ରୀ ଆହୁଜା ବସ୍ କ୍ରୁ ସଦସ୍ୟ, ଗାଇଡ୍ ଏବଂ ବୈଷୟିକ କର୍ମଚାରୀଙ୍କ ସହ ଆଲୋଚନା କରି ସୁଗମ, ନିରାପଦ ଏବଂ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ସେବା ସୁନିଶ୍ଚିତ କରିବାରେ ସେମାନଙ୍କର ଅଭିଜ୍ଞତା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିଥିଲେ।



କ୍ରୁଟ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ୍ ସେଣ୍ଟରରେ, ସେ ସମୟାନୁବର୍ତ୍ତିତା, ଦକ୍ଷତା ଏବଂ ଯାତ୍ରୀ ସନ୍ତୁଷ୍ଟି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ୍, ଡାଟା ଆନାଲିଟିକ୍ସ ଏବଂ ସିଡ୍ୟୁଲ୍ ଅପ୍ଟିମାଇଜେସନ୍ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କରିଥିଲେ। କ୍ରୁଟର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରି ଶ୍ରୀ ଆହୁଜା ସାର୍ବଜନୀନ ପରିବହନ ପରିଚାଳନାରେ ଡିଜିଟାଲ୍ ପ୍ରଯୁକ୍ତିର ଅଭିନବ ବ୍ୟବହାରକୁ ପ୍ରଶଂସା କଲେ। ସେ ସେମାନଙ୍କୁ ଉଚ୍ଚ ସେବା ମାନଦଣ୍ଡ ବଜାୟ ରଖିବା ଏବଂ ସବୁଜ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ ସହରାଞ୍ଚଳ ପରିବହନକୁ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ କରିବା ପାଇଁ ବୈଦ୍ୟୁତିକ ବସ୍ ପରିଚାଳନାକୁ ବିସ୍ତାର କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ. ଥିରୁମାଲା ନାଏକ ମୁଖ୍ୟ ସଚିବଙ୍କୁ ଚାଲୁଥିବା କାର୍ଯ୍ୟ ଏବଂ ଆଗାମୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ।

## ମହୁମାଛି ଆକ୍ରମଣରେ ଜଣେ ମୃତ, ୧ ଗୁରୁତର

**କେନ୍ଦୁଝର ୭।୧୦(ସଂଚାର ବ୍ୟୁରୋ):** ମହୁମାଛି ନେଲା ଜଣଙ୍କ ଜୀବନ। ଗୋରୁ ଚରାଇବା ସମୟରେ ଆକ୍ରମଣ କରିଥିଲା ମହୁମାଛି। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍‌ର ତଳ ବୈତରଣୀ ଗାଁରେ ଗୋରୁ ଚରାଇବା ସମୟରେ ମହୁମାଛି ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିଲେ।

ଫଳରେ ଉଭୟଙ୍କୁ ଧରଣୀଧର ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ହିରୁ ସାଆନ୍ତ।

ସୂଚନାଯୋଗ୍ୟ ଯେ, ହିରୁ ପ୍ରତିଦିନ ଭଳି ଗୋରୁ ଚରାଇବା ପାଇଁ ଯାଇଥିବା ବେଳେ ହଠାତ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଘରକୁ ଫେରିବା ପରେ ପରିବାର ଲୋକ ତାଙ୍କୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ସ୍ଥିତ ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ହିରୁ ପରିବାରର ଜଣେ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କର ସ୍ତ୍ରୀ, ତିନି ଝିଅ ଓ ଜଣେ ପୁଅଙ୍କୁ ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ପୁଅ କିଛି ଆର୍ଥିକ ସହାୟତା ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଅଭିନେତ୍ରୀ



**ଭୁବନେଶ୍ୱର,୭।୧୦ (ସଂଚାର ବ୍ୟୁରୋ):** ଦୁର୍ଘଟଣାର ଶିକାର ହୋଇ ଅଳ୍ପକେ ବର୍ତ୍ତିଗଲେ ଓଡ଼ିଆ ଅଭିନେତ୍ରୀ। ରାଜଧାନୀ ଭୁବନେଶ୍ୱରରେ ଅଳ୍ପକେ ବଞ୍ଚିଗଲେ ଅଭିନେତ୍ରୀ ଲୁମରୈନା ଶତପଥୀ। ଗାଈକୁ ବଞ୍ଚେଇବାକୁ ଯାଇ ଦୁର୍ଘଟଣାର ଶିକାର ହେଲେ ଅଭିନେତ୍ରୀ। ତେବେ ଦୁର୍ଘଟଣାରେ ଅଭିନେତ୍ରୀଙ୍କ ମୁହଁରେ ଆଘାତ ଲାଗି ଖଣ୍ଡିଆ ହୋଇଯାଇଥିବା ବେଳେ ନାକରୁ ରକ୍ତ ବାହାରିଥିବା ସେ ଏକ ଭିଡିଓରେ କହିଛନ୍ତି।

ତେବେ ଗତକାଲି ଭୁବନେଶ୍ୱର ପଟିଆ ଛକରେ ଏହି ଦୁର୍ଘଟଣା ଘଟି ତାଙ୍କର କାରଟି ଭାଙ୍ଗି ଯାଇଛି। ରାସ୍ତାରେ ବୁଲା ଗାଈ ଗୋରୁ ଥିବାରୁ ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ସେ ଗାଡି ଅନ୍ୟ ଦିଗରେ ଚଲାଇ ନେବାରୁ ଦୁର୍ଘଟଣାଟି ଘଟିଛି। ତାଙ୍କ କାରଟି ଡିଭାଇଡର ଡେଇଁ ଏକ ଗଛରେ ପିଟିହେବା କାରଣରୁ ଏହି ଦୁର୍ଘଟଣା ହୋଇଛି।

ସେପଟେ ଅଭିନେତ୍ରୀ ଆହତ ହୋଇଥିବା ବେଳେ ଗାଈଗୋରୁ କିନ୍ତୁ ସୁରକ୍ଷିତ ଅଛନ୍ତି। ଦୁର୍ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଦୁର୍ଘଟଣା ପରେ ଏକ ଭିଡିଓ ଜାରି କରି ରାସ୍ତାରୁ ବୁଲା ଗାଈ ଗୋରୁଙ୍କୁ ହଟାଇ ସେମାନଙ୍କ ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି ଅଭିନେତ୍ରୀ। ପୂର୍ବରୁ ରାସ୍ତାରେ ବୁଲା ଗାଈଗୋରୁଙ୍କ ପାଇଁ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏହାକୁ ରୋକିବା ନେଇ ପ୍ରଶାସନ ପଦକ୍ଷେପ ନେଉ ନଥିବାରୁ ସେ ଏହାର ତୁରନ୍ତ ସମାଧାନ କରିବାକୁ ଅପିଲ କରିଛନ୍ତି।

### ଚଳନ୍ତା ବସ୍‌ରେ ଯୁବକର ଉନ୍ମତ୍ତକାଣ୍ଡ

## କଟୁରୀରେ ଆକ୍ରମଣ, ୮ ଯାତ୍ରୀ ଆହତ

**ସତ୍ୟବାଦୀ,୭।୧୦(ସଂଚାର ବ୍ୟୁରୋ):** ଚଳନ୍ତା ବସ୍‌ରେ ଯୁବକଙ୍କ ଉନ୍ମତକାଣ୍ଡ ଦେଖିବାକୁ ମିଳିଛି। 'ଲକ୍ଷ୍ମୀ ବସ୍'ରେ ପଶି ଯାତ୍ରୀଙ୍କୁ ହାଣିଲେ ଉନ୍ମତ ଯୁବକ। କଟୁରୀରେ ଯାତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡିଛି। ପୁରୀ ଜିଲ୍ଲା କଣାସ ବ୍ଲକ୍ କୋଟକଣା ଛକରେ ଘଟିଛି ଏଭଳି ଅଭାବନୀୟ ଘଟଣା।

ସୂଚନାଯୋଗ୍ୟ ଯେ, ହରଶପଡ଼ାରୁ ସୁକଳ ଯାଉଥିବା 'ଲକ୍ଷ୍ମୀ ବସ୍'ରେ ଚଢି ଜଣେ ଯୁବକ କିଛି ଯାତ୍ରୀଙ୍କୁ ଆକ୍ରମଣ କରିଛି। ହଠାତ୍ ବସ୍‌ରେ ପଶି ଯୁବକ ଜଣଙ୍କ କଟୁରୀ ସାହାଯ୍ୟରେ ଯୁବକ ଯାହାକୁ ପାଇଥିଲା ତାକୁ ହାଣିଥିଲା। ଯୁବକଙ୍କ ଆକ୍ରମଣରେ ବସ୍‌ରେ ଥିବା ପ୍ରାୟ ୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏ ନେଇ ଖବର ପାଇ ଘଟଣାସ୍ଥଳରେ କଣାସ ପୋଲିସ ପହଞ୍ଚି ଯୁବକଙ୍କୁ କାବୁ କରିବା ପାଇଁ ଚେଷ୍ଟା କରିଥିଲା।

ସେହି ସମୟରେ ଯୁବକ ଜଣଙ୍କ ପୋଲିସକୁ ମଧ୍ୟ ଆକ୍ରମଣ କରିଥିବା ଜଣାପଡିଛି। ଶେଷରେ ପୋଲିସ ସଂପୃକ୍ତ ଯୁବକଙ୍କୁ କାବୁ କରିଥିଲା। ଏହାସହ ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଯୁବକ ଜଣଙ୍କ କାହିଁକି ଏଭଳି କାଣ୍ଡ ଘଟାଇଲେ ତାହା ସ୍ପଷ୍ଟ ଜଣାପଡିନାହିଁ। ଯୁବକଙ୍କୁ ମଧ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଆଇଇଡି ବିସ୍ଫୋରଣରେ ହାତୀ ଗୁରୁତର

● ଗୋଡ଼ରେ ଲାଗିଛି ଗଭୀର ଆଘାତ

● ଯବାନଙ୍କୁ ଟାର୍ଗେଟ୍ କରିଥିଲେ ମାଓବାଦୀ

**ରାଉରକେଲା, ୭।୧୦(ସଂଚାର ବ୍ୟୁରୋ):** ଆଇଇଡି ବିସ୍ଫୋରଣରେ ହାତୀ ଗୁରୁତର ହୋଇଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଆଇଇଡି ବିସ୍ଫୋରଣରେ ଏକ ମାଈ ହାତୀ ଗୁରୁତର ହୋଇଛି। ତା'ର ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଛି। ହାତୀଟି ଚଲାବୁଲା କରିପାରୁନାହିଁ। ସରଣ୍ଡା ଜଙ୍ଗଲରେ ଯବାନମାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ବିଭିନ୍ନ ସ୍ଥାନରେ ଆଇଇଡି ଖଞ୍ଜିଛନ୍ତି। ଏକ ମାଈ ହାତୀ ଜଙ୍ଗଲରେ ବୁଲୁଥିବା ବେଳେ ଆଇଇଡି ଉପରେ ତା'ର ପାଦ ପଡ଼ିବାରୁ ବିସ୍ଫୋରଣ ହୋଇଥିଲା।



ଫଳରେ ହାତୀଟିର ଡାହାଣ ଗୋଡ଼ ଜଖମ ହୋଇଛି। ହାତୀଟିର ଚିକିତ୍ସା କରାଯାଉଛି। ଗତ ଜୁଲାଇ ୨ ତାରିଖରେ ସରଣ୍ଡା ତିରିଲିପୋଷି ଅଞ୍ଚଳରେ ଆଇଇଡି ବିସ୍ଫୋରଣରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଜୁଲାଇ ୮ ରେ ଦୀଘାରେ ଆଉ ଏକ ହାତୀ ଛୁଆ ଆଇଇଡି ବିସ୍ଫୋରଣରେ ଆହତ ହୋଇଥିଲା। ପରେ ତା'ର ମଧ୍ୟ ମୃତ୍ୟୁ ହୋଇଥିଲା। ଏବେ ପୁଣି ଏକ ମାଈ ହାତୀ ବିସ୍ଫୋରଣରେ ଗୁରୁତର ହୋଇଛି।

### କାଳବୈଶାଖୀ ପ୍ରଭାବ:

## ଗଛ ପଡ଼ି ଏନ୍‌ଏଚ୍ ଅବରୋଧ

**ଚମ୍ପୁଆ,୭।୧୦ (ସଂଚାର ବ୍ୟୁରୋ):** ଚମ୍ପୁଆ ସଦର ମହକୁମାରେ ଅଦିନିଆ କାଳ ବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ତିନି ଘଟିକା ସମୟରେ ହଠାତ୍ ପ୍ରବଳ ବେଗରେ ପବନ ବୋହିବା ସହ ଘଡଘଡି ମାରିବା ସହ ବର୍ଷା ହୋଇଥଲା। ପ୍ରାୟ ଚାଳିଶ ମିନିଟ ଧରି ଚମ୍ପୁଆରେ ପ୍ରବଳ ବର୍ଷା ହୋଇଥିଲା। ପାଣିପାଗ ବିଭାଗ ସୂଚନା ଅନୁସାରେ ଚାଳିଶ ମିନିଟ ମଧ୍ୟରେ ଚମ୍ପୁଆରେ ୭୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାର ପ୍ରଭାବରେ ଚମ୍ପୁଆ ବସଷ୍ଟାଣ୍ଡରୁ ନିକୋଲସନ୍ ବନବିଦ୍ୟାଳୟ ମଧ୍ୟରେ ରାଜପଥ ଉପରେ ବହୁ ବଡ଼ ବଡ଼ ଗଛ ଡ଼ାଳ ଭାଙ୍ଗିପଡ଼ିବା ସହ ବନ ବିଦ୍ୟାଳୟ ସମ୍ମୁଖରେ ଏକ ବଡ ସିତାହାର ଗଛ ଉପୁଡ଼ି ପଡ଼ିଥିଲା। ଜାତୀୟ ରାଜପଥ ଉପରେ ଗଛ ପଡ଼ିବା ଯୋଗୁଁ ରାସ୍ତା ଅବରୋଧ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ରାଜପଥ ର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା। ଖବରପାଇ ଚମ୍ପୁଆ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାକୁ ସଫା କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। କାଳ ବୈଶାଖୀ ଯୋଗୁଁ ବୁଧବାର ଚମ୍ପୁଆ ଅଞ୍ଚଳର ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡ଼ିଛି। ଏଥି ସହିତ ଚଡକ ମାରିବା ଯୋଗୁଁ ଚମ୍ପୁଆ ନିକଟବର୍ତ୍ତୀ ଝାଡଖଣ୍ଡର ଦଳପଶି ଗ୍ରାମରେ ଛେଳି ଚରାଉ ଥିବା ବେଳେ ନରୋତମ କେରାଇ ନାମକ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ଆଜି ଆଇନ୍‌ଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର,୭।୧୦(ସଂଚାର ବ୍ୟୁରୋ):** ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ରାଜ୍ୟ ବାର୍ କାଉନସିଲ୍ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଏହା ସହ ଘଟଣାର ପ୍ରତିବାଦରେ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପେନ୍ ଡାଉନ୍ ଡାକରା ଦିଆଯାଇଥିବା ବେଳେ ପୀତବାସ ପଣ୍ଡାଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ତୁରନ୍ତ ଦୋଷୀଙ୍କୁ ଗିରଫ କରି ନ୍ୟାୟିକ ତଦନ୍ତ ଦାବି କରିଛି ବାର୍ କାଉନସିଲ।



ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ କହିଛନ୍ତି, ରାଜ୍ୟ ବାର୍ କାଉନସିଲର ସର୍ବାଧିକ ଭୋଟ୍‌ରେ ନିର୍ବାଚିତ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଅଜଣା ଯୁବକ ନିଜ ଘର ସାମ୍ନାରେ ଯେଉଁଭଳି ଅମାନୁଷିକ ଭାବେ ହତ୍ୟା କଲେ ତାହାର ପ୍ରତିବାଦରେ ବୁଧବାର ରାଜ୍ୟ ବ୍ୟାପି ଆଇନଜୀବୀ ପେନ୍ ଡାଉନ୍ ଆନ୍ଦୋଳନ କରିବେ।

ସେ ଆହୁରି କହିଛନ୍ତି, ରାଜ୍ୟର ସବୁ ବାରର ଆଇନଜୀବୀମାନେ କାର୍ଯ୍ୟରୁ ନିବୃତ ରହିବା ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ରାଜ୍ୟ ବାର୍ କାଉନସିଲ ଦଳର ପ୍ରତିନିଧିଗଣ ବ୍ରହ୍ମପୁର ଗ୍ରସ୍ତ କରି ଫେରିବା ପରେ ସେ କହିଛନ୍ତି ରାଜ୍ୟ ସରକାର ତୁରନ୍ତ ଦୋଷୀକୁ ଗିରଫ କରିବ ସହିତ ୧ କୋଟି ଟଙ୍କା ପ୍ରଦାନ କରନ୍ତୁ।

## କୁମ୍ଭୀର ଆକ୍ରମଣ କରିଥିବା ମହିଳାଙ୍କ ମୃତଦେହ ମିଳିଲା

**ଧର୍ମଶାଳା,୭।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ବୋଦୁଅ ପଞ୍ଚାୟତସ୍ଥ କନ୍ତିଆ ଗ୍ରାମରେ ଜଣେ ମହିଳା ସୋମବାର ସନ୍ଧ୍ୟାରେ ଖରସ୍ରୋତା ନଦୀ କୂଳରେ ଲୁଗା ସଫା କରିବା ସମୟରେ ଏକ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ଘଟଣା ଜଣାପଡ଼ିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ହେଲେ ମହିଳାଙ୍କର କୌଣସି ସନ୍ଧାନ ପାଇ ପାରି ନଥିଲେ। ତେବେ ଆଜି ଅପରାହ୍ନରେ ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ବାଙ୍କିପାଳ ନିକଟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ମହିଳା ଜଣକ ହେଲେ କନ୍ତିଆ ଗ୍ରାମର ଶୁଦେବ ମହଲାଙ୍କ ପତ୍ନୀ ସୌଦାମିନୀ(୫୫) ବୋଲି ଜଣାପଡ଼ିଛି। ବରୀ-ରାମଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି।

## ଆଡ୍ଡାରେ ଚଢ଼ଉ, ୧୫ ଜୁଆଡ଼ି ଗିରଫ

**ଜୟପୁର, ୭।୧୦ (ସଂଚାର ବ୍ୟୁରୋ):** ଜୟପୁର ସଦର ଓ ଟାଉନଥାନା ପୁଲିସ ପକ୍ଷରୁ ଗତ ଦୁଇଦିନ ହେଲାଣି କୁମାର ପୂର୍ଣ୍ଣିମା ପାଳନ ବେଳେ ବିଭିନ୍ନ ସାହି, ଗୃହ ମାନଙ୍କରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢଉ କରିବା ସହ ଟଙ୍କା ଜବତ ସହ ଜୁଆଡି ମାନଙ୍କୁ ଗିରଫ କରୁଛନ୍ତି। ଏହିପରି ଗତକାଲି ବିଳମ୍ବିତ ରାତିରେ ଜୟପୁର ସଦରଥାନା ପୁଲିସ ଗୋଟିଏ ଏବଂ ଟାଉନ ଥାନା ପୁଲିସ ଦୁଇଟି ଜୁଆ ଆଡ୍ଡା ଉପରେ ଚଢଉ କରିବା ସହ ସମୁଦାୟ ୨୭ ହଜାର ୪୮୦ ଟଙ୍କା ଜବତ କରିବା ସହ ସମୁଦାୟ ୧୫ଜଣ ଜୁଆଡିଙ୍କୁ ଗିରଫ କରିଛନ୍ତି। ଗିରଫ ଜୁଆଡି ମାନଙ୍କୁ ନୋଟିସ କରାଯାଇ ଆଜି ଥାନାରୁ ଛଡା ଯାଇଛି।

ସଦରଥାନା ପୁଲିସ ପକ୍ଷରୁ ଫାମ୍ପୁଣି ଗ୍ରାମ ଉପରେ ଚଢଉ କରିଥିବା ବେଳେ ଗ୍ରାମର ବଡସାହି ରାସ୍ତା ଉପରେ ଜୁଆ ଚାଲିଥିବା ବେଳେ ପୁଲିସକୁ ଦେଖି ଅନ୍ୟାନ୍ୟ ଜୁଆଡ଼ି ମାନେ ଦୌଡି ଚାଲିଯାଇଥିଲେ। କିନ୍ତୁ ପୁଲିସ ୪ଜଣ ଜୁଆଡିଙ୍କୁ ଗିରଫ କରିବାବେଳେ ଅନ୍ୟ ଫେରାର ୩ଜଣଙ୍କୁ ଚିହ୍ନଟ କରିଛି ଏବଂ ସେଠାରୁ ୮୧୫୦ ଟଙ୍କା ଜବତ କରିଥିଲେ। ସେହିପରି ଟାଉନଥାନା ପୁଲିସ ପକ୍ଷରୁ ଗତକାଲି ରାତିରେ ସୌରା ସାହି ଛକ ଠାରେ ଚାଲିଥିବା ଖୁଡୁଖୁଡି ଜୁଆ ଉପରେ ଚଢଉ କରିବା ସହ ୪ଜଣ ଜୁଆଡିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୫ହଜାର ୫୦୦ ଟଙ୍କା ଜବତ କରିଛନ୍ତି।

ଏହିପରି ସ୍ଥାନୀୟ କୋଭିଡ ଚିକିତ୍ସାଳୟ ସମ୍ମୁଖରେ କମ୍ପେକ୍ସ ଠାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢଉ କରିବା ସହ ୧୩ ହଜାର ୮୦୦ ଟଙ୍କା ଜବତ କରିଥିବା ବେଳେ ୬ଜଣ ଜୁଆଡିଙ୍କୁ ଗିରଫ କରିଛନ୍ତି। ଏହିପରି ଜୁଆଡି ମାନଙ୍କ ନିକଟରୁ ଖେଳୁଥିବା ତାସ କାର୍ଡ ଏବଂ ଖୁଡୁଖୁଡିର ପୋଲିଥିନ ବ୍ୟାନାର ଏବଂ ପାଲି ଜବତ କରିଛନ୍ତି ବୋଲି ଉଭୟ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଏବଂ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

## ଲାଞ୍ଚୁଆ ସହକାରୀ ଯନ୍ତ୍ରୀ ଜେଲ ଗଲେ

**ଜୟପୁର, ୭।୧୦ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଗତକାଲି ଅପରାହ୍ନରେ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସହକାରୀ ଯନ୍ତ୍ରୀ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ସହକାରୀ ଯନ୍ତ୍ରୀ ଲମ୍ବୋଧର ନାୟକଙ୍କୁ ଗିରଫ କରାଯାଇଛି। ଗତକାଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଏସ.ପି କାର୍ଯ୍ୟାଳୟରେ ରଖାଯାଇ ପଚରାଉଚରା ପରେ ଆଜି ସଂଧ୍ୟାରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟର ହାଜର କରାଯାଇଥିଲା। ଏହିପରି ତାଙ୍କ ଆଇନଜୀବିଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। ଏହି ଜାମିନ ଶୁଣାଣି ଆସନ୍ତା ୧୮ ତାରିଖରେ ଧାର୍ଯ୍ୟ କରାଯାଇଛି। ଏହିପରି ଅଭିଯୁକ୍ତ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକଙ୍କୁ ବିଚାର ବିଭାଗିୟ ସ୍ଥାନୀୟ ସ୍ୱତନ୍ତ୍ର ଜେଲ ହାଜତକୁ ପଠାଯାଇଛି।

## ୧୩ରେ ଦିଲ୍ଲୀରେ ହେବ ମହାନଦୀ ପାର୍ଲାଆମେଣ୍ଟ

**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ଆସନ୍ତା ୧୩ ତାରିଖରେ ଦିଲ୍ଲୀରେ ହେବ ମହାନଦୀ ପାର୍ଲିଆମେଣ୍ଟ। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନୂଆ ଦିଲ୍ଲୀରେ ମହାନଦୀ ଜଳ ବିବାଦ ସମାଧାନ ସୂତ୍ର ନେଇ ହେବ ମାନସ ମନ୍ଥନ। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଭି ଗୋପାଳ ଗୌଡ ସଭାପତିତ୍ୱ କରିବେ। ମହାନଦୀ ପାର୍ଲିଆମେଣ୍ଟରେ ଜଳମାନବ ରାଜେନ୍ଦ୍ର ସିଂଙ୍କ ସହ ସୁପ୍ରିମ କୋର୍ଟର ବହୁ ଆଇନଜୀବୀ, ବିଜେପି, ବିଜେଡ଼ି, ବାମପନ୍ଥୀ ଏ ବହୁ ସାଂସଦଙ୍କ ସହ ଦେଶର ବିଭିନ୍ନ ନଦୀ ଜଳ ସୁରକ୍ଷା ସଂଗଠନର କର୍ମକର୍ତ୍ତା ଯୋଗ ଦେବେ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦ ନେଇ ଆପୋଷ ସମାଧାନ ପାଇଁ ପ୍ରୟାସ କରାଯାଉଛି। ସାରା ଭାରତ ରେ ନଦୀ ଜଳ ବିବାଦ ନେଇ ୯ ଟି ଟ୍ରିବୁନାଲ ହୋଇଛି। ଅକ୍ଟୋବର ୧୩ ରେ ହେବାକୁ ଯାଉଥିବା ମହାନଦୀ ପାର୍ଲିଆମେଣ୍ଟରୁ ବାହାରିବାକୁ ଯାଉଥିବା ନିଷ୍କର୍ଷ କେନ୍ଦ୍ର ଓ ରାଜ୍ୟକୁ ରିପୋର୍ଟ ଦିଆଯିବ ବୋଲି ଭୁବନେଶ୍ୱର ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ପ୍ରଦାନ କରାଯାଇଛି।

### ମହାକାର୍ତ୍ତିକ ବ୍ରତ ଆରମ୍ଭ

## ପୁରୀରେ ହବିଷ୍ୟାଳିଙ୍କ ଭିଡ଼

**ପୁରୀ,୭।୧୦(ସଂଚାର ବ୍ୟୁରୋ):** ଆଜିଠୁ ଆରମ୍ଭ ହୋଇଛି ମହାକାର୍ତ୍ତିକ ବ୍ରତ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ କାର୍ତ୍ତିକ ମାସ ହେଉଛି ପୁଣ୍ୟର ମାସ। ହଜାର ହଜାର ହବିଷ୍ୟାଳିଙ୍କ ସମାଗମରେ ପୁରୀ ସହର ଏବେ ଲୋକାରଣ୍ୟ ହୋଇପଡିଛି। ସଂକଳ୍ପ ପରେ ବାଲୁକା ପୂଜା କରି ହବିଷ୍ୟାଳି ଆରମ୍ଭ କରିଛନ୍ତି କାର୍ତ୍ତିକ ବ୍ରତ। ମଠବାଡିରୁ ଆରମ୍ଭ କରି ଶିବିର ସବୁଠି ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି ପରିବେଶ। ସକାଳୁ ସକାଳୁ ହବିଷ୍ୟାଳିମାନେ ନରେନ୍ଦ୍ର ପୁଷ୍କରିଣୀ ଆଉ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ବୃନ୍ଦାବତୀ ମୂଳରେ ପୂଜନ ସହିତ ବ୍ରତ ବାନ୍ଧିଛନ୍ତି। ସରକାରୀ ଶିବିରରେ ଅବସ୍ଥାନ କରୁଥିବା ହବିଷ୍ୟାଳି ମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରାଇବାର ବ୍ୟବସ୍ଥା କରାଯାଇଛି। ଏଥର ସରକାରଙ୍କ ପକ୍ଷରୁ ଚାରିଟି ହବିଷ୍ୟାଳି ଶିବିର ଖୋଲାଯାଇଛି। ନରେନ୍ଦ୍ରକୋଣ ବୃନ୍ଦାବତୀ ନିବାସ ସହ ରେଳ ବିଭାଗର ଟୁରିଷ୍ଟ କମ୍ପ୍ଲେକ୍ସ, ବଗଲା, ଓ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ପଞ୍ଜୀକୃତ ୨୬ଶହରୁ ଅଧିକ ହବିଷ୍ୟାଳି ରହି ବ୍ରତ ରଖିଛନ୍ତି। ଅନ୍ୟପଟେ ଅନେକ ଅଣ ପଞ୍ଜୀକୃତ ହବିଷ୍ୟାଳିଙ୍କୁ ବି ପଞ୍ଜୀକରଣ କରାଇ ବିଭିନ୍ନ ଶିବିରରେ ରଖାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଧାଦାମୋଦର



### ହରିବୋଲ ହୁଳହୁଳିରେ ପ୍ରକମ୍ପିତ ପରିବେଶ

ବେଶ ଦର୍ଶନ କରି ବ୍ରତ ପାଳନ କରୁଛନ୍ତି ହବିଷ୍ୟାଳି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ସହ କରାଯାଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଶ୍ରୀମନ୍ଦିରରେ ଦର୍ଶନ କରିବାକୁ ଗଲେ ସ୍ୱତନ୍ତ୍ର ଧାଡି ରେ ଯିବା ସହ ଶ୍ରୀ ମନ୍ଦିର ଭିତରେ ଘଣ୍ଟି ଦ୍ୱାର ପଟେ ଯାଇ ଦର୍ଶନ କରିଛନ୍ତି। ପୁରୀରେ ହବିଷ୍ୟାଳି ଶିବିରକୁ ଉଦଘାଟନ କରିଛନ୍ତି ଆଇନ ମନ୍ତ୍ରୀ। କାର୍ତ୍ତିକ ମାସ ସାରା ପୁରୀରେ ଭକ୍ତଙ୍କ ଭିଡ଼ ରହିବା। ତେଣୁ ଭିଡ଼ ନିୟନ୍ତ୍ରଣ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଶୀଘ୍ର ଆସିବ ଜଳବାୟୁ ଆଧାରିତ ବୀମା

ନୂଆଦିଲ୍ଲୀ, ୭।୧୦: ଗ୍ରୀଷ୍ମପ୍ରବାହ ଓ ବନ୍ୟା ଭଳି ଚରମ ଜଳବାୟୁ ସମ୍ପର୍କିତ ଘଟଣା ନିୟମିତ ବ୍ୟବଧାନରେ ଘଟୁଛି। ସେଭଳି ଘଟଣାରେ ପ୍ରଭାବିତ ହେଉଥିବା ଲୋକମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିବା ଉପରେ ସରକାର ବିଚାର କରୁଛନ୍ତି। ଏକ ଦେଶବ୍ୟାପୀ ଜଳବାୟୁ ଆଧାରିତ ବୀମା ଯୋଜନା ଆଣିବା ପାଇଁ କେନ୍ଦ୍ର ସରକାର ବୀମା କମ୍ପାନିଗୁଡ଼ିକ ସହ ଆଲୋଚନା କରୁଥିବା ଜଣାପଡ଼ିଛି।



## ବିଚାରବିମର୍ଶ ଚାଲିଛି

ମାନଦଣ୍ଡ ଆଧାରିତ ମଡେଲ୍ ଆଧାରରେ ଏହି ଯୋଜନା ପ୍ରସ୍ତୁତ କରାଯିବ। ଉଦାହରଣ ସ୍ୱରୂପ ବୃଷ୍ଟିପାତ, ତାପମାତ୍ରା ଏବଂ ପବନର ବେଗ ଆଦିର ଏକ ନିର୍ଦ୍ଦିଷ୍ଟ ସ୍ତରକୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବ। କୌଣସି ସ୍ଥାନରେ ଯଦି ଜଳବାୟୁ ସମ୍ପର୍କିତ ଘଟଣା ସେହି ମାନଦଣ୍ଡ ଅତିକ୍ରମ କରିବ ତେବେ ବୀମାଭୁକ୍ତ ଲୋକମାନଙ୍କୁ ବୀମା ରାଶି ମିଳିବ। ଯଦି ଏହି ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେବ ତେବେ ଏଭଳି ଯୋଜନା ଆଣିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ହେବ। ପ୍ରତିବର୍ଷ ଜଳବାୟୁ ସମ୍ପର୍କିତ ଘଟଣାରେ ବ୍ୟାପକ କ୍ଷୟକ୍ଷତି ହେଉଥିବା ବେଳେ ରାଜ୍ୟଗୁଡ଼ିକ କେନ୍ଦ୍ରଠାରୁ କ୍ଷତିପୂରଣ ଓ ସହାୟତା ଲୋଡ଼ିଥାନ୍ତି। ଜଳବାୟୁ ଆଧାରିତ ବୀମା ଯୋଜନା କାର୍ଯ୍ୟକାରୀ କରି ସେହି ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇପାରିବ। ପାରମ୍ପରିକ ଢାଞ୍ଚାରେ ପ୍ରଥମେ କ୍ଷୟକ୍ଷତି ଆକଳନ କରିବା ପରେ ବୀମା ରାଶି ଜାରି କରାଯାଏ। କିନ୍ତୁ ମାନଦଣ୍ଡ ଆଧାରିତ ମଡେଲ୍‌ରେ ତା'ଠାରୁ ଆହୁରି ଶୀଘ୍ର ବୀମା ରାଶି ଦିଆଯାଇପାରିବ। ଯେଉଁଠାରେ ପାରମ୍ପରିକ ବୀମା ପହଞ୍ଚିପାରୁନାହିଁ, ସେଠାରେ ଏହା ଠିକ୍ ଭାବେ କାମ କରିପାରିବ। ଯଦିଓ ସରକାରୀ ଅଧିକାରୀମାନେ ଏହି ଚିନ୍ତାଧାରାକୁ ପସନ୍ଦ କରିଛନ୍ତି, କିନ୍ତୁ କୌଣସି ପ୍ରତ୍ୟକ୍ଷ ପ୍ରସ୍ତାବ ଦିଆଯାଇନଥିବା ଜଣାପଡ଼ିଛି। ତେବେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ), ଅର୍ଥ ମନ୍ତ୍ରଣାଳୟ, ସରକାରୀ ରି-ଇନ୍‌ସ୍ୟୁରାନ୍ସ ସଂସ୍ଥା 'ଜିଆଇସି ଆର୍‌ଓ' ଓ କିଛି ବୀମା କମ୍ପାନିର ବରିଷ୍ଠ ଅଧିକାରୀମାନେ ମିଳିତ ଭାବେ ଏହି ଯୋଜନା କେଉଁମାନଙ୍କ ଲାଗି ପ୍ରସ୍ତୁତ କରାଯିବ ଏବଂ କିଭଳି ସେଥିପାଇଁ ପାଣ୍ଠି ବ୍ୟବସ୍ଥା କରାଯିବ, ତାହା ଉପରେ ବିଚାର କରୁଛନ୍ତି।

ଜଳବାୟୁ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଭାରତ ଷଷ୍ଠ ସ୍ଥାନରେ ରହିଛି। ୧୯୯୩ରୁ ୨୦୨୨ ମଧ୍ୟରେ ଭାରତରେ ୪୦୦ରୁ ଅଧିକ ଚରମ ଜଳବାୟୁ ଘଟଣା ଘଟିଥିବା ବେଳେ ସେଥିରେ ୮୦ ହଜାର ଲୋକ ପ୍ରାଣ ହରାଇଛନ୍ତି ଏବଂ ଦେଶକୁ ୧୮,୦୦୦ କୋଟି ଡଲାରର ଅର୍ଥନୈତିକ କ୍ଷତି ସହିବାକୁ ପଡ଼ିଛି। ଓଡ଼ିଶା ନିୟମିତ ବ୍ୟବଧାନରେ ବାତ୍ୟା ସାମ୍ନା କରୁଛି। ପଞ୍ଜାବ ଓ ଆସାମରେ ବନ୍ୟା ଯୋଗୁଁ ଫସଲ ହାନି ହେଉଛି। ଉତ୍ତରାଖଣ୍ଡ ଏବଂ ଜମ୍ମୁ ଓ କାଶ୍ମୀରରେ ଭୂସ୍ଖଳନ ପାଇଁ ଘର, ରାସ୍ତା ଓ ପୋଲ ଆଦି ଭାସିଯାଉଛି।

# ୧୦ଟି ରାଜ୍ୟରେ ୯୦% ଧନୀ

ନୂଆଦିଲ୍ଲୀ, ୭।୧୦: ହୁରୁନ ଇଣ୍ଡିଆ ଜାରି କରିଥିବା ଭାରତୀୟ ଧନୀଙ୍କ ନୂଆ ତାଲିକାରୁ ଏକ ଚକିତ କରିବା ଭଳି ଚିତ୍ର ସାମ୍ନାକୁ ଆସିଛି। ଦେଶର ୯୦ ପ୍ରତିଶତ ଧନୀ ଲୋକ ୧୦ଟି ରାଜ୍ୟରେ ରହୁଛନ୍ତି। ସେହି ରାଜ୍ୟଗୁଡ଼ିକ ହେଉଛି ମହାରାଷ୍ଟ୍ର, ଦିଲ୍ଲୀ, ତାମିଲନାଡ୍ରୁ, କର୍ଣ୍ଣାଟକ, ଗୁଜରାଟ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ହରିୟାଣା। ଅନ୍ୟ ୨୦ଟି ରାଜ୍ୟର ଅବଦାନ ନାମମାତ୍ର ରହିଛି। ଦେଶରେ ୧୬୮୭ ଜଣ ଧନୀ ବ୍ୟକ୍ତି ରହିଛନ୍ତି ଯେଉଁମାନଙ୍କ ପାଖରେ ୧୦୦୦ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ରହିଛି। ସେହିପରି ଦେଶରେ ୩୫୮ ବିଲିଓନେୟାର ରହିଛନ୍ତି। ସେମାନଙ୍କ ପାଖରେ ୮୫୦୦ କୋଟି ଟଙ୍କାରୁ ଅଧିକ ଲେଖାଏଁ ସମ୍ପତ୍ତି ରହିଛି। କେବଳ ମୁମ୍ବାଇରେ ୧୦୦୦ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଥିବା ୫୪୮ ଜଣ ଲୋକ ରହୁଛନ୍ତି। ଦିଲ୍ଲୀରେ ସେଭଳି ୨୨୩ ଜଣ ଧନୀ ଥିବା ବେଳେ ଅନ୍ୟମାନେ କର୍ଣ୍ଣାଟକ, ତାମିଲନାଡ୍ରୁ, ଗୁଜରାଟ ଓ ତେଲେଙ୍ଗାନାରେ ରହୁଛନ୍ତି। ଏହି ସବୁ ରାଜ୍ୟରେ ସହରାଞ୍ଚଳରେ ଅଧିକ ଲୋକ ବାସ କରୁଥିବା ବେଳେ ଆର୍ଥିକ ନେଟ୍‌ୱର୍କ ଏବଂ ଏକ ସଂଗଠିତ ଅର୍ଥନୈତିକ ଢାଞ୍ଚା ରହିଛି। ମୁମ୍ବାଇ କିମ୍ବା ବେଙ୍ଗାଲୁରୁରେ ବ୍ୟବସାୟ କଲେ ସହଜରେ ପୁଞ୍ଜି, ପ୍ରତିଭାବାନ କର୍ମଶରୀ ଓ ଖର୍ଚ୍ଚ କରିବାକୁ ଗ୍ରାହକ ମିଳୁଛନ୍ତି। ସେହି ସମାନ ଚିନ୍ତାଧାରା ନେଇ ପାଟନା କିମ୍ବା ଇନ୍ଦୋର ଭଳି ଛୋଟ ସହରରେ ବ୍ୟବସାୟ ଆରମ୍ଭ କଲେ ଅନେକ ଆହ୍ୱାନ ସାମ୍ନା କରିବାକୁ ପଡୁଛି।



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୨,୦୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୧,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୨,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୧,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୨,୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୧,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୨,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୨,୦୨୦ ଓ ୧, ୧୧,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୭,୦୦୦ ଟଙ୍କା ହୋଇଛି।

# 'କିସ୍‌ନା' ଖୋଲିଲା ୧୦୦ତମ ଷ୍ଟୋର୍



ମୁମ୍ବାଇ, ୭।୧୦: ହରି କ୍ରିଷ୍ଣା ଗ୍ରୁପ୍‌ର ବ୍ରାଣ୍ଡ କିସ୍‌ନା ଡାଇମଣ୍ଡ୍ ଆଣ୍ଡ୍ ଗୋଲ୍ଡ ଜୁଏଲାରି ପକ୍ଷରୁ ବାନ୍ଦ୍ରାର ଜିଓ କନ୍‌ଭେନ୍‌ସନାଲ୍ ସେଣ୍ଟର୍‌ରେ ୧୦୦ତମ ଷ୍ଟୋର୍ ଖୋଲାଯାଇଛି। ଏହି ଅବସରରେ ଡି ବିୟର୍ସ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଉପସଭାପତି ପୌଲ ରୌଲି, ଶ୍ରୀ କ୍ରିଷ୍ଣା ଏକ୍ସପୋର୍ଟସ୍‌ର ଅଧ୍ୟକ୍ଷ ଗୋବିନ୍ଦଭାଇ ଢୋଲକିଆ, ବାଲାଜୀ ୱାଫର୍ସର ସିଏମ୍‌ଡି ଚନ୍ଦୁଭାଇ ଭିରାନି, ଦୈନିକ ଭାସ୍କର ଗ୍ରୁପ୍‌ର ନିର୍ଦ୍ଦେଶକ ଶିରିଶ ଅଗ୍ରୱାଲ୍, ସୁରଟର ପୂର୍ବତନ ପୁଲିସ କମିସନର ଅଜୟ କୁମାର ତୋମର, ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସାବ୍‌ଜୀ ଢୋଲକିଆ, ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ, କିସ୍‌ନାର ସିଇଓ ପରାଗ ଶାହ ଓ ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ତୁଲସୀ ଢୋଲକିଆ ଓ ହିମତ ଢୋଲକିଆ ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପାନି ପକ୍ଷରୁ ଦୁଇ ହୀରା ଗହଣା ସମ୍ଭାର 'ହାଉସ୍ ଅଫ୍ ୯ ଇନ୍ ୯କେଟି' ଓ 'ହାଉସ୍ ଅଫ୍ ୨୪ ଇନ୍ ୨୪କେଟି' ଉନ୍ମୋଚନ କରାଯାଇଥିଲା। ଫ୍ରାଞ୍ଚାଇଜି ସହଯୋଗୀଙ୍କୁ 'ସେଞ୍ଚୁରି କ୍ଲବ୍' ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୧୦୦ତମ ଷ୍ଟୋର୍‌କୁ ସାବ୍‌ଜୀ ଢୋଲକିଆ ଏକ ଗୌରବମୟ ମାଇଲଖୁଣ୍ଟ କହିଥିଲେ। ଏହି ଷ୍ଟୋର୍ ସହିତ ଆମେ ଅଭିବୃଦ୍ଧିର ନୂଆ ଯୁଗରେ ପ୍ରବେଶ କରୁଛୁ ବୋଲି ଘନଶ୍ୟାମ ଢୋଲକିଆ କହିଥିଲେ। ଆମର ପ୍ରତିଟି ସୋ'ରୁମ୍ କାରିଗରୀର ଉତ୍ସବ ପାଳନ କରୁଛି ବୋଲି ସିଇଓ ଶ୍ରୀ ଶାହ କହିଥିଲେ।

# ୬ ମାସରେ ପେଟ୍ରୋଲ୍ ଗାଡ଼ି ଦାମ୍‌ରେ ମିଳିବ ଇଭି

ନୂଆଦିଲ୍ଲୀ, ୭।୧୦: ଆସନ୍ତା ୪-୬ ମାସ ମଧ୍ୟରେ ପେଟ୍ରୋଲ୍ ଗାଡ଼ି ଦାମ୍‌ରେ ଇଲେକ୍ଟ୍ରିକ ଯାନ (ଇଭି) ମିଳିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି। ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଡ଼କରୀ କହିଥିଲେ ଯେ ଖଣିଜ ଇନ୍ଧନ ଉପରେ ନିର୍ଭରଶୀଳତା ଦେଶକୁ ଅର୍ଥନୈତିକ ସ୍ତରରେ ଦୁର୍ବଳ କରୁଥିବା ବେଳେ ପରିବେଶଜନିତ ସମସ୍ୟା ସୃଷ୍ଟି କରୁଛି। ତେଲ କିଣାରେ ଭାରତ ବର୍ଷକୁ ୨୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଛି।



ସେ କହିଥିଲେ ଯେ ନିକଟରେ ଜିଏସ୍‌ଟିରେ ହୋଇଥିବା ସଂସ୍କାର ପ୍ରଭାବରେ ବିଭିନ୍ନ ଗାଡ଼ିର ଦାମ୍ କମିଛି। ସବୁ କମ୍ପାନି ସେମାନଙ୍କ ବିଭିନ୍ନ ମଡେଲ୍‌ର ଦାମ୍ କମ୍ କରିଛନ୍ତି। ସେ ସୂଚନା ଦେଇଥିଲେ ଯେ ପରିବହନ ମନ୍ତ୍ରୀ ଭାବେ କାମ କରିବା ଲାଗି ତାଙ୍କୁ ଯେତେବେଳେ ସୁଯୋଗ ମିଳିଥିଲା, ସେହି ସମୟରେ ଦେଶର ଅଟୋମୋବାଇଲ୍ ବଜାର ୧୪ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ତାହା ୨୨ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ଇଥାନଲ୍ ସମ୍ପର୍କରେ ଆଲୋଚନା କରି ଗଡ଼କରୀ କହିଛନ୍ତି ଯେ ମକାରୁ ଇଥାନଲ ଉତ୍ପାଦନ କରି ଚାଷୀମାନେ ଅତିରିକ୍ତ ୪୫,୦୦୦ କୋଟି ଟଙ୍କା ଆୟ କରିପାରିଛନ୍ତି। ନିକଟରେ ଇଥାନଲ୍ ମିଶା ପେଟ୍ରୋଲ ବିକ୍ରିକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ସେହି ପେଟ୍ରୋଲ ଦ୍ୱାରା ଗାଡ଼ିର ଯନ୍ତ୍ରାଂଶ ଖରାପ ହେଉଥିବା ଅଭିଯୋଗ ହୋଇଥିଲା। ସରକାର କିନ୍ତୁ ସେହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଏନେଇ କୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା ମଧ୍ୟ ଖାରଜ ହୋଇଯାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଫେରିଲା ଛୋଟ ଫ୍ଲାଟ୍ ଚାହିଦା

**୧ବିଏଚ୍‌କେ, ୨ବିଏଚ୍‌କେ ଚାହିଦାରେ ୫୪% ବୃଦ୍ଧି**

ନୂଆଦିଲ୍ଲୀ, ୭।୧୦: ଗତ କିଛି ବର୍ଷ ଧରି ବଡ଼ ଫ୍ଲାଟ୍ କିଣିବା ଲାଗି ଗ୍ରାହକମାନଙ୍କ ଭିତରେ ପ୍ରତିଯୋଗିତା ଚାଲିଥିଲା। ସେହି ଧାରା କିନ୍ତୁ ବେଶି ଦିନ ବଜାୟ ରହିପାରିଲା ନାହିଁ। ବଡ଼ ଘର ଦାମ୍ ଏତେ ଅଧିକ ହୋଇଯାଇଛି ଯେ ଗ୍ରାହକମାନେ ପୁଣିଥରେ ଛୋଟ ଘର ବା ଫ୍ଲାଟ୍ କିଣିବା ଆଡ଼କୁ ମୁହାଇଁଛନ୍ତି। ମ୍ୟାଜିକ୍‌ବ୍ରିକ୍ସର ଏକ ରିପୋର୍ଟ ଅନୁସାରେ ଚଳିତ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ୧ବିଏଚ୍‌କେ ଓ ୨ ବିଏଚ୍‌କେ ଫ୍ଲାଟ୍ ଚାହିଦାରେ ୫୪ ପ୍ରତିଶତ ବୃଦ୍ଧି ଘଟିଛି। ସମ୍ପ୍ରତି ସୁଧ ହାର ଉଚ୍ଚା ରହିଥିବାରୁ ଗ୍ରାହକମାନେ କମ୍ ଦାମ୍‌ରେ କିଭଳି ଘର ମିଳିପାରିବ ତାହା ଉପରେ ଅଧିକ ବିଚାର କରୁଛନ୍ତି। ଅଧିକାଂଶ ଗ୍ରାହକମାନଙ୍କ ଲାଗି ଚଢ଼ା ଦରରେ ବଡ଼ ଘର କିଣିବା ସମ୍ଭବ ହେଉନାହିଁ। ଏହି ତିନି ମାସରେ ଘର ଚାହିଦା ୩.୧ ପ୍ରତିଶତ ବଢ଼ିଛି। କିନ୍ତୁ ଯୋଗାଣରେ ମାତ୍ର ୧ ପ୍ରତିଶତ ବୃଦ୍ଧି ହୋଇଛି। ନୂଆ ଘର ଯୋଗାଣ ୪.୫ ପ୍ରତିଶତ ହ୍ରାସ ପାଇଛି। ଏଥିରୁ ଏହା ଜଣାପଡୁଛି ଯେ ଅନୁମୋଦନ ମିଳିବା ବିଳମ୍ବ ପାଇଁ ଘର ନିର୍ମାଣ ଖର୍ଚ୍ଚରେ ହେଉଥିବା ବୃଦ୍ଧିକୁ ନେଇ ଡେଭେଲପର୍‌ମାନେ ବେଶ୍ ସତର୍କ ହୋଇପଡ଼ିଛନ୍ତି। ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ପୁଣେ ସବୁଠୁ ଆକର୍ଷଣୀୟ ବଜାର ଭାବେ ଉଭା ହୋଇଛି। ସେଠାରେ ଆବାସିକ ପ୍ରକଳ୍ପ ମୂଲ୍ୟରେ ୪୧.୪ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ମୁମ୍ବାଇ ଓ ଗ୍ରେଟର୍ ନୋଏଡ଼ାରେ ଘର ମୂଲ୍ୟରେ ଯଥାକ୍ରମେ ୨୯.୬ ପ୍ରତିଶତ ଓ ୨୭.୩ ପ୍ରତିଶତର ବୃଦ୍ଧି ହୋଇଛି। ବେଙ୍ଗାଲୁରୁରେ ଘର ଦାମ୍ ୩.୯ ପ୍ରତିଶତ ବଢ଼ିଛି। ଚେନ୍ନାଇରେ କିନ୍ତୁ ଘର ଚାହିଦା କମିଥିବା ରିପୋର୍ଟରୁ ଜଣାପଡ଼ିଛି।



ମ୍ୟାଜିକ୍‌ବ୍ରିକ୍ସର ସିଇଓ ସୁଧୀର ପାଇ କହିଛନ୍ତି ଯେ ଗତ ଜୁଲାଇ-ସେପ୍ଟେମ୍ବରରେ ରିଅଲ ଇଷ୍ଟେଟ୍ ଶିଳ୍ପରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଗ୍ରାହକମାନେ ସୁଲଭ ବାସଗୃହ ଆଡ଼କୁ ଢଳିଛନ୍ତି। କିନ୍ତୁ ଏବେବି ଉନ୍ନତ ଭିତ୍ତିଭୂମି ଓ ଗ୍ରାହକମାନଙ୍କ ଅଭିଳାଷ ବାସଗୃହ ଚାହିଦାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଯେଉଁ ଡେଭେଲପରମାନେ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ଜୀବନଶୈଳୀକୁ ସୁହାଇବା ଭଳି ଘର ଯୋଗାଇବେ ସେମାନେ ଦୀର୍ଘକାଳୀନ ଅଭିବୃଦ୍ଧି ହାସଲ କରିପାରିବେ ବୋଲି ସେ କହିଛନ୍ତି।

# ଟାଟା ଷ୍ଟିଲ୍‌କୁ ୨୪୧୦ କୋଟିର ଡିମାଣ୍ଡ ନୋଟିସ୍




ଭୁବନେଶ୍ୱର, ୭।୧୦: ଯାଜପୁରର ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଟାଟା ଷ୍ଟିଲ୍‌କୁ ୨୪୧୦ କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ଜାରି କରାଯାଇଛି। ସୁକିନ୍ଦା କ୍ରୋମାଇଟ୍ ଖଣିରୁ କ୍ରୋମ୍ ପଥର ଡେସ୍‌ପ୍ୟାଚ୍‌ରେ ହୋଇଥିବା ହ୍ରାସ ପାଇଁ ଏହି ନୋଟିସ୍ ପଠାଯାଇଛି। ଖଣି ବିକାଶ ଓ ଉତ୍ପାଦନ ଚୁକ୍ତିନାମାର ସର୍ତ୍ତାବଳୀ ଅନୁସାରେ ପଞ୍ଚମ ବର୍ଷ ପାଇଁ ଏହି ନୋଟିସ୍ ପଠାଯାଇଥିବା ନେଇ କମ୍ପାନି ପକ୍ଷରୁ ସୂଚନା ଦିଆଯାଇଛି।

ତେବେ କମ୍ପାନିର ବିଶ୍ୱାସ ରହିଛି ଯେ ଏହି ଦାବିର ଯୁକ୍ତିଯୁକ୍ତ ଆଧାର ନାହିଁ। କମ୍ପାନି ଏହା ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଚତୁର୍ଥ ବର୍ଷ ପାଇଁ କମ୍ପାନିକୁ ୧୯୦୨ କୋଟି ଟଙ୍କାର ଏକ ଡିମାଣ୍ଡ ନୋଟିସ୍ ପଠାଯାଇଥିଲା। ତାହା ବିରୋଧରେ କମ୍ପାନି ଓଡ଼ିଶା ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲା। ଚଳିତ ବର୍ଷ ଅଗଷ୍ଟ ୧୪ରେ ହାଇକୋର୍ଟ ସେହି ଦାବି ଉପରେ ଅନ୍ତରୀଣ ରହିତାଦେଶ ଲଗାଇଥିଲେ ଏବଂ କମ୍ପାନି ବିରୋଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଠାରୁ ବିରତ ରହିବାକୁ କହିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୨ରେ ସେହି ରହିତାଦେଶ ଅବଧିକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଢ଼ାଇଥିଲେ।

### ଟ୍ରମ୍ପ ଟାରିଫ୍‌ର ଜବାବରେ ଭାରତର ଆହ୍ୱାନ

# କତାର ସହ ହେବ ଫ୍ରି ଟ୍ରେଡ୍ ଆଗ୍ରିମେଣ୍ଟ: କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ, ୭।୧୦: ଭାରତର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋଏଲ ଦୁଇଦିନିଆ ଦୋହା ଗସ୍ତରେ ଅଛନ୍ତି। ଏହି ଗସ୍ତ ସମୟରେ ସୋମବାର ପୀୟୂଷ ଗୋଏଲ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ବଢ଼ାଇବା ଯୋଜନା ଉପରେ ଚର୍ଚ୍ଚା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତ ଏବଂ କତାର ମଧ୍ୟରେ ଫ୍ରି ଟ୍ରେଡ ଆଗ୍ରିମେଣ୍ଟ (ଏଫଟିଆଇ) ଅର୍ଥାତ୍ ମୁକ୍ତ ବାଣିଜ୍ୟ ଚୁକ୍ତି ଆସନ୍ତା ବର୍ଷ ମଧ ଭାଗ କିମ୍ବା ୨୦୨୬ର ତୃତୀୟ ତ୍ରୈମାସିକରେ ନିର୍ଦ୍ଧାରିତ ହୋଇପାରେ। ଏହି ଚୁକ୍ତି ଫଳରେ ଉଭୟ ଦେଶଙ୍କୁ ବହୁତ ଲାଭ ମିଳିବ। ପୀୟୂଷ ଗୋଏଲ କହିଛନ୍ତି, ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ସକାରାତ୍ମକ ଏବଂ ରଚନାତ୍ମକ ଦିଗରେ ଆଗକୁ ବଢ଼ୁଛି। ଆମେ ଆଶା କରୁଛୁ ଆସନ୍ତା ବର୍ଷ ମଧ କିମ୍ବା ତୃତୀୟ ତ୍ରୈମାସିକ ସୁଦ୍ଧା ଭାରତ ଏବଂ କତାର ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ସହମତି ହୋଇଯିବ। ଏବେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି। ତେବେ ଟ୍ରମ୍ପ ଟାରିଫ୍‌ର ଜବାବରେ ଭାରତ ଏବେ କତାରରୁ ନିଜ ବାଣିଜ୍ୟକୁ ବଳ ଦେବାକୁ ଚାହୁଁଛି। କତାର ମଧ ଆମେରିକା ଠାରୁ ଦୂରତା ରଖି ଭାରତ ସହ ସମ୍ପର୍କ ମଜଭୁତ କରୁଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଭାରତ ପେରୁ, ଚିଲୀ ଏବଂ କିଛି ଅନ୍ୟ ଦେଶଙ୍କ ସହ ମଧ ଫ୍ରି ଟ୍ରେଡ ଆଗ୍ରିମେଣ୍ଟ ନେଇ କଥାବାର୍ତ୍ତା କରୁଛି। ଯାହାଦ୍ୱାରା ଭାରତୀୟ ବ୍ୟାପାରକୁ ବିଶ୍ୱ ସ୍ତରରେ ସ୍ତରରେ ଆହୁରି ମଜଭୁତ କରାଯାଇପାରିବ। ସେ କହିଛନ୍ତି, ଭାରତୀୟ ବାଣିଜ୍ୟକୁ ନୂଆ ଉଚ୍ଚତା ନେବାକୁ ଯୋଜନା କରାଯାଉଛି। ଏଥିପାଇଁ କତାର, ପେରୁ, ଚିଲୀ ଏବଂ କିଛି ଅନ୍ୟ ଦେଶ ସହ ଲଗାତାର ଆଲୋଚନା ଜାରି ରହିଛି। ଆଗକୁ ଏହି କଥାବାର୍ତ୍ତା ସକାରାତ୍ମକ ରୂପ ନେବ। ପୀୟୂଷ ଗୋଏଲ କହିଛନ୍ତି ଏବେ ଭାରତ ଏବଂ କତାର ମଧ୍ୟରେ ୧୪ ବିଲିୟନ ଡଲାରର ବାଣିଜ୍ୟ ହେଉଛି। ଯାହାକୁ ୨୦୩୦ ସୁଦ୍ଧା ୩୦ ବିଲିୟନ ଡଲାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏଫଟିଆଇର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି କତାର ସହ କୃଷି, ଖାଦ୍ୟ ଉତ୍ପାଦ, ଅଣ-ପାରମ୍ପରିକ ଉର୍ଜା, ନବୀକରଣ ଯୋଗ୍ୟ ଉର୍ଜା ଉତ୍ସ, ଡାଟା ସେଣ୍ଟର, ପର୍ଯ୍ୟଟନ, କସମେଟିକ୍ସ, ଫାର୍ମା ଇତ୍ୟାଦିରେ ସହଯୋଗ ବଢ଼ାଇବାର ବେଶ ସମ୍ଭାବନା ରହିଛି।

# ନିବେଶ ପାଇଁ ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି

ଭୁବନେଶ୍ୱର, ୭।୧୦: ନିବେଶକମାନେ ଏବେ ତଥ୍ୟ ଆଧାରିତ ନିଷ୍ପତ୍ତି ଓ ଏକ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ପ୍ରକ୍ରିୟାର ଏକ ମିଶ୍ରଣ ଚାହୁଁଛନ୍ତି। ସେଭଳି ନିବେଶକମାନଙ୍କ ଲାଗି ପ୍ରସ୍ତୁତ ହୋଇଛି ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି (ଏସ୍‌ଏଇ)। ଏହା ହେଉଛି ଏକ ନିବେଶ ଦୃଷ୍ଟିକୋଣ ଯାହା ତଥ୍ୟ ଆଧାରରେ ପୋର୍ଟଫୋଲିଓ ଗଠନ କରିବା ଉପରେ ଧ୍ୟାନ ଦେଉଛି। ତେଣୁ ଏହା ପାରମ୍ପରିକ ଆକ୍ଟିଭ୍ ଫଣ୍ଡ ଓ ପାସିଭ୍ ଫଣ୍ଡଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାର ସବୁଠୁ ବଡ଼ ଗୁଣ ହେଉଛି ଏହା କ୍ରେଡିଟ୍ କାର୍ଡ କାରବାର, ନିଯୁକ୍ତି ଏବଂ ଅନ୍‌ଲାଇନ୍ କାର୍ଯ୍ୟକଳାପ ଭଳି ବିକଳ୍ପ ତଥ୍ୟ ବିଚାରକୁ ନେଇଥାଏ। ଏହି ସବୁ ତଥ୍ୟରୁ ଗ୍ରାହକଙ୍କ ଆଚରଣ ବିଷୟରେ ଜଣାପଡ଼େ ବୋଲି ଜିଓବ୍ଲାକ୍‌ରକ୍‌ର ଚିଫ୍ କ୍ଲାଏଣ୍ଟ ଅଫିସର କୋମଳ ନାରଙ୍ଗ କହିଛନ୍ତି। ଏସ୍‌ଏଇରେ ପ୍ରଥମରୁ ବିପଦ ପରିଚାଳନା ଓ ଖର୍ଚ୍ଚ ସଚେତନତା ଉପରେ ଧ୍ୟାନ ଦିଆଯାଇଥାଏ। ବ୍ଲାକ୍‌ରକ୍‌ର ନିଜସ୍ୱ ଆଲାଦିନ ପ୍ଲାଟଫର୍ମକୁ ଏଥିରେ ବ୍ୟବହାର କରାଯାଉଛି ଯାହା ପୋର୍ଟଫୋଲିଓ, ବିପଦ ଓ ନିବେଶର ପରିଚାଳନାକୁ ସମନ୍ୱିତ କରିଛି। ଜିଓବ୍ଲାକ୍‌ରକ୍ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସହ 'ଏସ୍‌ଏଇ' ଆରମ୍ଭ କରାଯାଇଛି। ଏହା ଏକ ତଥ୍ୟ ଆଧାରିତ ନିବେଶ ମାଧ୍ୟମ ହୋଇଥିବାରୁ ଭାରତୀୟ ନିବେଶକମାନଙ୍କୁ ଏହା ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରୁଛି ବୋଲି ଶ୍ରୀ ନାରଙ୍ଗ କହିଛନ୍ତି।

# ଆରମ୍ଭ ହେଲା ହରଗୌରୀ ଯାତ୍ରା





**ସୁବର୍ଣ୍ଣପୁର,୭।୧୦ (ସଂଚାର ବ୍ୟୁରୋ):** ସୋନପୁର ସହରର ଢେରାପଡା ଠାରେ ତେଲୁଗୁ ଦେବାଙ୍ଗ (ଢେରା)ସଂପ୍ରଦାୟ ପକ୍ଷରୁ ପ୍ରତିବର୍ଷେ ଅନ୍ତରରେ ପାଳନ କରାଯାଉଥିବା ହରଗୌରୀ ଯାତ୍ରା ଗତକାଲି ବିଳମ୍ବିତ ରାତିରେ ଗୌରୀଙ୍କ ଆଗମନ ପରେ ଶୁଭାରମ୍ଭ ହୋଇଛି। ରାତିରେ ମା' ବୁଢ଼ିମାଁଙ୍କ ଠାରେ ପୂଜାର୍ଚ୍ଚନା ପରେ କାଠିପକା କାର୍ଯ୍ୟକ୍ରମ ସହ ସମସ୍ତ ଅଧିବାସୀ ସୁବର୍ଣ୍ଣପୁର ର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁ ଙ୍କ ମନ୍ଦିର ପାର୍ଶ୍ୱବସ୍ଥ ନିଜସ୍ୱ ଜମିରେ ଉତ୍ପନ୍ନ ଧାନଗଛ ଗୌରୀ ଙ୍କୁ ଏକ ଥାଳ ରେ ବସାଇ ପୂଜାର୍ଚ୍ଚନା କରି ଏକ ବିରାଟ ପଟୁଆର ରେ ବୁଢ଼ିମା ମନ୍ଦିର ସାମ୍ନା କୁ ଅଣାଯାଇ ସ୍ଥାପନା କରାଯାଇଥିଲା। ଗୌରୀ ଙ୍କୁ ଆଣିବାବେଳେ ଏକ ଅବିବାହିତ ଯୁବକ ମୁଣ୍ଡରେ ବୋହି ଆଣିବା ବିଧି ଥିବା ହେତୁ ଚଳିତ ବର୍ଷ ସୂରଜ ପାତ୍ର ମା' ଗୌରୀ ଙ୍କୁ ମୁଣ୍ଡରେ ବୋହି ଆଣିଥିଲେ। ରାସ୍ତାରେ ଆସିବାବେଳେ ଅନେକ ଶ୍ରଦ୍ଧାଳୁ ନିଜ ଦ୍ୱାର ସାମ୍ନାରେ ଜଳପୂର୍ଣ୍ଣ କଳସି ବସାଇ ମାଁ ଙ୍କ ପୂଜାର୍ଚ୍ଚନା କରିଥିଲେ ପରେ ଢେରାପଡାସ୍ଥିତ ପୂଜା ମଣ୍ଡପ ରେ ଗୌରୀଙ୍କୁ ସ୍ଥାପନା କରାଯାଇଥିଲା। ଆଜି ପ୍ରଥମ ଅର୍ଘ୍ୟ ସ୍ୱରୁପ ପ୍ରତିଘରୁ ଖିରୀ ଓ ପିଠା ଲାଗି କରାଯିବ। ଆସନ୍ତାକାଲି ସହରର ବିଶିଷ୍ଟ ମୂର୍ତ୍ତିକାର ✓ ଗୋଲେଖନାଥ ସାହୁଙ୍କ ବାସଭବନରୁ ଶିବଙ୍କୁ ଆବାହନ କରାଯାଇ ଗୌରୀଙ୍କ ପାର୍ଶ୍ୱରେ ସ୍ଥାପନ କରାଯାଇ ପାରଂପାରିକ ଭାବେ ପ୍ରତ୍ୟେହ ରୁଦ୍ରାଭିଷେକ, ମହାପୂଜା, ଶିବଶହସ୍ର ନାମ ସହ ବେଲ ପତ୍ର ପୂଜା କରାଯିବ। ଯାତ୍ରା ପାଇଁ ଢେରାପଡା ଚଳଚଞ୍ଚଳ ହୋଇ ଉଠିଛି। ବିଭିନ୍ନ ଗଳି ରେ ସାଜସଜ୍ଜା ସହ ଆଲୋକ ମାଳାରେ ଝଲସି ଉଠିଛି। ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ୧୧ରେ ପାଳିତ ହେବ ବୁଢ଼ାରଜାଙ୍କ ପ୍ରସିଦ୍ଧ ଦଶହରା ପର୍ବ

● ମୁତୟନ ହେବେ ୨ ପ୍ଲାଟୁନ ପୋଲିସ

**କଳାହାଣ୍ଡି, ୭।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଶେଷ ସୀମାରେ ଥିବା ଆମପାଣି ଘାଟି ଉପରେ ପୂଜା ପାଇ ଆସୁଥିବା ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶହରା ଯାତ୍ରା ୧୧ ତାରିଖ ଶନିବାର ଦିନ ମହା ଆଡମ୍ବରେ ପାଳିତ ହେବ। ଏ ନେଇ ବୁଢ଼ା ରଜା ସାଂସ୍କୃତିକ ଅନୁଷ୍ଠାନ ର ସଭାପତି କୁମୁଦ ଚନ୍ଦ୍ର ପୂଝାରୀ ଙ୍କ ସଭାପତିତ୍ୱ ରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଦୋଳାମଣୀ ଭୋଇ,ଆମପାଣି ଥାନାଅଧିକାରୀ ପ୍ରଶାନ୍ତ କୋଲାର, କୋକସରା ଥାନା ଅଧିକାରୀ ଜୟ ପ୍ରକାଶ ନାରାୟଣ ହୋତା,ଆମ ପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ସ୍ୱାସ୍ଥ୍ୟ ବିଭାଗ ରୁ କେତନ ପାତ୍ର ସମେତ ବହୁ ବିଭାଗର ଅଧିକାରୀ ଓ କର୍ମଚାରି ନିଜ ନିଜର ବକ୍ତ୍ୟବ୍ୟ ରଖିଥିଲେ। ଲକ୍ଷାଧିକ ଦେଖଣାହାରି ଭକ୍ତଙ୍କ ସମାଗମ କୁ ଦୃଷ୍ଟି ରେ ରଖି ପୂଜା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସକାଳୁ ମହାପ୍ରଭୁ ବୁଢ଼ା ରଜା ଙ୍କ ଦର୍ଶନ ସହ ଲାଠି ଯାତ୍ରା, ଲାଖବିନ୍ଧା ଓ ରାତିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଥିବାରୁ ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ବିଶେଷ ଆଲୋଚନା କରାଯାଇଛି। ଏଥିପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା ରହିଛି। ଦଶହରା ପୂଜା ପାଇଁ ଜୋରସୋର ରେ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ମଞ୍ଚ ଓ ସାଜସଜ୍ୟା ନିମନ୍ତେ ବିଭିନ୍ନ କାରିଗର ମାନେ ମନ୍ଦିର କୁ ସୌନ୍ଦର୍ଯ୍ୟ ପାଇଁ ଦିନ ରାତି ଲାଗି ପଡିଛନ୍ତି। ପ୍ରଭୁ ବୁଢ଼ା ରଜାଙ୍କ ବାର୍ଷିକ ଦଶହରା ପୂଜା ପାଳନ ଆସନ୍ତା ଶନିବାର ଦିନ ହେବାକୁ ଥିବା ବେଳେ ଗତ ୨ ତାରିଖ ଦିନ ଖଣ୍ଡା ଧୁଆ କାର୍ଯ୍ୟକ୍ରମ ସରିଥିବା ବେଳେ ଆସନ୍ତା ୯ ତାରିଖ ସନ୍ଧ୍ୟାରେ ଡ୍ୟାନ୍ସ ପ୍ରତି ଯୋଗିତା, ୧୦ ତାରିଖ ରେ ମେଲୋଡି ଡ୍ୟାନ୍ସ ପ୍ରତି ଯୋଗିତା ହେବା ନେଇ ସୂଚନା ରହିଛି। ପୂର୍ବ ବର୍ଷ ମାନଙ୍କ ରେ ଦଶହରା ଯାତ୍ରା ଦୁଇ ଦିନ ଚାଲୁଥିବା ବେଳେ ଚଳିତ ବର୍ଷ ତିନି ଦିନ ଧରି ଦଶହରା ପର୍ବ ପାଳିତ ହେବ ବୋଲି ସୂଚନା ମିଳିଛି। ଏହି ସଭାରେ ବୁଢ଼ା ରଜା ସାଂସ୍କୃତିକ ଅନୁଷ୍ଠାନ ର ସଭାପତି ଙ୍କ ସହ ସମ୍ପାଦକ ସନ୍ତୋଷ ମାଝୀ,ଉପ ସଭାପତି ତିଲୋତ୍ତମ ନାଏକ, କୋଷାଧକ୍ଷ ଜିତେନ୍ଦ୍ର ପଣ୍ଡା,ବିଘ୍ନେଶ୍ୱର ନାଏକ, ମନୋରଞ୍ଜନ ବାଣୁଆ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ସଡକ ଲଟାରେ ପରିପୂର୍ଣ୍ଣ, ବଢୁଛି ଦୁର୍ଘଟଣା



**କଣାସ,୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମାଞ୍ଚଳର ପ୍ରଗତି ପାଇଁ ମୁଖ୍ୟତଃ ରାସ୍ତା ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ମାଧମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ରାସ୍ତା ତିଆରି ପରେ ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ରାସ୍ତା ପ୍ରତି ଧାନ ଦେଉନଥିବାରୁ କେଉଁଠି ତ ରାସ୍ତାରେ ବଡବଡ ଖମା ସୃଷ୍ଟି ହେଲାଣିତ କେଉଁଠି ରାସ୍ତା ଉପରେ ଗୁଳ୍ମଲତା ମାନ ମାଡି ଯିବାରୁ ବାରମ୍ବାର ଦୂର୍ଘଟଣା ଘଟୁଛି। କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର ଭାଟପଡ଼ା ଠାରୁ ସାହୁପଡ଼ାକୁ ସଂଯୋଜ କରୁଥିବା ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଉପରେ ଗୁଳ୍ମଲତା ମାନ ମାଡିଯାଇଥିବାରୁ ବିଶେଷ କରି ମଟରସାଇକେଲ୍ ଆରୋହିମାନେ ଦୂର୍ଘଟଣାର ଶୀକାର ହେଉଛନ୍ତି। ଲତା ଉହାଡରେ ବିଲୁଆ, କୁକୁର, ଛେଳି, ମେଣ୍ଢା, ଗାଈ ଚରୁଥିବା ବେଳେ ହଠାତ୍ ରାସ୍ତା ଉପରକୁ ଚାଲିଆସୁଥିବାରୁ ମଟର ସାଇକେଲ୍ ଆରୋହିମାନେ ଦୂର୍ଘଟଣାର ଶୀକାର ହେଉଛନ୍ତି। କଣାସ ବ୍ଲକରେ ସମସ୍ତ ପ୍ରଧାନମନ୍ତ୍ର ସଡକ ରାସ୍ତା ଗୁଳ୍ମଲତାମାନ ରାସ୍ତା ଉପରକୁ ମାଡିଯାଇଥିଲେ ମଧ ସେଥିପ୍ରତି ବିଭାଗୀୟ କତୃପକ୍ଷଙ୍କର ଦୃଷ୍ଟି ପଡୁନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ରାସ୍ତାର ଦୁଇ ପାର୍ଶ୍ୱରୁ ଗୁଳ୍ମଲତା କାଟି ପରିଷ୍କାର କରିବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି।

# ସୁନ୍ଦରଗଡ଼ରୁ ବାହାରିଲେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ



**ସୁନ୍ଦରଗଡ଼,୭।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲାରୁ ତୀର୍ଥ ଯାତ୍ରୀ ମାନେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁରରୁ ବୁଧବାର ଏକ ସ୍ୱତନ୍ତ୍ର ଟ୍ରେନ ମାଧମରେ ଅଯୋଧା ଏବଂ ବାରାଣାସୀକୁ ଯାତ୍ରା କରିବେ।

ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ପରିସରଠାରେ ବିଭିନ୍ନ ବ୍ଲକରୁ ଆସିଥିବା ତୀର୍ଥ ଯାତ୍ରୀ ମାନଙ୍କର ବସକୁ ମାନ୍ୟବର ଉପ ବାଚସ୍ପତି ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ସୁନ୍ଦରଗଡ଼ ଜିଲ୍ଲାରୁ ମୋଟ ୧୭୭ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପ୍ରକାଶ ଥାଉ କି ଏହି ତୀର୍ଥ ଯାତ୍ରାରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନର ୭ ଗୋଟି ଜିଲ୍ଲାର ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ବୁଧବାର ଯାତ୍ରା ଆରମ୍ଭ କରି ଅଯୋଧ୍ୟା ଓ ବାରାଣାସୀର ବିଭିନ୍ନ ଅଞ୍ଚଳ ଦର୍ଶନ କରି ଚଳିତ ଅକ୍ଟୋବର ୧୩ ତାରିଖ ତୀର୍ଥଯାତ୍ରୀ ମାନଙ୍କ ଫେରିବାର କାର୍ଯ୍ୟକ୍ରମ ରହିଛି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

**ଘଟଗାଁ, ୭।୧୦ (ସଂଚାର ବ୍ୟୁରୋ):** ଘଟଗାଁ ବ୍ଲକ ପଇଡାପାଟଣା ପଞ୍ଚାୟତଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର କାର୍ଯ୍ୟ ସମ୍ପୂର୍ଣ୍ଣ ସରିଯାଇଛି, ଆଉ କିଛି ଦିନପରେ ପାଠପଢ଼ା ଆରମ୍ଭ ହେବ। ତେବେ ଉକ୍ତ ବିଦ୍ୟାଳୟଟି ଖୁଣ୍ଟାପଡ଼ା ଠାରୁ ନୂଆଗାଁକୁ ସଂଯୋଗ କରୁଥିବା ରାସ୍ତା କଡରେ ଅବସ୍ଥିତ। ଖୁଣ୍ଟାପଡ଼ା ଠାରୁ ନୂଆଗାଁକୁ ଦୂରତ୍ୱ ତିନି କିଲୋମିଟର। ଆଗରୁ ଏ ରାସ୍ତା ଭଲଥିଲା। ଯେବେଠାରୁ ଏ ବିଦ୍ୟାଳୟ ତିଆରି କାର୍ଯ୍ୟ ଆରମ୍ଭହେଲା ସେହି ଦିନଠାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବଡ ବଡ ଗାଡି ଚଳପ୍ରଚଳ ଯୋଗୁଁ ରାସ୍ତା ଖାଲଢିପ ହୋଇଯାଇଛି। ରାସ୍ତା ସଙ୍କୁଚିତ ହେବା ସହିତ ପାଣି କାଦୁଅରେ ଚାଲିକି ଯିବା କଷ୍ଟକର ହୋଇଯାଇଛି। ଦୈନିକ ଦୁର୍ଘଟଣା ଘଟୁଛି। ବିଦ୍ୟାଳୟ କାମରେ ଯେତେ ସବୁ ମୋରମ୍, ମାଟିକୁ ଠିକାଦାର କଣ୍ଟ୍ରାକ୍ଟର ଓ ଇଞ୍ଜିନିୟରମାନେ ରାସ୍ତା କଡରେ ପକାଇ ରାସ୍ତାକୁ ସଂକୀର୍ଣ୍ଣ କରି ବନ୍ଦ କରିଦେଇଛନ୍ତି। ଉକ୍ତ ବିଦ୍ୟାଳୟ ଭିତରେ ଚାଲିଛି ଅନେକ ଅସାମାଜିକ କାର୍ଯ୍ୟ। ବିଦ୍ୟାଳୟର ଦେଖାଶୁଣା କରୁଥିବା ଜଣେ ବେଙ୍ଗଲୀ ଏଚ.ଏସ.ସି.ଏଲ. ର ପ୍ରୋଜେକ୍ଟ ଇଂଜିନିୟର ଯାହାର ନାମ ଆଇ.ଡି.ପ୍ରସାଦ ସେ ରାସ୍ତା ମରାମତି ହେବ ହେବ କହି ତିନିବର୍ଷ ହେଲାଣି ସ୍ଥାନୀୟ ଲୋକଙ୍କୁ ଠକି ଚାଲିଛନ୍ତି। ଆଜି ଉକ୍ତ ପଞ୍ଚାୟତର ଶହ ଶହ ଲୋକ ଆସି ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା କାମ ନକଲେ ସବୁଦିନ ପାଇଁ ବିଦ୍ୟାଳୟକୁ ତାଲା ପକାଇବାକୁ ଚେତାବନୀ ଦେଇଥିଲେ।

ଖବରପାଇ ସ୍ଥାନୀୟ ସାମ୍ବାଦିକ ଓ ଢେଙ୍କିକୋଟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସଂକ୍ରାନ୍ତରେ କାର୍ଯ୍ୟଭାର ନେଇଥିବା ତ୍ରିବେଣୀ କମ୍ପାନୀର ଏମଡିଙ୍କୁ ପଚାରିବାରୁ ସେ ସନ୍ତୋଷମୂଳକ ଉତର ଦେଇ ପାରି ନଥିଲେ। ଟେଣ୍ଡର ହୋଇଛି ଏବଂ ଆର.ଡି ବିଭାଗ କୁ ଦିଆଯାଇଛି ବୋଲି କହିଥିଲେ। ଅନ୍ୟ ଜଣେ ସାଇଟ ଇଞ୍ଜିନିଅର ପ୍ରିୟବ୍ରତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାଜ୍ୟ ସରକାର ଙ୍କୁ ଚିଠି ହୋଇଛି, ଜିଲ୍ଲାପା ଙ୍କୁ ଜଣାଯାଇଛି, ବର୍ଷା ଦିନଗଲେ କାମ ହେବ। ତେବେ ନାନା ମୁନି ନାନା ମତ ଦେଇଥିଲେ। ଯଦ୍ୱାରା ଗ୍ରାମବାସୀ ଅଧିକ ଉତ୍ୟକ୍ତ ହୋଇଥିଲେ। ତେବେ ବର୍ତ୍ତମାନ ଉକ୍ତ ରାସ୍ତା ପାଲଟି ଯାଇଛି ମରଣଯନ୍ତା। ଶେଷରେ ପୋଲିସ ସାମ୍ନାରେ ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଉକ୍ତ ବେଙ୍ଗଲୀ ଇଞ୍ଜିନିୟର। ଆସନ୍ତା ଏକ ମାସ ମଧ୍ୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରାସ୍ତାସାରା ଖାଲଖମା, ମରାମତି ଦାବି



**କନ୍ଧମାଳ,୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ସହାରାଞ୍ଚ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ରେ ଗମନାଗମନ ସୁବିଧା ପାଇଁ ବ୍ୟବସ୍ଥା କରିଛନ୍ତି କିନ୍ତୁ ଏହି ଗାଁ କୁ ଆଜି ପର୍ଯ୍ୟନ୍ତ ରାସ୍ତା ହେଇନାହି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅଞ୍ଚଳବାସୀ ଅଭିଯୋଗ ମୁତାବକ କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଗୁଞ୍ଜିବାଡି ପଞ୍ଚାୟତର ୧ ନମ୍ବର ୱାର୍ଡ଼ ମୁଣ୍ଡିକିଆ ଗାଁ ଛକ ଠାରୁ ବିଦ୍ୟାଳୟ ଯିବାକୁ ହେଲେ ଖାଲଖମା ରାସ୍ତା ଏକ ମାତ୍ର ଗାଁ ରାସ୍ତା । ବର୍ଷା ଦିନରେ ମାଟି ଧୋଇ ହୋଇ କାଦୁଅ ପଚ ପଚ ରହିଥିବାରୁ ଯିବା ଆସିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏହି ରାସ୍ତା ଦେଇ ପ୍ରତି ଦିନ ଲୋକ ଯାତାୟତ କରନ୍ତି । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ମୁଣ୍ଡିକିଆ ଛକ ଠାରୁ ବିଦ୍ୟାଳୟ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଯୋଗାଇ ଦେବା ପାଇଁ ତୁନୁରା ପ୍ରଧାନ,ଲିଟୁ ପ୍ରଧାନ, ନମିତା ପ୍ରଧାନ,ଆନନ୍ଦ ପ୍ରଧାନ ସମେତ ମୁଣ୍ଡିକିଆ ଗ୍ରାମବାସୀ ଦାବି କରିଛନ୍ତି !

# କାର୍ତ୍ତିକ ବ୍ରତ ଆରମ୍ଭ



**କଣାସ,୭।୧୦ (ସଂଚାର ବ୍ୟୁରୋ):** ବାର ମାସ ମଧରେ କାର୍ତ୍ତିକ ମାସ ଶ୍ରେଷ୍ଠ ଧର୍ମମାସ ଭାବେ ପୂରାଣରେ ବର୍ଣ୍ଣିତ ରହିଛି। ଆଜି କାର୍ତ୍ତିକ ମାସର ପ୍ରଥମ ଦିନ ହୋଇଥିବାରୁ ବୃଦ୍ଧବୃଦ୍ଧା ହବିଷିଆଳି ମାନେ ଆଜି ଠାରୁ ମାସକ ଯାକ ଠାକୁର ପୂଜାରେ ଲିପ୍ତ ରହି ଗୋଟିଏ ବକ୍ତ ହବିଷ ଅର୍ଣ୍ଣ ଗ୍ରହଣ କରିଥାନ୍ତି। ପ୍ରଭାତରୁ ସ୍ନାନ ସାରିବା ପରେ ବୃଦ୍ଧବୃଦ୍ଧାମାନେ ବ୍ରାହ୍ମଣ ମାନଙ୍କ ଦ୍ୱାରା ସଂଙ୍କଳ୍ପ କରି ଚଉରା ପୂଜାରେ ବ୍ୟସ୍ତ ରହୁଅନ୍ତି। ମେଳିକି ମେଳି ବୃଦ୍ଧବୃଦ୍ଧାମାନେ ଏକତ୍ରିତ ହୋଇ ମନ୍ଦିରମାନଙ୍କରେ ରହି ମାସକ ଯାକ ଏହି କାର୍ତ୍ତିକ ବତ୍ର ପାଳନ କରିଥାଆନ୍ତି। ସଂଧ୍ୟାରେ ଅନେକ ଗ୍ରାମରେ ଆକାଶ ଦୀପ ଚଉରା ମୁଳେ ଲାଗିଥିବାରୁ ପ୍ରଥମେ ବୃନ୍ଦାବତୀଙ୍କୁ ସଂଧ୍ୟାରେ ପୂଜା ଆର୍ଚ୍ଚନା କରିବାପରେ ଆକାଶ ଦୀପ ଜାଳି ଥାଆନ୍ତି। ଏହି ମାସଟି ହବିଷମାସ ଭାବେ ବର୍ଣ୍ଣନା କରାଯାଇଛି।

# ଶ୍ରଦ୍ଧା କ୍ଷେତ୍ର ଖାଦ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ



**ବାଲିଆପାଳ,୭।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଛକ ନିକଟରେ ଶ୍ରଦ୍ଧା କ୍ଷେତ୍ର ଖାଦ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ମା ଗଜଲକ୍ଷ୍ମୀଙ୍କ ପୂଜା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଯଥାବିଧି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଖାଦ୍ୟ ବ୍ୟବସାୟୀ ସଂଘର ସଭାପତି ହରିହର ପ୍ରଧାନଙ୍କ ନେତୃତ୍ୱରେ କମିଟିର ଉପସଭାପତି ସୁଜୟ କୁମାର ଦେ, ସମ୍ପାଦକ ବିଭୁ ରଞ୍ଜନ ରାଉତ, ସହ ସମ୍ପାଦକ ହରିବନ୍ଧୁ ଜେନା, କୋଷାଧକ୍ଷ ନରେଶ ସାହୁ, ପୂଜା ସମ୍ପାଦକ ମହେଶ୍ୱର ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହା ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଦସ୍ୟ ତପନ, କାଳିଚରଣ, ରବିନାରାୟଣ, ମନୋରଞ୍ଜନ, ନିଳକଣ୍ଠ, ଦୀପକ ଓ ଜୟନ୍ତ ପ୍ରମୁଖ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ।

● ସାଉନ୍ତେଶ୍ୱରୀ ଦେବୀଙ୍କ ପୁସ୍ତକ ଉନ୍ମୋଚିତ

# ଦେବୀଙ୍କ କାବ୍ୟ ଲେଖିବେ ପଦ୍ମଶ୍ରୀ ହଳଧର ନାଗ



**ବଲାଙ୍ଗିର,୭।୧୦(ସଂଚାର ବ୍ୟୁରୋ):** ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ଗ୍ରାମ ରେ ମାଁ ସାଉନ୍ତେଶ୍ୱରୀ ମନ୍ଦିରରେ ସାଉନ୍ତେଶ୍ୱରୀ ଦେବୀଙ୍କ ପୀଠ ରେ ପୂଜାର୍ଚ୍ଚନା କରି ଏକ ସଭା ଆୟୋଜିତ ହୋଇଥିଲା । ସଭାକୁ ସ୍ୱାଗତ ଭାଷଣ ଦେଇଥିଲେ ଜଗବନ୍ଧୁ ପ୍ରଧାନ, ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଡା. ରୁଦ୍ର ନାରାୟଣ ପଟେଲ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ମଂଚାସୀନ ହୋଇଥିବା ବେଳେ ପରିଚାଳନା କରିଥିଲେ ପ୍ରଦୀପ କୁମାର ପ୍ରଧାନ । ଯୁଗେ ଯୁଗେ ସାଉନ୍ତେଶ୍ୱରୀ ଦେବୀ ପୁସ୍ତକ ଉନ୍ମୋଚିତ କରିଥିଲେ ପଦ୍ମଶ୍ରୀ ହଳଧର ନାଗ । ଏହି ପୁସ୍ତକରେ ଦେବୀଙ୍କ କିମ୍ବଦନ୍ତି , ଐତିହ୍ୟ ଓ ତନ୍ତ୍ରମନ୍ତ୍ର ଯନ୍ତ୍ର ଓ ଦେବୀଙ୍କ ମହିମା ପୂଜାର୍ଚ୍ଚନା ଉପରେ ଓ ୧୬ ପୂଜା ଓ ଦେବୀଙ୍କ ଅବିର୍ଭାବ ଏହି ପୁସ୍ତକରେ ସ୍ଥାନ ପାଇଛି । ପଦ୍ମଶ୍ରୀ ହଳଧର ନାଗ ଏହି ସାଉନ୍ତେଶ୍ୱରୀ ଦେବୀଙ୍କ ଉପରେ ଏକ କାବ୍ୟ ଲେଖିବେ ଏବଂ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ, ପଶ୍ଚିମ ଓଡିଶାର ବିଭିନ୍ନ ଦେବାଦେବୀ ପୀଠ ର ସୁରକ୍ଷା ପାଇଁ ପ୍ରଦାନ କରିବେ । ଏହି ପୁସ୍ତକ କୁ ଲେଖକ ଉକାଳୁ ସା, ପ୍ରକାଶକ ସୁଦର୍ଶନ ଓ ହୃଷିକେଶ ସ୍ୱାଇଁ କରିଥିବା ବେଳେ ସହଯୋଗ କରିଥିଲେ ଆବାହକ ମନୋଜ ସାହୁ, ସୁବ୍ରତ ପଧାନ, ମୁକେଶ ମାଲବ୍ୟ ସାହୁ, ଲଳିତ ଭୋଇ, ଗରିବ ସାହୁ, ରୋହିତ ପଧାନ, ଦୁର୍ଗା ଭୁଏ । ଧନ୍ୟବାଦ ଅର୍ପଣ କରିଥିଲେ ରାମ ଗୋପାଳ ଭୁଏ । ଏହି ଅବସରରେ କୁନି କୁନି ପିଲାମାନେ ଲେଡପାଲି ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ ।

# ଦୁଇ ନାଳପଡ଼ାକୁ ଯିବାକୁ ଶଙ୍ଖପୋଲ ନାହିଁ କି ରାସ୍ତା ନାହିଁ



**ତୁମୁଡ଼ିବନ୍ଧ,୭।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ମାଲିପଡ଼ାରେ ଦେଖିବାକୁ ମିଳିଚି ଦୁଇ ନାଳପଡ଼ାକୁ ରାସ୍ତା ନାହିଁ କି ନାଳରେ ଶଙ୍ଖ ମଧ ତିଆରି ହୋଇନାହିଁ। କଛି ବର୍ଷ ଆଗରୁ ଏହି ନାଳର ଶଙ୍ଖପୋଲ ତିଆରି କରାଯାଉଥିଲା କୌଣସି କାରଣରୁ ଶଙ୍ଖପୋଲ ନିର୍ମାଣ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇରହିଚି। ବର୍ଷା ଦିନରେ ମାଲିପଡ଼ା ଓ ଗୁରୁପଡ଼ା ଏହି ଦୁଇ ଗ୍ରାମବାସୀ ଚାଷ କରିବା ପାଇଁ ତିନି ହଜାର ଏକର ଜମିକୁ ହଳ ଲଙ୍ଗଳ ନେବା ଆଣିବାରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଜ୍ୱର ବେମାର ଠାରୁ ଆରମ୍ଭ କରି ଛୋଟ ଛୋଟ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ଆସିବାରେ ବର୍ଷା ଦିନରେ ନାଳ ପାଣି ଦେଖି ଭୟଭୀତ ହୁଅନ୍ତି। ତାହା ସହିତ ରାସନ କାର୍ଡ ଚାଉଳ ଆଣିଯିବା ପାଇଁ ମଧ ବର୍ଷା ପାଣି ନାଳରେ ଦେଖି ଦୁଇ ନାଳପଡ଼ାବାସୀ ଦେଖି ରାସନ ଚାଉଳ ଆଣିଯାଉ ନାହାଁନ୍ତି।

କିନ୍ତୁ ଆଜି ଦେଖିବାକୁ ମିଳିଚି ମାଲିପଡ଼ା ୧୪୨ ବୁଥ୍ ନମ୍ବର ବୁଥ୍ ର ଭାରତୀୟ ଜନତା ପାର୍ଟି ସଭାପତି ଶ୍ରୀଯୁକ୍ତ ଅକ୍ଷୟ ବଡ଼ସେଟଙ୍କ ନେତୃତ୍ୱରେ ପ୍ରକଳ୍ପ ପ୍ରଶାସନ ପିଃଡି ଶ୍ରୀଯୁକ୍ତ ଶମ୍ଭୁନାଥ ନନ୍ଦି, ଜେଃଇ ଜୁନିୟର ଇଞ୍ଜିନିଅର ଶ୍ରୀଯୁକ୍ତ ପ୍ରଣବ କୁମାର ମିଶ୍ର ଓ ଏଃଇ ଆସିଷ୍ଟାଣ୍ଟ ଇଞ୍ଜିନିଅର ଶ୍ରୀଯୁକ୍ତ କେଦାରନାଥ ଚୌଧୁରୀ ଏବଂ ଦୁଇ ଗ୍ରାମବାସୀର ମୁଖିଆ ମାନେ ଯଥାଃ- ରଞ୍ଜନ ବଡ଼ସେଟ, କାମରାଜ ପରାସେଟ, ତୁଷାର ବଡ଼ସେଟ, ଅମିତ ଲିମା, ନିରଞ୍ଜନ ବଡ଼ସେଟ, ପାର୍ଥ ପରାସେଟ ସମସ୍ତେ ମିଳିମିଶି ନାଳ ରାସ୍ତା ସହିତ ଅର୍ଦ୍ଧ ନିର୍ମାଣ ଶଙ୍ଖପୋଲ ଦେଖିବାକୁ ଯାଇଥିଲେ। ରାସ୍ତା ଓ ଅର୍ଦ୍ଧ ଶଙ୍ଖପୋଲ ଦେଖି ପ୍ରକଳ୍ପ ପ୍ରଶାସନ ପିଃଡି ଶ୍ରୀଯୁକ୍ତ ଶମ୍ଭୁନାଥ ନନ୍ଦି ଯଥା ଶୀଘ୍ର ଦୁଇ ମାସ ଭିତରେ କାମ ଆରମ୍ଭ ହେବ ବୋଲି କହିଛନ୍ତି।

# ମଙ୍ଗଳା ଓଷା ପାଇଁ ଚଳଚଞ୍ଚଳ ମଙ୍ଗଳା ପୀଠ

**ଧର୍ମଶାଳା, ୭।୧୦ (ସଂଚାର ବ୍ୟୁରୋ):** ଓଡିଆଙ୍କ ବାର ମାସରେ ତେର ପରବ। ପାର୍ବଣରେ ସବୁଠି ଉତ୍ସବ ମୁଖର। ଗାଁଠୁଁ ସହର ସବୁଠି ଚଳଚଞ୍ଚଳ। ଆଧ୍ୟାତ୍ମିକ ପରିବେଶରେ ଗାଁ ଦାଣ୍ଡ ପ୍ରକମ୍ପିତ। ଏହି ତେର ପରବ ମଧ୍ୟରୁ ମହିଳାମାନଙ୍କ ମଙ୍ଗଳା ଓଷା ନିଆରା। ମାନସିକଧାରୀ ମହିଳାମାନେ ମାସ ତମାମ ଏହି ଓଷା ପାଳନ କରିଥାନ୍ତି। ତେବେ ଆଜି ହେଉଛି ମା'ଙ୍କ ଶେଷ ଓଷା। ଏନେଇ ମଙ୍ଗଳା ମନ୍ଦିର ଚଳଚଞ୍ଚଳ ହୋଇ ଉଠିଛି। ଯାଜପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ମନ୍ଦିର ମଧ୍ୟରେ ବରୀ ନିର୍ବାଚନ ମଣ୍ଡଳୀ ଗୋଳକୁଣ୍ଡ ମା' ମଙ୍ଗଳା ମନ୍ଦିର ଅନ୍ୟତମ। ଏଠାରେ କାହିଁ କେଉଁ କାଳରୁ ମା' ପୂଜା ପାଇ ଆସୁଛନ୍ତି। ଏଠାରେ ମା' ପଶ୍ଚିମ ମୁଖୀ ଭାବେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ଗୁହାରୀ କଲେ ତୁରନ୍ତ ମନସ୍କାମନା ପୁରଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ପ୍ରବଳ ବିଶ୍ୱାସ ରହିଛି। ଆଶ୍ୱିନ ମାସରେ ମା ଗୋଳକୁଣ୍ଡ ମଙ୍ଗଳା ପୀଠ ମାସ ତମାମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଗୁଆ ଓ ନଡିଆ ବସାଇ ମାନସିକ ରଖିଥାନ୍ତି। ଆଜି ହେଉଛି ଶେଷ ମଙ୍ଗଳବାର। ଯାହାକୁ ନେଇ ପୀଠରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସାମଗମ। ଆଜି ସକାଳୁ ସକାଳୁ ମା'ଙ୍କ ପହଡ ଖୋଲିବା ପରେ ବିଭିନ୍ନ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମା' ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ ନିକଟରେ ଭୋଗ ପସରା ଧରି ପୂଜା କରି ମା'ଙ୍କୁ ଗୁହାରୀ କରିଥିଲେ। ମନ୍ଦିର ବେଢ଼ା ଧର୍ମୀୟ ପରିବେଶ। ଶ୍ରଦ୍ଧାଳୁଙ୍କ ହାତରେ ଭୋଗ ପସରା। ଦୀପ ଜାଳି ମା'ଙ୍କ ନିଜ ପରିବାର ପାଇଁ ଗୁହାରୀ କରି ଅନେକ ଆନନ୍ଦ ଲାଭ କରିଥାନ୍ତି। ଜିଲା ତଥା ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି ଏହି ପୀଠକୁ। ଭକ୍ତମାନଙ୍କ ସାମଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅଣାୟତ: ବିଜେଡି



**ଭୁବନେଶ୍ୱର, ୭।୧୦ (ସଂଚାର ବ୍ୟୁରୋ):** ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ବିଜୁ ଜନତା ଦଳ ତରଫରୁ ଅଭିଯୋଗ କରାଯାଇ ଆସୁଥିବା ବେଳେ, ଗତ ଏକ ସପ୍ତାହ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଅଣାୟତ ହୋଇ ପଡ଼ିଛି ବୋଲି ଅଭିଯୋଗ କରି ଆଜି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧ ଗୁଡ଼ିକ ଉପରେ ଅବଲୋକନ କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହୁଏ। କିନ୍ତୁ, ରାଜ୍ୟ ବିଜେପି ସରକାର ନିଦାବିଷ୍ଟ। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉ ନାହିଁ।

ଶ୍ରୀ ବକ୍ସିପାତ୍ର କହିଥିଲେ, ଗତକାଲି ସନ୍ଧ୍ୟାରେ, ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ, ବିଜେପି ଦଳର ଜଣେ ଆଗଧାଡିର ନେତା ତଥା ଜଣେ ରାଜ୍ୟ ବାର କାଉନ୍ସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣାକୁ ୨୦ ଘଣ୍ଟାରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ସୁଦ୍ଧା, ଏପର୍ଯ୍ୟନ୍ତ ଅପରାଧୀଙ୍କ କୌଣସି ଟେର ପୋଲିସ ପାଇନାହିଁ। ଗତ ୨୪ ଘଣ୍ଟାରେ, ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଗଞ୍ଜାମ ଜିଲ୍ଲାରେ, ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦି ଜିନିଷର ଚୋରି ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି ଯାହା ଯୋଗୁଁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରଯୋଜନରେ ଏହି ଲୁଟତରାଜ ଚାଲିଛି ଓ ଏଥିଯୋଗୁଁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ, ଗଞ୍ଜାମରେ ଶାନ୍ତି ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ି ଗଲାଣି।

# ଭଜନ ଆଲବମ୍ ଜୟ ତୁଳସୀ ମା' ଉନ୍ମୋଚିତ

**କେନ୍ଦ୍ରାପଡ଼ା,୭।୧୦(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିଶ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଉନବିଂଶତମ ଅନନ୍ତ ବେଶ ଅବସରରେ ଅନନ୍ତ ଓ୍ୱଲିଆ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ପୂଜ୍ୟପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ କଥାମୃତ କାର୍ଯ୍ୟକ୍ରମ ପୂର୍ବରୁ ବାରୁଅ ସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର କଳାକାରମାନେ ବିଗତ ବର୍ଷ ମାନଙ୍କ ପରି ଶ୍ରୀ ବଳଦେବଜୀଉଙ୍କ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ବାବା ବଳିଆଙ୍କ କର କମଳରେ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀ ନିବେଦିତ ଭକ୍ତି ସଙ୍ଗୀତ ଆଲବମ୍ ଜୟ ତୁଳସୀ ମା' ଉନ୍ମୋଚିତ ହୋଇଯାଇଛି। ଏକାଧାରରେ ଗାୟକ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ରଚନା ଏବଂ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଆଲ୍ବମ୍ ରେ ଆଠ ଗୀତ ରହିଛି। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା ଏବଂ ଗୀତିକାର ଅଭୟ ମହାନ୍ତିଙ୍କ ଦ୍ୱାରା ପ୍ରଯୋଜିତ ଏହି ଆଲବମ୍‌ରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ଦାଶ, ସୌରଭ ନାୟକ, ନିରୁପମା ଜେନା, ବିମଳ ପରିଡ଼ା ଏବଂ ପଦ୍ମାବତୀ ଦ୍ୱିବେଦୀ କଣ୍ଠଦାନ କରିଛନ୍ତି। ପ୍ରଥମେ ଆଲବମ୍ କଭର୍ ଶ୍ରୀ ସିଦ୍ଧ ବଳଦେବଜୀଉ ଏବଂ ମାଆ ତୁଳସୀ ଦେବୀଙ୍କୁ ସମର୍ପଣ କରାଯାଇଥିଲା। ପରେ ପରେ ନିରୁପମା ଜେନା ମା ତୁଳସୀ ଦେବୀ ଏବଂ ରସାବଳି ଉପରେ ପ୍ରସ୍ତୁତ ସ୍ୱତନ୍ତ୍ର ଭଜନ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ।



# ସକାଳ ସମୟରେ ଉଷୁମ ପାଣି, ଫଳ ଶରୀରକୁ ରଖିଥାଏ ସୁସ୍ଥ

ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ। ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ । ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ନଖାଇବା ଉଚିତ ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ। ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ।

ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ। ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ। ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ। ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ।

# କିପରି ହୋଇଥାଏ ହାର୍ଟ ଫେଲ୍ୟୁଅର୍ ?

ଦ୍ରୁତ ଗତିରେ ବଦଳୁଥିବା ଜୀବନଶୈଳୀ ଏବଂ ବର୍ଦ୍ଧିତ ଚାପ ସହିତ, ହୃଦଘାତ ଆଜି ଏକ ଗମ୍ଭୀର ସମସ୍ୟା ପାଲଟିଛି। ପୂର୍ବରୁ ଏହି ଅବସ୍ଥା କେବଳ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସୀମିତ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି। ଏହି ଅବସ୍ଥା ସେତେବେଳେ ଘଟେ ଯେତେବେଳେ ହୃତପିଣ୍ଡ ସାରା ଶରୀରରେ ରକ୍ତ ପମ୍ପ କରିବାର କ୍ଷମତା ହରାଇଦିଏ । ଯାହା ଫଳରେ ଶରୀର ପର୍ଯ୍ୟାପ୍ତ ଅମ୍ଳଜାନ ପହଞ୍ଚି ନପାରି ହୃଦଘାତ ହୋଇଥାଏ ।

### ହୃଦଘାତ କିପରି ହୁଏ ?

ଏହା ସେତେବେଳେ ଘଟେ ଯେତେବେଳେ ହୃଦୟ ମାଂସପେଶୀ ଅତ୍ୟଧିକ କଠିନ କିମ୍ବା ଅତ୍ୟଧିକ ଦୁର୍ବଳ ହୋଇଯାଏ। ଏହା ହେତୁ ହୃତପିଣ୍ଡ ରକ୍ତକୁ ଦକ୍ଷତାର ସହିତ ପମ୍ପ କରିପାରି ନଥାଏ, ଯାହା ଫଳରେ ଶରୀରର ବିଭିନ୍ନ ଅଂଶରେ ତରଳ ପଦାର୍ଥ ଜମା ହୁଏ। ଏହି କାରଣରୁ ଏହାକୁ କେତେକ ସମୟରେ କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର କୁହାଯାଏ, କାରଣ ରକ୍ତ ଏବଂ ତରଳ ପଦାର୍ଥ ଶରୀରର



ଟିସୁଗୁଡ଼ିକରେ ଜମା ହୁଏ। ହୃଦୟର ଡାହାଣ ପାର୍ଶ୍ୱ ଫୁସଫୁସକୁ ରକ୍ତ ପମ୍ପ କରେ, ଯେତେବେଳେ ବାମ ପାର୍ଶ୍ୱ ଫୁସଫୁସରୁ ଶରୀରର ଅନ୍ୟାନ୍ୟ ଅଂଶକୁ ଅମ୍ଳଜାନ ଯୁକ୍ତ ରକ୍ତ ପମ୍ପ କରେ। ଯେତେବେଳେ ଏହି ପ୍ରକ୍ରିୟା ବିଫଳ ହୁଏ, ସେତେବେଳେ ଶ୍ୱାସକ୍ଲାନ୍ତି, ଥକ୍କାପଣ ଏବଂ ଫୁଲା ଭଳି ଲକ୍ଷଣ ଦେଖାଯାଏ।

### ହୃଦଘାତର ଆଶଙ୍କା କାହାର ଅଧିକ ଥାଏ ?

ହୃଦଘାତ ଯେକୌଣସି ବୟସରେ ହୋଇପାରେ, କିନ୍ତୁ ବୟସ୍କ ଲୋକଙ୍କର ବିପଦ ଅଧିକ ଥାଏ। ଏହାର ସାଧାରଣ କାରଣ ହେଉଛି କରୋନାରୀ ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ସ୍ଥୂଳତା ଏବଂ ଧୂମପାନ। ଏହି ଅବସ୍ଥା ପ୍ରାୟତଃ ଧୀରେ ଧୀରେ ବିକଶିତ ହୁଏ। ଲୋକମାନେ ପ୍ରାୟତଃ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଅନୁଭବ କରନ୍ତି ନାହିଁ । କିନ୍ତୁ ସମୟ ସହିତ, ନିଶ୍ୱାସ ନେବାରେ କଷ୍ଟ, ଥକ୍କାପଣ ଏବଂ ଗୋଡ଼ କିମ୍ବା ପେଟ ଫୁଲିବା ବୃଦ୍ଧି ପାଏ।

### ହୃଦଘାତ ପରେ ମଧ୍ୟ ଦୀର୍ଘ ଜୀବନ ସମ୍ଭବ

ହୃଦଘାତ ଏକ ଗମ୍ଭୀର ଅବସ୍ଥା, କିନ୍ତୁ ଶୀଘ୍ର ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଜୀବନକୁ ଲମ୍ବା କରିପାରିବ। କିଛି ଗବେଷଣା ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ଧ୍ୟାନ ଦିଅନ୍ତି, ସମୟାନୁସାରେ ଔଷଧ ନିଅନ୍ତି ଏବଂ ସକ୍ରିୟ ରୁହନ୍ତି, ତେବେ ସେ ବହୁ ବର୍ଷ ପର୍ଯ୍ୟନ୍ତ ଏକ ସାଧାରଣ ଜୀବନଯାପନ କରିପାରିବେ। ବିଶେଷଜ୍ଞମାନେ କୁହନ୍ତି ଯେ ହୃଦଘାତର ଅର୍ଥ ହୃଦଘାତ ବନ୍ଦ ହୋଇଗଲା ବୋଲି ନୁହେଁ; ବରଂ ଏହା ଏକ ଚେତାବନୀ ଯେ ପୂର୍ବ ଅପେକ୍ଷା ଏବେ ହୃତପିଣ୍ଡର ଯତ୍ନ ନେବା ଅଧିକ ଗୁରୁତ୍ୱପୂର୍ଣ୍ଣ।

### ହୃଦଘାତର ଚିକିତ୍ସା

ଲକ୍ଷଣଗୁଡ଼ିକୁ ନିୟନ୍ତ୍ରଣ କରିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ଉପରେ ଧ୍ୟାନ ଦେବା ହିଁ ହୃଦଘାତର ଚିକିତ୍ସା । ଔଷଧ ସହିତ, ହୃଦୟଘାତର ଚିକିତ୍ସାରେ ଜୀବନଶୈଳୀରେ ପରିବର୍ତ୍ତନକୁ ମଧ୍ୟ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ। ଡାକ୍ତରମାନେ ସାଧାରଣତଃ ବିଟା ବ୍ଲକର୍ସ, ଡାଇୟୁରେଟିକ୍ସ ଏବଂ ଏସିଇ ଇନହିବିଟର ଭଳି ଔଷଧ ଲେଖନ୍ତି, ଯାହା ହୃଦଘାତକୁ ହ୍ରାସ କରେ। ଗୁରୁତର କ୍ଷେତ୍ରରେ, ହୃତପି ପ୍ରତିରୋପଣ କିମ୍ବା ପେସମେକର ପ୍ରତିରୋପଣ ସୁପାରିଶ କରାଯାଇପାରେ।

# ପ୍ରତିଦିନ ଚାଲିବା ଦ୍ୱାରା କମିଥାଏ ୧୩ ପ୍ରକାର କ୍ୟାନସର୍ ରୋଗର ଆଶଙ୍କା



ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟର ରହସ୍ୟ ତାଙ୍କ ଦୈନନ୍ଦିନ ଜୀବନଶୈଳୀରେ ରହିଛି। ଆପଣଙ୍କ ଜୀବନଶୈଳୀ ଆପଣଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରେ। ଆସନ୍ତୁ ଜାଣିବା ଯେ, ଆପଣ ୧୩ ପ୍ରକାରର କର୍କଟ ରୋଗରୁ ନିଜକୁ ରକ୍ଷା କରିବା ପାଇଁ କ'ଣ ପଦକ୍ଷେପ ନେଇପାରିବେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ, ଚାଲିବା ଦ୍ୱାରା କର୍କଟ ରୋଗର ଆଶଙ୍କା ହ୍ରାସ ପାଇପାରେ। କିଛି ଲୋକଙ୍କ କାର୍ଯ୍ୟକଳାପ ଟ୍ରାକ୍ କରାଯାଇଥିଲା ଏବଂ ଜଣାପଡିଥିଲା ଯେ, ଯେଉଁମାନେ ଯେତେ ଅଧିକ ଚାଲିବେ, ସେମାନଙ୍କର କର୍କଟ ରୋଗର ଆଶଙ୍କା ସେତେ କମ୍ ହେବ। ଚାଲିବା ଏବଂ କର୍କଟ ରୋଗର ହ୍ରାସ ବିପଦ ମଧ୍ୟରେ ସମ୍ପର୍କ ଅନେକ ଅଧ୍ୟୟନରେ ନିଶ୍ଚିତ ହୋଇଛି। ଏହା କୁହାଯାଇଛି ଯେ ଆପଣ ଯେତେ ଅଧିକ ଚାଲିବେ, ଆପଣ ସେତେ ସୁରକ୍ଷିତ। ଏଥିରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ୮୫,୦୦୦ ଯୁବକଙ୍କୁ ସାମିଲ କରିଥିଲା, ଯେଉଁମାନେ ସମ୍ପୂର୍ଣ୍ଣ ଗୋଟିଏ ସପ୍ତାହ ପାଇଁ ଆକ୍ସିଲେରୋମିଟର ପିନ୍ଧିଥିଲେ ଏବଂ ୬ ବର୍ଷ ଧରି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ଏହି ସମୟ ମଧ୍ୟରେ, ଅଧ୍ୟୟନରେ ସାମିଲ ହୋଇଥିବା ୨,୬୦୦ ଲୋକଙ୍କ ମଧ୍ୟରୁ ଅତି କମରେ ୧୩ ଜଣଙ୍କ ମଧ୍ୟରୁ ଜଣେ କର୍କଟ ରୋଗ ଚିହ୍ନଟ ହୋଇଥିଲେ। ଏହା ବ୍ୟତୀତ, ଯେତେବେଳେ ସେମାନଙ୍କର ଚାଲିବା ପାଦକୁ ଟ୍ରାକ୍ କରାଯାଇଥିଲା, ସେତେବେଳେ ଏକ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା। ଦେଖାଗଲା ଯେ, ଯେଉଁମାନେ ଦୈନିକ ୭,୦୦୦ ପାଦ ଚାଲିଥିଲେ ସେମାନଙ୍କ କର୍କଟ ରୋଗର ଆଶଙ୍କା ୧୧ ପ୍ରତିଶତ କମ୍ ଥିଲା। ଏହି ସମୟରେ, ଦୈନିକ ୯,୦୦୦ ପାଦ ଚାଲିବା ଲୋକଙ୍କ ପାଇଁ ଏହି ପ୍ରତିଶତ ୧୬ ପ୍ରତିଶତକୁ ହ୍ରାସ ପାଇଛି। ତଥାପି, ଏହି ଅଧ୍ୟୟନ ସମୟରେ ବିଚାର କରାଯାଇଥିବା ଚାଲିବା ସେତେ ପ୍ରଭାବଶାଳୀ ନଥିଲା। ଅଧିକ ଗତିରେ ଚାଲିବା ଦ୍ୱାରା ଅଧିକ କ୍ୟାଲୋରୀ ନଷ୍ଟ ହୋଇଥାନ୍ତା। ୧୩ଟି କର୍କଟ ରୋଗ ମଧ୍ୟରେ ମୂତ୍ରାଶୟ, ସ୍ତନ, କୋଲୋରେକ୍ଟାଲ୍, ଏଣ୍ଡୋମେଟ୍ରିଆଲ୍, ଖାଦ୍ୟନଳୀ, ବୃକକ୍, ଯକୃତ, ଫୁସଫୁସ, ପେଟ ଏବଂ ମଳଦ୍ୱାର କର୍କଟ ରୋଗ ଏବଂ ଲ୍ୟୁକେମିଆ, ମାଏଲୋମା ଏବଂ ମୁଣ୍ଡ ଏବଂ ବେକ କର୍କଟ ରୋଗ ଅନ୍ତର୍ଭୁକ୍ତ।

# ମୋବାଇଲ୍ ଫୋନ୍ ବ୍ୟବହାର କରିବା ବେଳେ ବେକ ବଙ୍କା କରୁଛନ୍ତି କି ?



ଆଜିକାଲି ମଣିଷ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ଅଫିସରେ ଘଣ୍ଟା ଘଣ୍ଟା ଲାପଟପରେ କାମ କରିବା ହେଉ କିମ୍ବା ପ୍ରତିଦିନ ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍‌ରେ ରିଲ୍‌ସ ସ୍କ୍ରୋଲ୍ କରିବା ହେଉ, ଏହି ଜିନିଷଗୁଡ଼ିକ ଆମ ଜୀବନଶୈଳୀର ଏକ ଅଂଶ ହୋଇଗଲାଣି। ଯାହା ଆମ ସ୍ୱାସ୍ଥ୍ୟ ଉପରେ ଏକ ନକରାତ୍ମକ ପ୍ରଭାବ ପକାଉଛି। ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି, ଯାହା ମଧ୍ୟରୁ ଗୋଟିଏ ହେଉଛି ସର୍ଭାଇକାଲ୍ ପେନ୍। ଲଗାତାର ଭୁଲ ଆସନରେ ବସିବା ଯୋଗୁଁ, ଯୁବପିଢ଼ିଙ୍କ ମଧ୍ୟରେ ଏହି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆସନ୍ତୁ ଜାଣିବା ଯେ, ଏହି ରୋଗ କେତେ ବିପଦପୂର୍ଣ୍ଣ ଏବଂ ଏହା ଲୋକଙ୍କୁ କିପରି ପ୍ରଭାବିତ କରେ। ଖରାପ ପୋଜିସନରେ ଲଗାତାର ବସିବା ଦ୍ୱାରା ମୁଣ୍ଡରୁ ବେକ ଉପରେ ଅତ୍ୟଧିକ ଚାପ ପଡ଼ିଥାଏ, ଯାହା ଫଳରେ ହାଡ଼ରେ କ୍ଷୟ ବୃଦ୍ଧି ପାଏ। ଏହା ଯନ୍ତ୍ରଣା, କଠିନତା, ଝିମ୍ ଝିମ୍ ଏବଂ ଖରାପ ପୋଜିସନ ଯୋଗୁଁ ବହୁ ସଂଖ୍ୟକ ହସ୍ପିଟାଲକୁ ଯାଆନ୍ତି। ଏକ ସାଧାରଣ ମୁଣ୍ଡର ଓଜନ ୪ ରୁ ୫ କିଲୋଗ୍ରାମ ମଧ୍ୟରେ ହୋଇଥାଏ, କିନ୍ତୁ ଖରାପ ପୋଜିସନ ଯୋଗୁଁ, ବେକ ଉପରେ ଓଜନ ୧୨ ରୁ ୨୭ କିଲୋଗ୍ରାମ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଯଦି ବେକ ସବୁବେଳେ ବଙ୍କା ରହିଥାଏ, ତେବେ ସର୍ଭାଇକାଲ୍ ଭେରିଟାବ୍ରାର ବିପଦ ବହୁତ ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ହେଉଛି କଠିନତା ଏବଂ ବେକରେ ଯନ୍ତ୍ରଣା। ଯଦି ଅଣଦେଖା କରାଯାଏ, ତେବେ ଏହା ସମୟ ସହିତ ଅଧିକ ଗମ୍ଭୀର ସମସ୍ୟା ଆଡ଼କୁ ଗତି କରିପାରେ, ଯେପରିକି ମୁଣ୍ଡବିନ୍ଧା, ଟାଣ ସ୍ନାୟୁ ମୁଣ୍ଡବିନ୍ଧା ଏବଂ ମାଂସପେଶୀ ଦୁର୍ବଳତା। ଯଦି ଅବସ୍ଥା ନିୟନ୍ତ୍ରଣ ବାହାରକୁ ଯାଏ, ତେବେ ଏଥିପାଇଁ ଡାକ୍ତରୀ ଚିକିତ୍ସା ଆବଶ୍ୟକ । ଯେଉଁଥିରେ ଶାରୀରିକ ଚିକିତ୍ସା, ଯନ୍ତ୍ରଣା ନିବାରକ ଔଷଧ ଏବଂ କେତେକ ସମୟରେ ଅସ୍ତ୍ରୋପଚାର ମଧ୍ୟ ଅନ୍ତର୍ଭୁକ୍ତ। ଯଦି ଆପଣ ସର୍ଭାଇକାଲ୍ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଆପଣଙ୍କର ଜୀବନଶୈଳୀ ଏବଂ ଦୈନନ୍ଦିନ କାର୍ଯ୍ୟରେ କିଛି ପରିବର୍ତ୍ତନ କରିବାକୁ ପଡିବ।

# ମହିଳାଙ୍କ ପାଇଁ ଘାତକ ଆଲ୍‌କହଲ୍



ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ। ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ। ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ। ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

# ହୀରାକୁଦ ଜଳଭଣ୍ଡାରର ୭ ଗେଟ୍ ଖୋଲା



**ସମ୍ବଲପୁର, ୭ ।୧୦ (ସଂଚାର ବ୍ୟୁରୋ):** ମଙ୍ଗଳବାର ପୂର୍ବାହ୍ନ ୯ଟା ସୁଦ୍ଧା ୯ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ ପରେ ସ୍ଥିତିକୁ ଦେଖି ଦିନ ସାଢ଼େ ୧୨ଟା ସୁଦ୍ଧା ୨ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଥିଲା।
ଅପରାହ୍ନ ୩ଟା ସୁଦ୍ଧା ୭ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୫ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି।

ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଅପରାହ୍ନ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୯.୬୫ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୪ ହଜାର ୮୬୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୭ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୪ ହଜାର ୮୬୮ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି।

ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୦୭.୨୫ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୧୧.୧୯ ମି.ମି. ବର୍ଷା ରେକର୍ଡ଼ ହୋଇଛି।

# ପୋଲ ଉପରେ ୪ ଫୁଟ୍‌ର ବନ୍ୟା ଜଳ



**ଅମରପାଲି,୭।୧୦(ସଂଚାର ବ୍ୟୁରୋ):** ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଲୁତୁରପଙ୍କ - ଭୁଡିଆପାଲି ମଝିରେ ଯାଇଥିବା ଘୁଙ୍ଗିଯୋର ପୋଲ ଉପରେ ମଙ୍ଗଳାବର ୪ ଫୁଟ୍‌ର ବନ୍ୟା ଜଳ ପ୍ରବାହିତ ହେଉଛି। ମଙ୍ଗଳବାର ସକାଳୁ ବର୍ଷା ଲାଗି ରହିବା ଫଳରେ ପୋଲ ଉପରେ ପ୍ରାୟ ଚାରି ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ବୀରମହାରାଜପୁରରୁ ଅମରପାଲିକୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। କୌଣସି ଗାଡ଼ି ମଟର ଯିବା ଆସିବା କରିପାରୁନାହିଁ।
ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ବନ୍ୟାପାଣି ପ୍ରବାହିତ ଫଳରେ ବ୍ଲକର ଲୁତୁରପଙ୍କ, ବହଳପଦର, ଦୁର୍ଜନଟୈଲା ପଞ୍ଚାୟତର ସମେତ ରେଢ଼ାଖୋଲ ବ୍ଲକର ବୀରମହାରାଜପୁର ଉପରେ ନିର୍ଭର କରୁଥିବା ପ୍ରାୟ ୫୦ରୁ ଉଦ୍ଧର୍ବ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।
ଏହି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ଅଟେ।
ଏହି ରାସ୍ତା ଦେଇ ବୀରମହାରାଜପୁରରୁ ଅମରପାଲି - ଯୁଯୁମୁରା ଦେଇ ସମ୍ବଲପୁର, ଚାରମାଳ ଦେଇ ରେଢ଼ାଖୋଲକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ ହଜାର ହଜାର ସଂଖ୍ୟକ ଲୋକ ଯିବା ଆସିବା କରିଥାନ୍ତି। ସୂଚନା ଅନୁସାରେ, ବୀରମହାରାଜପୁରରୁ ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ମୋଚିବାହାଲରେ ୫୫ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଥିବା ପୋଲ ନିର୍ମାଣ ପାଇଁ ବହୁ ଦିନରୁ ଦାବି ହେଉଛି । ମାତ୍ର ବିଭାଗୀୟ ଅବହେଳା ଓ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁ ପୋଲ ନିର୍ମାଣ ହୋଇପାରୁନାହିଁ। ପ୍ରତିବର୍ଷ ସାମାନ୍ୟ ବର୍ଷା ହେଲେ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତରେ ବ୍ୟାଘାତ ହେଉଥିବାରୁ ଏହି ଘୁଙ୍ଗିଯୋର ଉପରେ ତୁରନ୍ତ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ମା’ କନକ ଦୁର୍ଗା ମହୋତ୍ସବ ଉଦଯାପିତ

## ବାଗଲପୁରରେ ପୂଜା ପାଉଛନ୍ତି ପୁରୀ ଗଜପତିଙ୍କ କନକଦୁର୍ଗା



**ବାଲିପାଟଣା,୭।୧୦(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ଆଦର୍ଶ ୟୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ଉଦ୍ୟମରେ ସ୍ଥାନୀୟ ମେଳଣ ପଡ଼ିଆରେ ତୃତୀୟ ମା’ କନକଦୁର୍ଗା ମହୋତ୍ସବ - ୨୦୨୫ ଗତକାଲି ଉଦଯାପିତ ହୋଇଯାଇଅଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ କନକଦୁର୍ଗାଙ୍କ ଅପାର ମହିମା ତଥା କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ମା’ ଙ୍କ ପୀଠର ପ୍ରଚାର ପ୍ରସାର ନିମନ୍ତେ ୨ଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ: ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ନାରାୟଣ ବେହେରା ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଭୁବନେଶ୍ୱର ଜିଲ୍ଲା ସଭାପତି ସ୍ୱୟଂ ସେବକ ରାୟ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବିଜେପି ନେତା ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ର ମୁ ଖ ଯୋଗ ଦେଇଥିଲେ। ଆଶୁତୋଷ ଦାଶ ସଭା ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ଚମତ୍କାର ଓଡ଼ିଶୀ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା।

# ମାଳଦାରେ ବୈତରଣୀ ମହୋତ୍ସବ ଉଦଘାଟିତ

**ଭଦ୍ରକ,୭।୧୦(ସଂଚାର ବ୍ୟୁରୋ):** ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ମଞ୍ଚରେ ଆଜି ବୈତରଣୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ରାଜ୍ୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରି ଏହା ଧର୍ମ ସଂସ୍କୃତିର ମିଳନ ବୋଲି କହିଥିଲେ।
ସମ୍ପ୍ରତି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସମସ୍ତେ ଗତି କରୁଥିବା ବେଳେ ନିରନ୍ତର ସଂଘର୍ଷ କଲେ ସଫଳତା ମିଳିବ ବୋଲି ଏହି ଅବସରରେ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ।

# ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ଲମ୍ବିଛି କେଳେଙ୍କାରୀର ଫର୍ଦ୍ଦ!

## କାର୍ଯ୍ୟାନୁଷ୍ଠାନ ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କଲେ ସମାଜସେବୀ



**ବିଞ୍ଝାରପୁର,୭।୯(ସଂଚାର ବ୍ୟୁରୋ):** ରାଜ୍ୟର ବେଆଇନ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ ସରକାର ଯେତେବେଳେ ପ୍ରହାର ଭଳି ଅପରେସନ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ସେତେବେଳେ ଏମିତି କିଛି ଦୁର୍ନୀତି ଖୋର୍ ଅଧିକାରୀଙ୍କ ନା ସାମ୍ନାକୁ ଆସୁଛି ଯେଉଁ ମାନଙ୍କର ଲାଞ୍ଚ ଖୋର ମାନବୃତି ପାଇଁ ସବୁ କିଛି ମୂଲ୍ୟ ହିନ ପାଲଟିଛି। ଆସିଥିବା ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲାରେ ପାଖାପାଖି ୯ ମାସ ହେବ ଗାଁ ଗାଁ, ସାହି ସାହି ରେ ପ୍ରବଳ ମାତ୍ରାରେ ବେସରକାରୀ ନିଶା କାରବାର ବଢ଼ିବାରେ ଲାଗିଛି। ଚୋରାରେ ବିକ୍ରି ହେଉଛି ଗୁଡ଼ ଓ ରାସାୟନିକ ୟୁରିଆ ସାର ମିଶ୍ରିତ ମଦ, ହାତ ତିଆରି ମଦ ଭଳି ଆଦି ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ। ଏହା ହେବା ଦ୍ୱାରା ନିଶାଡିଙ୍କ ସଂଖ୍ୟା ବୃଦ୍ଧି ହେଉଛି। ନିଶାଡିଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଚୋରି, ରାହାଜାନି, ଗଣ୍ଡଗୋଳ ଆଦି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ସମାଜରେ ବୃଦ୍ଧି ପାଉଛି। ଅନ୍ୟପଟେ ହାତ ତିଆରି ନିଶା ଖାଇ ଲୋକେ ମଧ୍ୟ ମୃତ୍ୟୁ ବରଣ କରୁଛନ୍ତି। ଏକ ଭରଷା ଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ତା ୩୦/୦୧/୨୦୨୫ ରିଖରେ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗର ଚିଠି ନମ୍ବର ୫୩୫ ରେ ଯାଜପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଭାବେ ଶ୍ରୀଯୁକ୍ତ ଦିବ୍ୟକିଶୋର ତଣ୍ଡେଇ ନୂତନ କରି ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ



**ସୁବର୍ଣ୍ଣପୁର,୭।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ୫୦ ଜଣ ବରିଷ୍ଠ ନାଗରିକ ଦୁଇଟି ବସରେ ଯାତ୍ରା ଓ ସାଥୀ ଅଧିକାରୀ ସହଦେବ ମେହେର, ସହକାରୀ ନାଜିର ଓ ବିଶ୍ୱନାଥ ସେଠ୍, ବରିଷ୍ଠ ରାଜସ୍ୱ ସହାୟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଙ୍କ ଅଯୋଧ୍ୟା ଓ ବନାରସ ଯାତ୍ରା ପାଇଁ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ସଚିବ, ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା ସନ୍ତୋଷ କୁମାର ଦାଶଙ୍କ ଦ୍ୱାରା ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରାଯାଇଥିଲା। ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ସହକାରୀ ଜିଲ୍ଲାପାଳ, ନିଜାରତ, ସୁବର୍ଣ୍ଣପୁର, ସତ୍ୟବ୍ରତ ସାହୁ, ସହକାରୀ ଜିଲ୍ଲାପାଳ, ସଂସ୍ଥାପନା ଶାଖା ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ସୁବର୍ଣ୍ଣପୁର, ରମେଶ ଚନ୍ଦ୍ର ଗୋଛି, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର, ଅର୍ଜୁନ ମାଝୀଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଦୁଇ ଗୋଟି ବସରେ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ଠାରୁ ଆଜି ଅପରାହ୍ନ ଠାରୁ ଆରମ୍ଭ ହେଲା।

# ୧୪୦ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା, ବାରାଣସୀ ଯାତ୍ରା

**ବଲାଙ୍ଗିର, ୭।୧୦ (ସଂଚାର ନ୍ୟୁଜ):** ରାଜ୍ୟ ସରକାରଙ୍କ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧ୍ୟା-ବାରାଣସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ଆଜି ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରଞ୍ଚଳରୁ ୧୪୦ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା, ବାରାଣସୀକୁ ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରଶ୍ମୀରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ. ବିଜୟନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ଦାବି

● ତହସିଲ କାର୍ଯ୍ୟାଳୟକୁ ଆସି ଫେରାଦ ଦେଲେ ଗ୍ରାମବାସୀ



**ଅମରପାଲି,୭।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଜଟେସିଂହା ପଞ୍ଚାୟତର କୁଡ଼ାପଡ଼ା ଗ୍ରାମରେ ବ୍ୟାପକ ଭାବେ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଯିବାଆସିବା ତଥା ରାସ୍ତାଘାଟ ଆଦି ବିଭିନ୍ନ କ୍ଷେତ୍ରରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିପାଇଁ ଗ୍ରାମବାସୀ ଏକ ବୈଠକ କରି ସ୍ୱତଃପ୍ରବୃତ୍ତ ଭାବରେ ନିଜେ ନିଜେ ଜବରଦଖଲ କରିଥିବା ସରକାରୀ ଜମି ଛାଡ଼ିଦେବାକୁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀ ସରକାରୀ ଜମି ଚିହ୍ନଟ ଓ ଉଚ୍ଛେଦ ପାଇଁ ଦାବି କରି ସୋମବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଆସି ତହସିଲଦାରଙ୍କ ଠାରେ ଫେରାଦ ଦେଇଥିବା ଜଣାପଡ଼ିଛି। ଗ୍ରାମବାସୀ ଯଥାଶୀଘ୍ର ଗ୍ରାମର ସମସ୍ତ ଗୋଚର, ଅନାବାଦୀ ଆଦି ସରକାରୀ ଜମିଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରାଯିବାକୁ ଦାବି କରିଥିଲେ । ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ ଓ ତହସିଲଦାରଙ୍କ ସହ ଆଲୋଚନା କରି ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗ୍ରାମର ସଞ୍ଜୀବ କୁମାର ବିଶାଳ, ଝରିଆ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଦାବିପତ୍ର ଦେବାକୁ ଆସିଥିଲେ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀବର୍ଷ ବିଜୟା ଦଶମୀ ଉତ୍ସବ ପାଳିତ

**କନ୍ଧମାଳ,୭।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ସଦରମହକୁମା ସ୍ଥିତ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖଜୁରୀପଡ଼ା ମିନି ଷ୍ଟାଡିୟମ ଠାରେ ରବିବାରଦିନ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଖଜୁରୀପଡ଼ା ଖଣ୍ଡମଣ୍ଡଳର ଶତାବ୍ଦୀବର୍ଷ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କିଶୋର ତ୍ରିପାଠୀ, ମୁଖ୍ୟବକ୍ତା ରୂପେ କନ୍ଧମାଳ ଜିଲ୍ଲା ସଂଘ ଚାଳକ ରମେଶଚନ୍ଦ୍ର ସାହୁ, ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସହ କାର୍ଯ୍ୟବାହ ନରେଶ ମହାନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ଖଜୁରୀପଡ଼ା ଖଣ୍ଡକାର୍ଯ୍ୟବାହ କେଦାରଗୌରୀ ସାହୁ, ମୁଖ୍ୟ ଶିକ୍ଷକ ଦେବବ୍ରତ ମଲିକ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ସମାଜର ଏକତା ସାମାଜିକ ସଦଭାବନା ଓ ଦେଶ ଭକ୍ତି ଉପରେ ମତ ରଖି ୧୦୦ ବର୍ଷ ପୁରଣ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲକ୍ଷ୍ୟ ଓ ଉଦ୍ଧେଶ୍ୟ ତଥା ପଞ୍ଚ ପରିବର୍ତ୍ତନ ମାଧ୍ୟମରେ ସମାଜ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ।

# ଡୁମାଳ ସମାଜର ବାର୍ଷିକ ବୈଠକ

**ସୁବର୍ଣ୍ଣପୁର,୭।୧୦ (ସଂଚାର ବ୍ୟୁରୋ):** ମା ମାହେଶ୍ୱରୀ ମେଳଣ ପଡ଼ିଆ କାନପୁର ଠାରେ ଜିଲ୍ଲା ଡୁମାଲ୍ ପରିଷଦ ଜିଲ୍ଲା ସଭାପତି ଅଶ୍ୱିନୀ ମହାକୁର ଙ୍କ ପୌରହିତ୍ୟ ରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଅଛି। ୩୨, ୪୨୮ ଡୁମାଲ୍ ପରିବାର ସର୍ଭେ ସମ୍ପନ୍ନ କରି ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି, ସମାଜ ସଂସ୍କାର ପାଇଁ ନୀତିଗତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା।ଆଲୋଚନାରେ ମାହେଶ୍ୱରୀ ସେବକ, ହାଣ୍ଡିବର୍ଗି, କେନ୍ଦ୍ର କମିଟି କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରି ନିଜ ମତାମତ ପ୍ରଦାନ କରିଥିଲେ। ଅତିଥି ଭାବରେ ରାଜ୍ୟ ଡୁମାଲ୍ ପରିଷଦ ଉପ ସଭାପତି ଲୋକନାଥ ମାହାର, ରାଜ୍ୟ ପରିଷଦ କର୍ଯ୍ୟ କାରିଣୀ ସଦସ୍ୟ ଭୂଷଣ କୁମାର ପାତ୍ର, ଜିଲ୍ଲା ଆଇନ ସେଲ ଅଧ୍ୟକ୍ଷ ସ୍ୱୟଂଭୂ ନାଥ ଖଣ୍ଡଗିରି ଉଦବୋଧନ ଦେଇ ଜାତି ସମାଜ ର ସିଦ୍ଧାନ୍ତ ସର୍ବାଗ୍ରେ ତେଣୁ ସମସ୍ତେ ଅନୁପାଳନ କରିବା ବାଞ୍ଛନୀୟ ବୋଲି ମତପ୍ରକାଶ କରିଥିଲେ। ଜିଲ୍ଲା ସମ୍ପାଦକ କିଶୋର କର୍ମୀ ବାର୍ଷିକ ବିବରଣୀ ଓ ଆୟ ବ୍ୟୟ ଉପସ୍ଥାପନ କରି ଥିଲେ।

# ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ଦାବିରେ ଥାନାର ଦ୍ୱାରସ୍ଥ ଗ୍ରାମବାସୀ



**ବାଲିଆପାଳ,୭।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଞ୍ଚାୟତରେ ଥିବା ପଦ୍ମ ପୋଖରୀର ପାଣି ଲୋକଙ୍କ ଘରେ ପଶିବା ଫଳରେ ସେମାନେ ଏବାବଦରେ ପଞ୍ଚାୟତର ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଦୁଃଖର କଥା ଜିଲ୍ଲାପାଳଙ୍କ ନାଁରେ ମିଛ ଅଭିଯୋଗ ଆଣି ବାଲିଆପାଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଲୋକଙ୍କୁ ଉତ୍ତକ୍ତ କରିଥିଲେ। ଯାହା ଫଳରେ ଗ୍ରାମର କିଛି ଲୋକ ସରପଞ୍ଚର ସ୍ୱାମୀଙ୍କୁ ବାନ୍ଧିବା ଘଟଣା ସୋସିଆଲ ମିଡ଼ିଆରେ ଦେଖିବାକୁ ମିଳିଥିଲା। ଖବର ପାଇ ପଞ୍ଚାୟତର ୭ ନଂ ଓଆର୍ଡରେ ଥିବା ପଦ୍ମପୋଖରୀ ନିକଟରେ ତହସିଲ ଦାର ଜୋସ୍ନାରାଣୀ ନାୟକ ଓ ଥାନା ଷ୍ଟାପ ପହଞ୍ଚି ଥିଲେ। ସେଠାରେ ରହୁଥିବା ପଚାଶରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ଓ ଗରିବ ପରିବାର ନିଜର ଦୁଃଖ ଜଣାଇଥିଲେ। ସେମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ଭଲ ଘରଟିଏ ନାହିଁ।ପଲିଥିନ ତଳେ ଦିନ ବିତୁଥିବା ବେଳେ ଅଦିନିଆ ବର୍ଷା ସେମାନଙ୍କୁ ଦାଉ ସାଜିଛି। ସେପଟେ ପୋଖରୀ ପାଣି ଘରେ ପଶି ଲହଡି ମାରୁଛି। ଅଧିକାଂଶ ପରିବାରବର୍ଗ ଥଣ୍ଡା, କାଶ ଓ ଜ୍ୱର ସାଙ୍ଗକୁ ରାତିରେ ଜୀବଜନ୍ତୁ ଭୟରେ ଘର ଛାଡ଼ି ବାହାରେ ଘର ଭଡା ନେଇ ରହୁଛନ୍ତି। ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ସେମାନଙ୍କୁ ଆଜି ଯାଏଁ ଖଣ୍ଡେ ପଲିଥିନ ମିଳିପାରିଲା ନାହିଁ। ଏଭଳି ସ୍ଥିତିରେ ଲୋକମାନେ ରହିଥିବାବେଳେ ହେମନ୍ତ ଦାସ ତାଙ୍କ ସମର୍ଥକ ନାଁରେ ପୋଖରୀ ନିଲାମରେ ଧରି ସେଠାରେ ଅରାଜକତା ସୃଷ୍ଟି କରୁଛନ୍ତି।

# ତ୍ରିଦିବସୀୟ ବିକଶିତ ଓଡ଼ିଶା ପ୍ରଦର୍ଶନୀ ଉଦଘାଟିତ



**ବାରିପଦା,୭।୧୦ (ସଂଚାର ବ୍ୟୁରୋ):** ଇନସ୍ପାୟାର୍ ଫାଉଣ୍ଡେସନ, ନିଉ ଦିଲ୍ଲୀ ଆନୁକୂଲ୍ୟରେ ଆଜି ମଙ୍ଗଳବାର ଦିନ ପୂର୍ବାହ୍ନ ୧୧.୩୦ ଟାରେ ବିକଶିତ ଓଡ଼ିଶା ପ୍ରଦର୍ଶନୀ ୨୦୨୫ ରାଇରଙ୍ଗପୁର ଷ୍ଟାଡିୟମ ପଡ଼ିଆଠାରେ ମୟୂରଭଂଜ ସାଂସଦ ନବ ଚରଣ ମାଝୀ, ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ପଶ୍ଚିମ ମୟୂରଭଂଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀର ସଦସ୍ୟ ସଞ୍ଜିବ ମହାନ୍ତି, ଜିଲ୍ଲା ବିଜେପି ସାଧାରଣ ମନୋଜ ଦାସ, ସଂପାଦକ ଅନୁଷ୍ଠାନର ସିଇଓ ବିନୋଦ କୁମାର, ପ୍ରୋଜେକ୍ଟ ମୁଖ୍ୟ ଅନିଶା ଯାଦବ, ସଂଯୋଜକ ଆଦିତୀ ସାକସେନା, ବିଶାଳ ମଲିକ, ଆଫଜଲ ସିଦ୍ଧିକୀ ପ୍ରମୁଖଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ଏହି ବିକଶିତ ଓଡ଼ିଶା ପ୍ରଦର୍ଶନୀ ୨୦୨୫ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୫୦ ରୁ ଉର୍ଦ୍ଧ୍ୱ ସରକାରୀ ଏବଂ ବେସରକାରୀ ସଂସ୍ଥା ଅଂଶ ଗ୍ରହଣ କରିଛନ୍ତି।ଯେଉଁଥିରେ ନୂତନ ଆଧାର କାର୍ଡ ଏବଂ ସଂଶୋଧନ, ବିଭିନ୍ନକର୍ମ ସଂସ୍ଥାନ ତଥା କୌଶଳ ବିକାଶ ସମ୍ବନ୍ଧୀୟ ବହୁବିଧ ଯୋଜନା ଏଠାରେ ପ୍ରଦର୍ଶିତ ହୋଇଛି। ଏହି କାର୍ଯ୍ୟକ୍ରମ ୭, ୮ ଏବଂ ୯ ତାରିଖ ପୂର୍ବାହ୍ନ ୧୦.୩୦ ରୁ ଅପରାହ୍ନ ୫.୩୦ ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ।

# ହିନ୍ଦୀକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ ପାଇଁ ଆନ୍ଦୋଳନ ଜାରିରଖିବ ରାଷ୍ଟ୍ରଭାଷା ପ୍ରଚାର ସମିତି



**ବାରିପଦା,୭।୧୦ (ସଂଚାର ବ୍ୟୁରୋ):** ଭାରତବର୍ଷର ଭିନ୍ନଭିନ୍ନ ପ୍ରାନ୍ତରେ ଭିନ୍ନଭିନ୍ନ ଭାଷା ପ୍ରଚଳିତ ଓ ଭାରତବର୍ଷ ର ସମସ୍ତ ଜଣସାଧାରଣଙ୍କ ସୁବିଧା ପାଇଁ ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ବହୁ ଦିନରୁ ଆନ୍ଦୋଳନ ହୋଇଆସୁଛି ଓ ସେହି ଧାରାକୁ ବଜାୟ ରଖିବା ପାଇଁ ଓଡ଼ିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସମ୍ପାଦିକା, କର୍ମକର୍ତ୍ତା, ସଭ୍ୟସଭ୍ୟା ମାନେ ହିନ୍ଦୀକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ପ୍ରଦାନ ପାଇଁ ସ୍ଥାନୀୟ ମାଆ ଅମ୍ବିକା ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଆଜି ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଓଡିଶା ରାଷ୍ଟ୍ରଭାଷା ପ୍ରଚାର ସମିତିର ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାଶ ଶର୍ମା, ସଭ୍ୟ ଶମ୍ଭୁନାଥ ପାଣି, ଶଶଧର ବିଶ୍ୱାଳ, ମୋତିଲାଲ ଗୁପ୍ତା, ବିଶ୍ୱନାଥ ମୁର୍ମୁ, ଦୀପକ ହେମ୍ବ୍ରମ, ସଭ୍ୟା ଆଇନଜିବୀ ପାର୍ବତୀ ବାରିକ୍, ପୂର୍ଣ୍ଣିମା ପଣ୍ଡା, ତାରାମଣି ମହାପାତ୍ର, ପ୍ରେମଲତା ବାରିକ୍, ଉର୍ମିଳା କମିଳା, ରତ୍ନ ମଞ୍ଜରୀ ବେହେରା, ବାସନ୍ତୀ ଦେ, କବିତା ଦ୍ୱାରୀ, ମଞ୍ଜୁଲୀ ଦେ ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନ ଦେଶରେ ରାଷ୍ଟ୍ରଭାଷାର ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ନିଃସ୍ୱାର୍ଥପର ଭାବେ ଏହି ଆନ୍ଦୋଳନକୁ ଜାରି ରଖିବେ ବୋଲି ଶପଥ ନେଇଥିଲେ। ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଓ ମା’ ଅମ୍ବିକାଙ୍କ ଆଶିର୍ବାଦ ନେଇ ଦେଶର ଏହି ମହତ କାର୍ଯ୍ୟ ପାଇଁ ଅଭିଯାନର ଶୁଭାରମ୍ଭ ହୋଇଥିଲା।

# ମନୋରଞ୍ଜନଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟଜୀବୀ ସମ୍ମାନ



**ନୀଳଗିରି,୭।୧୦ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ୨୦୨୫ମସିହା ୭୧ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କୁରୁଡ଼ା ସ୍ଥିତ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ମୁଖ୍ୟକାର୍ଯ୍ୟାଳୟରେ ୭ତାରିଖ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରିର ଯୁବ ଉଦ୍ୟୋଗୀ, ପରିବେଶବିତ ତଥା ଫରେଷ୍ଟଗାଇଡ ମନୋରଞ୍ଜନ ଦାସଙ୍କୁ ପରିବେଶ, ବନ୍ୟଜୀବ ସୁରକ୍ଷା ସହିତ ପ୍ରଜାସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ତାଙ୍କର ଦୃଢ଼ ପଦକ୍ଷେପ ପାଇଁ ଆଜି ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମ୍ମାନିତ କରିଛନ୍ତି। କୁଳଡିହା ଅଭୟାରଣ୍ୟ ଏବଂ ଆଖପାଖ ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ପ୍ରଜାସଚେତନତା ଏବଂ ପରିବେଶ ସମ୍ବନ୍ଧୀୟ ଅତୁଳନୀୟ ଅବଦାନପାଇଁ ଶ୍ରୀଯୁକ୍ତ ଦାସଙ୍କୁ‘ମୁଖ୍ୟମନ୍ତ୍ରୀ ବନ୍ୟଜୀବ ସମ୍ମାନ‘ରେ ସମ୍ମାନୀତ କରାଯାଇଛି।

# ଜାତୀୟ ଯୋଗ ଚମ୍ପିୟାନସିପରେ ଭାଗ ନେବେ ମୟୂରଭଞ୍ଜର ୫ ପ୍ରତିଯୋଗୀ



**ବାରିପଦା,୭।୧୦ (ସଂଚାର ବ୍ୟୁରୋ):** କର୍ଣ୍ଣାଟକ ଯୋଗ ସ୍ପୋର୍ଟସ ଏସୋସିଏସନ ଓ ଯୋଗ ଫେଡେରେସନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୫୦ ତମ ଜାତୀୟ ଯୋଗ ସ୍ପୋର୍ଟସ ଚମ୍ପିୟାନସିପରେ ଅଂଶ ଗ୍ରହଣ କରିବେ ମୟୁରଭଞ୍ଜର ୫ ପ୍ରତିଯୋଗୀ ଓ ଚଳିତ ମାସ ୯ ରୁ ୧୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ କେନ୍ଦ୍ରର ପ୍ରକାଶ ବେହେରା, ଦେବାଶିଷ ବାରିକ, ରେଖା ବେହେରା, ଆରତୀ ସିଂ ଓ ସୀତାଦେବୀ ହେମ୍ବ୍ରମ ଯୋଗ ଦେବେ ବୋଲି କେନ୍ଦ୍ରର ପ୍ରତିଷ୍ଠାତା ତଥା ଯୋଗଗୁରୁ ଜ୍ୟୋତି ରଞ୍ଜନ ଦାସ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଉକ୍ତ ସମସ୍ତ ପ୍ରତିଯୋଗୀକୁ ନିଜ କାର୍ଯ୍ୟାଳୟରେ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ସଫଳତା କାମନା କରିଛନ୍ତି । ପ୍ରକାଶ ଥାଉକି ପୂର୍ବରୁ ମଧ୍ୟ ଅନେକଥର ଏହି କେନ୍ଦ୍ରର ଛାତ୍ରଛାତ୍ରୀ ବହୁବାର ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ନିଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।

# ଏନଟିପିସି ଦର୍ଲିପାଲିରେ ହାସ୍ୟରସପୂର୍ଣ୍ଣ କବିତା ସମ୍ମିଳନୀ ବଡ଼ ସଫଳତା

**ସୁନ୍ଦରଗଡ଼,୭।୧୦(ସଂଚାର ବ୍ୟୁରୋ):** ରାଜଭାଷା ହିନ୍ଦୀ ପଖୱାଡାର ଅଂଶ ଭାବରେ ଏନଟିପିସି ଦର୍ଲିପାଲି ଏବଂ ଦୁଲିଙ୍ଗା କୋଇଲା ଖଣି ଦ୍ୱାରା ଶୁଭ୍ରଜ୍ୟୋତି ନଗରର କୋଣାର୍କ ଅଡିଟୋରିୟମ ରେ ମିଳିତ ଭାବରେ ଏକ ମହାନ ଅଖିଳ ଭାରତୀୟ ହାସ୍ୟକବି ସମ୍ମିଳନୀ ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ଦୀପ ପ୍ରଜ୍ୱଳନ ଏବଂ ଏନଟିପିସି ଥିମ୍ ଗୀତ ପରିବେଷଣ ସହିତ। ଦେଶର ପ୍ରସିଦ୍ଧ କବିମାନେ ସେମାନଙ୍କର ମଜାଦାର, ବ୍ୟଙ୍ଗାତ୍ମକ ଏବଂ ହୃଦୟସ୍ପର୍ଶୀ କାବ୍ୟ ସହିତ ଦର୍ଶକଙ୍କୁ ମୋହିତକରିଥିଲେ। ଦିଲ୍ଲୀର ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ କବି ଡକ୍ଟର ଅରୁଣ ଜୈମିନୀ, ଯିଏ ତାଙ୍କର ତୀକ୍ଷ୍ଣ ବ୍ୟଙ୍ଗ ଏବଂ ପ୍ରାକୃତିକ ଉପସ୍ଥାପନା ଶୈଳୀ ପାଇଁ ଜଣାଶୁଣା, ତାଙ୍କର ସ୍ୱାକ୍ଷରିତ ହରିୟାଣଭି ହାସ୍ୟରସ ସହିତ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲେ। ଦିନେଶ ବାୱରା (ମୁମ୍ବାଇ), ଯିଏ ତାଙ୍କର ସହଜ ହାସ୍ୟରସ ଏବଂ ପ୍ରଚଳିତ କାବ୍ୟିକ ପରିବେଷଣ ପାଇଁ ପ୍ରସିଦ୍ଧ, ତାଙ୍କର ଆକର୍ଷଣୀୟ ପ୍ରଦର୍ଶନ ସହିତ ହୃଦୟ ଜିତିଥିଲେ।